www.nirbhaysuchana.com
nirbhaysuchanaepaper.com
www.twitter.com/NirbhaySuchana
www.facebook.com/Nirbhaysuchana

NIRBHAY SUCHANA

# ନିର୍ଭୟ ସୂଚନା

RNI No. ODIODI/2015/65606
Postal RegNo.-CK(N)/22/2021-2023

Vol.No.-12, Issue- 41 Monday 12 October, 2026, JAJPUR , Page-8, Rs. 5/- | ବର୍ଷ-୧୨, ସଂଖ୍ୟା-୪୧ ସୋମବାର, ୧୨ ଅକ୍ଟୋବର, ୨୦୨୬, ଯାଜପୁର, ପୃଷ୍ଠା-୮, ମୂଲ୍ୟ-୫ଟଙ୍କା



ଓଁ ଗୌରୀପରଂ ମଦନମନ୍ଦିରା ସୌମ୍ୟାଷ୍ଟମ୍
ଲାଙ୍ଗୁଳାଶୂଳାପରୀମଣ୍ଡିତା ହସ୍ତଯୁଗାଂ
ବ୍ରହ୍ମେନ୍ଦ୍ରରୁଦ୍ର ଗଣବନ୍ଦିତା ପାଦପଦ୍ମଂ
ନିତ୍ୟମ୍ ଭଜାମୀ ବିରଜାମ୍ ବିଗାତନୁରଗମ୍

ଏସସିବିରେ ମାନସିକ ରୋଗୀଙ୍କ ମୃତ୍ୟୁ ଘଟଣା

## ଆଟେଣ୍ଡାଣ୍ଟ ଓ ସୁରକ୍ଷାକର୍ମୀ ଗିରଫ




କଟକ ୧୧/୧୦(ନି.ସୂ): ଏସସିବି ମେଡିକାଲର ମାନସିକ ରୋଗ ବିଭାଗରେ ଚିକିତ୍ସାଧୀନ ଥିବା ଜଣେ ରୋଗୀଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ନେଇ ଏକ ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ମୃତ ରୋଗୀଜଣକ ହେଉଛନ୍ତି ଯାଜପୁର ଅଞ୍ଚଳର ଶ୍ରୀକାନ୍ତ ଦାସ। ଗତ ସେପ୍ଟେମ୍ବର ୨୮ ତାରିଖରେ ତାଙ୍କୁ ଏହି ବିଭାଗରେ ଭର୍ତ୍ତି କରାଯାଇଥିବା ବେଳେ ସେପ୍ଟେମ୍ବର ୩୦ ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ କମିଶନରେଟ୍ ପୋଲିସ ତଦନ୍ତ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି ଯେ ଶ୍ରୀକାନ୍ତଙ୍କୁ ମାନସିକ ରୋଗ ବିଭାଗରେ ପ୍ଲାଷ୍ଟିକ ପାଇପ୍ ସାହାଯ୍ୟରେ ବହୁତ ନିର୍ଦ୍ଧୁମ ମାଡ଼ ମରାଯାଇଥିଲା। ମୃତଦେହ ଉପରେ ଅନେକ କ୍ଷତ ଓ ମାଡ଼ର ଦାଗ ରହିଥିବା ସେମାନେ ଦେଖିବାକୁ ପାଇଥିଲେ। ଏହା ପରେ ପରିବାର ପକ୍ଷରୁ କଟକର ମଙ୍ଗଳାବାଗ ଥାନାରେ ଏତଲା ଦିଆଯାଇଥିଲା। ଅନ୍ୟପଟେ ଶ୍ରୀକାନ୍ତଙ୍କ ପୋଷ୍ଟମର୍ଟମ ରିପୋର୍ଟ ଆସିବା ପରେ ଏକ ସାଂଘାତିକ ସତ୍ୟ ପ୍ରକାଶ ପାଇଛି। ତାଙ୍କ ଶରୀରରେ ଏକାଧିକ ସ୍ଥାନରେ ଆଘାତ ଲାଗିଥିବା ଏବଂ ମାଡ଼ ଯୋଗୁଁ ହିଁ ତାଙ୍କର ମୃତ୍ୟୁ ହୋଇଥିବା କଥା ରିପୋର୍ଟରୁ ସ୍ପଷ୍ଟ ହୋଇଛି।

## ୯ କୋଟି ଟଙ୍କାର ସୁନା ବିସ୍କୁଟ ଜବତ ,୨ଗିରଫ



ବିଶାଖାପାଟଣା ୧୧/୧୦: ବିଶାଖାପାଟଣାରୁ ୮.୯୮ କୋଟି ଟଙ୍କା ମୂଲ୍ୟର ସୁନା ବିସ୍କୁଟ ଜବତ କରିଛି ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ। ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି। ଜାତୀୟ ରାଜପଥରେ ପାଟ୍ରୋଲିଂ ସମୟରେ ଡିଆରଆଇ ଅଧିକାରୀମାନେ ଏହି ସୁନା ଜବତ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ସୁନା ବିସ୍କୁଟଗୁଡ଼ିକ କୋଲକାତାରୁ ହାଇଦ୍ରାବାଦକୁ ଚାଲାଣ କରାଯାଉଥିଲା। ଏହି ସମୟରେ ବିଶାଖାପାଟଣାରେ ଡିଆରଆଇ ଅଧିକାରୀମାନେ ଗାଡ଼ିକୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗାଡ଼ିର ଏକ ଗୁପ୍ତ ଚାମ୍ବରରୁ ତିନୋଟି ପ୍ୟାକେଟରେ ରଖାଯାଇଥିବା ସୁନା ବିସ୍କୁଟ ମିଳିଥିଲା।ଜବତ ସୁନାର ମୋଟ ଓଜନ ୫୮୩୨.୯୦ ଗ୍ରାମ ହୋଇଥିବା ବେଳେ ଏହାର ଆନୁମାନିକ ମୂଲ୍ୟ ୮.୯୮ କୋଟି ଟଙ୍କା ବୋଲି ଜଣାପଡ଼ିଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇ ଚାଲାଣ ସମ୍ପର୍କରେ ତଦନ୍ତ ଜାରି ରହିଛି। ସୁନା କେଉଁଠାରୁ ଆସିଥିଲା ଏବଂ ଏହାର ଚାଲାଣ ପଛରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେ ନେଇ ତଦନ୍ତ କରାଯାଉଛି।

ଆଜି କଂଗ୍ରେସର ‘ଚଲୋ ଦିଲ୍ଲୀ’ ଡାକରା

# ପୁଣି ଧାରଣାକୁ ଓହ୍ଲାଇବେ ରାହୁଲ



ନୂଆଦିଲ୍ଲୀ, ୧୧।୧୦: ଦିଲ୍ଲୀ ପୁଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ରାହୁଲ ଗାନ୍ଧୀଙ୍କ କ୍ଷୋଭ । ଅକ୍ଟୋବର ୧୨ରେ ପୁଣି ରାଜରାସ୍ତାକୁ ଓହ୍ଲାଇବାକୁ ଘୋଷଣା । ରାଜଧାନୀ ଦିଲ୍ଲୀର ଜନ୍ତର-ମନ୍ତରରେ ପ୍ରଦର୍ଶନ ବେଳେ ପୁଲିସ ଦ୍ୱାରା ଯୁବକ, ଛାତ୍ରଛାତ୍ରୀ ଏବଂ ରାଜନୈତିକ କର୍ମକର୍ତ୍ତାଙ୍କୁ ବ୍ୟାପକ ଭାବେ ଅଟକ ରଖାଯିବା ଘଟଣାକୁ ନେଇ ଦେଶର ରାଜନୈତିକ ପାଣିପାଗ ସରଗରମ ହୋଇଉଠିଛି । ଲୋକସଭାରେ ବିରୋଧୀ ଦଳର ନେତା ତଥା କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ ରେ ଏକ ପୋଷ୍ଟ ସେୟାର କରି କେନ୍ଦ୍ର ସରକାର ଏବଂ ଗୃହ ମନ୍ତ୍ରଣାଳୟ ଉପରେ ସିଧାସଳଖ ଓ କଡ଼ା ଆକ୍ରମଣ କରିଛନ୍ତି ।ଜଣେ ପ୍ରଦର୍ଶନକାରୀ ଯୁବତୀଙ୍କୁ ପୁଲିସ ଦ୍ୱାରା ହେପାଜତକୁ ନିଆଯାଉଥିବାର ଏକ ଫଟୋ ସେୟାର କରି ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ଦିଲ୍ଲୀ ପୁଲିସ ନିଜେ ଗୁଣ୍ଡାଗର୍ଦ୍ଦିରେ ଓହ୍ଲାଇଛି । ରାହୁଲ ଲେଖିଛନ୍ତି, ‘ଅମିତ ଶାହାଙ୍କ ଦିଲ୍ଲୀ ପୁଲିସ ନିଜେ ତ ଗୁଣ୍ଡାଗର୍ଦ୍ଦିରେ ଓହ୍ଲାଇଛି । ଆରଏସଏସ-ବିଜେପିର ଅସଲି ଗୁଣ୍ଡାମାନଙ୍କୁ ମଧ୍ୟ ମହିଳା ଏବଂ ଯୁବକମାନଙ୍କ ଉପରେ ହିଂସା କରିବା ପାଇଁ ଖୋଲା ପ୍ରୋତ୍ସାହନ ଦେଉଛି । ମୋଦୀ ଏବଂ ତାଙ୍କ ସରକାର ଯେତେ ଦବାଇବେ, ଏରଭ ତ ଏବଂ ଛାତ୍ରମାନଙ୍କ କ୍ରୋଧ ସେତେ ବଢ଼ିବ । ସୋମବାର, ଅକ୍ଟୋବର ୧୨ ତାରିଖ ଦିନ କଂଗ୍ରେସ, ସମ୍ପୂର୍ଣ୍ଣ ଇଣ୍ଡିଆ ମେଣ୍ଟ ଏବଂ ଦେଶର ଯୁବକମାନେ ବହୁ ସଂଖ୍ୟାରେ ପୁଣିଥାଏ ରାଜରାସ୍ତାକୁ ଓହ୍ଲାଇବେ।’ଦିଲ୍ଲୀରେ ସୁରକ୍ଷା ବାହିନୀଙ୍କ କଡ଼ା କଟକଣା ସତ୍ତ୍ୱେ ବିରୋଧୀ ଏବଂ ଦେଶର ଯୁବକମାନେ ପଛକୁ ହଟିବେ ନାହିଁ ବୋଲି ରାହୁଲ ଗାନ୍ଧୀ ସ୍ପଷ୍ଟ କରିଛନ୍ତି । ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ସିଧାସଳଖ ଆହ୍ୱାନ ଦେଇ ସେ କହିଛନ୍ତି, ‘@AmitShah, ଯେତେ ପୁଲିସ ଆଣିବାକୁ ଅଛି-୧୦ ହଜାର, ୨୦ ହଜାର, ୪୦ ହଜାର ନେଇ ଆସନ୍ତୁ । ଯେତେ ଗୁଣ୍ଡାଙ୍କୁ ଡାକିବାର ଅଛି, ଡାକି ନିଅନ୍ତୁ । ଆମେ ଡରୁନାହୁଁ, ପଛକୁ ହଟିବୁ ନାହିଁ ।’ ସୋମବାର ଦିନ ବିରୋଧୀ ଦଳର ଏକ ପ୍ରତିନିଧି ମଣ୍ଡଳ ଭାରତର ପ୍ରଧାନ ବିଚାରପତିଙ୍କୁ ମଧ୍ୟ ଭେଟିବେ ବୋଲି ରାହୁଲ ଗାନ୍ଧୀ ସୂଚନା ଦେଇଛନ୍ତି । ଯେତେବେଳେ ଦିଲ୍ଲୀ ରାଜରାସ୍ତାରେ ସମ୍ବିଧାନକୁ ଖଣ୍ଡଖଣ୍ଡ କରାଯାଉଛି ଏବଂ ଗଣତନ୍ତ୍ରକୁ ଦଳି ଦିଆଯାଉଛି, ସେତେବେଳେ ଆଇନର ରକ୍ଷକମାନେ ଚୁପ୍ ରହିପାରିବେ ନାହିଁ ବୋଲି ସେ କହିଛନ୍ତି । ସାମ୍ବାଦିକମାନଙ୍କ ସହ ଆଲୋଚନା କରି ରାହୁଲ ଅଭିଯୋଗ କରିଛନ୍ତି ଯେ ନରେନ୍ଦ୍ର ମୋଦୀ, ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏବଂ ଅମିତ ଶାହା ମିଶି ଦେଶର ଗଣତନ୍ତ୍ରକୁ ନଷ୍ଟ କରିଦେଇଛନ୍ତି ଏବଂ ଭାରତର ଆତ୍ମା ଉପରେ ଗଭୀର ଆଘାତ ପହଞ୍ଚାଇଛନ୍ତି । ଦେଶର ଯୁବକମାନଙ୍କୁ ଆଶ୍ୱାସନା ଦେଇ ସେ କହିଛନ୍ତି ଯେ ବିରୋଧୀ ଦଳ ସେମାନଙ୍କ ସହିତ ଦୃଢ଼ ଭାବରେ ଛିଡ଼ା ହୋଇଛି ଏବଂ ଏହି ଲଢ଼େଇରେ ନ୍ୟାୟ ନିଶ୍ଚୟ ମିଳିବ ।

# ପୁଲିସ ହେପାଜତରୁ ୩ ସିଜେପି ନେତା ମୁକ୍ତ

## ଏକ ବର୍ଷ ଶାନ୍ତି ବଜାୟ ରଖିବାକୁ ସର୍ତ୍ତ



ନୂଆଦିଲ୍ଲୀ ୧୧/୧୦: ଗତକାଲି (ଶନିବାର) ଦିଲ୍ଲୀରେ ଆରମ୍ଭ ହୋଇଥିବା କକ୍ରୋଚ୍ ଜନତା ପାର୍ଟିର ପ୍ରତିବାଦକୁ ନେଇ ଆଜି (ରବିବାର) ମଧ୍ୟ ଆଲୋଚନା ଜାରି ରହିଥିଲା। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ଜନ୍ତର ମନ୍ତରରେ ପ୍ରଦର୍ଶନ ଘୋଷଣା କରିଥିବା ଦଳର ତିନି ପ୍ରମୁଖ ନେତାଙ୍କୁ ଦିଲ୍ଲୀରେ ପହଞ୍ଚିବା ପରେ ଅଟକ ରଖାଯାଇଥିଲା । ରବିବାର ସକାଳେ ସେମାନଙ୍କୁ ଏକ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ସମ୍ମୁଖରେ ହାଜର କରାଯାଇଥିଲା, ଯେଉଁଠାରେ ସେମାନଙ୍କୁ ଏକ ବର୍ଷ ପାଇଁ ଶାନ୍ତି ଏବଂ ଭଲ ଆଚରଣ ବଜାୟ ରଖିବା ସର୍ତ୍ତରେ ମୁକ୍ତ କରାଯାଇଥିଲା । ସିଜେପିର ଆଇନଗତ ବ୍ୟାପାର ମୁଖ୍ୟ ରତ୍ନା ସିଂହ ମୁକ୍ତି ଘୋଷଣା କରିଥିଲେ । ଦିଲ୍ଲୀ ପୋଲିସ ଅନୁଯାୟୀ, ଅଭିଜିତ୍ ଦୀପକ, ସୌରଭ ଦାସ ଏବଂ ଆଶୁତୋଷ ରାଙ୍କାଙ୍କ ବିରୋଧରେ ଭାରତୀୟ ଦଣ୍ଡ ସଂହିତାର ଧାରା ୧୨୬ ଏବଂ ୧୭୦ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ପୋଲିସ କହିଛି ଯେ ତିନି ଜଣଙ୍କୁ ୫୦ହଜାରର ଜାମିନ ବଣ୍ଡ ଏବଂ ଏକ ବର୍ଷ ପାଇଁ ଶାନ୍ତି ବଜାୟ ରଖିବା ସର୍ତ୍ତରେ ମୁକ୍ତ କରାଯାଇଥିଲା । ମୁକ୍ତି ପରେ ସିଜେପିଙ୍କ ଯୋଜନା କ'ଣ ରହିବ ? ସିଜେପି କ'ଣ ଜନ୍ତର ମନ୍ତରରେ ପ୍ରତିବାଦ ପାଇଁ ଦାବି ଜାରି ରଖିବ ? ସିଜେପି କ'ଣ କୋର୍ଟଙ୍କ ଦ୍ୱାରସ୍ଥ ହେବ ? ନା ଆଗାମୀ ବର୍ଷେ ପାଇଁ ସିଜେପିଙ୍କ ଆନ୍ଦୋଳନ ଲୁଚି ରହିବ ?

୧୦ ଅକ୍ଟୋବରରେ ଜନ୍ତର ମନ୍ତରରେ ପ୍ରତିବାଦ ପାଇଁ ସିଜେପି ଡାକରା ଦେଇଥିଲା। କକ୍ରୋଚ୍ ଜନତା ପାର୍ଟି ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରୁଥିଲା। ଏଥିରେ ଅଭିଯୋଗ କରାଯାଇଥିଲା ଯେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟାରେ ଅନିୟମିତତା ଭୋଟରଙ୍କ ଅଧିକାରକୁ ପ୍ରଭାବିତ କରିପାରେ । ନିର୍ବାଚନ କମିଶନ ଏବଂ ସରକାର ନିର୍ବାଚନ ପ୍ରକ୍ରିୟା ଉପରେ ଭିନ୍ନ ଭିନ୍ନ ମତ ପ୍ରକାଶ କରିଛନ୍ତି । ତଥାପି, ଶନିବାର ଜନ୍ତର ମନ୍ତରରେ ପ୍ରତିବାଦ ପୂର୍ବରୁ ଅଭିଜିତ ଡିପକେଙ୍କ ସମେତ ପ୍ରମୁଖ ନେତାଙ୍କୁ ଅଟକ ରଖାଯାଇଥିଲା ।

ଶନିବାର ଅଟକ ରଖିବା ପରେ, ତିନି ନେତାଙ୍କୁ ପ୍ରତିରୋଧକ ଗିରଫ କରାଯାଇଥିଲା। ରବିବାର, ସେମାନଙ୍କୁ ଦିଲ୍ଲୀ କ୍ୟାଣ୍ଟନମେଣ୍ଟରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯାଇଥିଲା । ପରେ ସେମାନଙ୍କୁ ଶାନ୍ତି ଏବଂ ଭଲ ଆଚରଣ ବଜାୟ ରଖିବା ସର୍ତ୍ତରେ ମୁକ୍ତ କରାଯାଇଥିଲା । ଏଠାରେ ଏକ ଆଇନଗତ ଦିଗ ବୁଝିବା ଗୁରୁତ୍ୱପୂର୍ଣ୍ଣ । ପ୍ରତିରୋଧକ କାର୍ଯ୍ୟାନୁଷ୍ଠାନର ଉଦ୍ଦେଶ୍ୟ ହେଉଛି ସମ୍ଭାବ୍ୟ ଶାନ୍ତି ଭଙ୍ଗ କିମ୍ବା ଏକ କଗ୍ନିଜେବଲ୍ ଅପରାଧକୁ ରୋକିବା । ଏହି ମାମଲାରେ ଏକ ବର୍ଷର ସର୍ତ୍ତମୂଳକ ମୁକ୍ତି ସୂଚାଇ ଦେଉନାହିଁ ଯେ ତିନି ନେତାଙ୍କୁ କୌଣସି ଅପରାଧରେ ଦୋଷୀ ସାବ୍ୟସ୍ତ କରାଯାଇଛି । ଏହି ସର୍ତ୍ତର ପରିସର ଏବଂ ଉଲ୍ଲଂଘନ କ୍ଷେତ୍ରରେ ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନ ପ୍ରାସଙ୍ଗିକ ନିର୍ଦ୍ଦେଶ ଏବଂ ଆଇନ ଅନୁଯାୟୀ ନିର୍ଣ୍ଣୟ କରାଯିବ।

# ସାଉଦୀ ବିମାନ ବନ୍ଦରରେ ଆକ୍ରମଣ, ୧୨ ମୃତ, ଭାରତର ନିନ୍ଦା



ନୂଆଦିଲ୍ଲୀ ୧୧/୧୦: ସାଉଦୀ ଆରବର ରିୟାଦସ୍ଥିତ କିଙ୍ଗ ଖାଲିଦ ଇଂଟରନ୍ୟାସନାଲ ଏୟାରପୋର୍ଟ ଉପରେ ୟେମେନର ହାଉଥିମାନଙ୍କ କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁ ୧୨ ଜଣ ପ୍ରାଣ ହରାଇଥିବା ବେଳେ ୩୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସାଉଦୀ ଜେନେରାଲ ଅଥରିଟି ଅଫ ସିଭିଲ୍ ଆଭିଏସନ(ଜିଏସିଏ) ପକ୍ଷରୁ କୁହାଯାଇଛି, ଶନିବାର ହୋଇଥିବା ଏହି ଆକ୍ରମଣରେ ୪ ଜଣ ସାଉଦୀ ନାଗରିକଙ୍କ ସମେତ ୨ ଜଣ ବାଂଲାଦେଶୀ, ଜଣେ ଆମେରିକୀୟ, ଜଣେ ଜୋର୍ଡାନ, ଜଣେ ପାଲେଷ୍ଟାଇନ, ସିରିଆ, ସୁଦାନ ଓ ଇଜିପ୍ଟର ନାଗରିକ ମୃତ୍ୟୁବରଣ କରିଛନ୍ତି। ୩୦୯ ଜଣ ଗୁରୁତର ଆହତ ହୋଇଥିବା ମଧ୍ୟ ସଂସ୍ଥା ପକ୍ଷରୁ କୁହାଯାଇଛି। ଗୋଟିଏ ସପ୍ତାହ ମଧ୍ୟରେ ଏହା ତୃତୀୟ ଆକ୍ରମଣ । ଗୁରୁବାର ହୋଇଥିବା ଆକ୍ରମଣରେ ଜଣେ ପାଇଲଟ୍‌ଙ୍କ ସମେତ ୩ ଜଣ ସାଉଦି ନାଗରିକଙ୍କ ମୃତ୍ୟୁ ଘଟିଥିଲା। ଏହି ଆକ୍ରମଣ ପରେ ବିମାନ ବନ୍ଦରକୁ କିଛି ସମୟ ପାଇଁ ବନ୍ଦ ରଖାଯାଇଥିଲା । ସାଉଦୀ ମାଟିରେ ଏହା ସବୁଠୁ ବଡ଼ ଆକ୍ରମଣ ବୋଲି କୁହାଯାଉଛି । ଏହି ଆକ୍ରମଣକୁ ଭାରତ ପକ୍ଷରୁ ମଧ୍ୟ ନିନ୍ଦା କରାଯାଇଛି । ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଏକ ବିବୃତିରେ କୁହାଯାଇଛି, ଏଭଳି ଆକ୍ରମଣକୁ ଭାରତ ଦୃଢ ଭାବେ ନିନ୍ଦା କରୁଛି । ଏଭଳି ସମୟରେ ଭାରତ ସାଉଦୀ ସରକାର ଓ ସାଉଦୀ ନାଗରିକମାନଙ୍କ ସହ ଅଛି । ଖୁବ୍ ଶୀଘ୍ର ସାଉଦୀ ଆରବରେ ଶାନ୍ତି ଫେରିଆସୁ ବୋଲି ଭାରତ ଚାହେଁ ।

ଛାତ୍ରସଂସଦ ନିର୍ବାଚନୀ ହିଂସା:

## ସଭାପତି ପ୍ରାର୍ଥୀ ଆହତ, ଜଣେ ଅଟକ

ପିପିଲି ୧୧/୧୦ (ନି.ସୂ): କଲେଜ ଛାତ୍ର ସଂସଦ ନିର୍ବାଚନୀ ପ୍ରଚାରକୁ ନେଇ ରବିବାର ପିପିଲିରେ ଉତ୍ତେଜନା ପ୍ରକାଶ ପାଇଛି । ସ୍ଥାନୀୟ ଇନ୍ଦିରା ମଇଦାନ ଠାରେ ଭୋଟ୍ ପ୍ରଚାର ପାଇଁ ବୈଠକ ଚାଲିଥିବା ବେଳେ ଭୁବନେଶ୍ୱରର ଏକ ପ୍ରତିଷ୍ଠିତ କଲେଜର ଛାତ୍ରସଂସଦ ନିର୍ବାଚନରେ ସଭାପତି ପଦବୀରେ ପ୍ରତିଦ୍ୱନ୍ଦିତା କରୁଥିବା ଆର୍ଯ୍ୟନ ମହାପାତ୍ରଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଛି । ତାଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ବେଳେ ଚିକିତ୍ସା ଲାଗି ତାଙ୍କୁ ପ୍ରଥମେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି । ସୂଚନା ଅନୁଯାଇ, ନିର୍ବାଚନୀ ପ୍ରଚାର ପାଇଁ ଆର୍ଯ୍ୟନ ନିଜ ଗୋଷ୍ଠୀର ଅନ୍ୟ ପ୍ରାର୍ଥୀ ଓ ସହଯୋଗୀଙ୍କ ସହ ରବିବାର ପିପିଲି ଆସିଥିଲେ । ସ୍ଥାନୀୟ ଇନ୍ଦିରା ମଇଦାନ ଠାରେ ସେ ନିଜ କଲେଜରେ ପାଠ ପଢୁଥିବା ପିପିଲି ଅଞ୍ଚଳର ଛାତ୍ରଛାତ୍ରୀଙ୍କ ସହ ବୈଠକ କରିଥିଲେ । ସେଠାରେ ଭୋଜିର ଆୟୋଜନ କରାଯାଇଥିଲା । ତେବେ, ଉକ୍ତ କଲେଜରେ ପାଠ ପଢୁଥିବା ପିପିଲି ପୌରାଞ୍ଚଳର ଜଣେ ଛାତ୍ର ନିଜର କେତେକ ସହଯୋଗୀଙ୍କ ସହ ସେଠାରେ ପହଞ୍ଚି ଆର୍ଯ୍ୟନଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ । ଏହି ଘଟଣାକୁ ପ୍ରତିବାଦ କରିବା ସମୟରେ ସେଠାରେ ଉପସ୍ଥିତ ଅନ୍ୟମାନଙ୍କ ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା । ଫଳରେ ଆର୍ଯ୍ୟନଙ୍କ ମୁଣ୍ଡ ଫାଟି ପ୍ରଚୁର ରକ୍ତସ୍ରାବ ହୋଇଥିବା ବେଳେ ଅନ୍ୟଜଣେ ଛାତ୍ରୀଙ୍କ ଓଠରେ ଗୁରୁତର ଆଘାତ ଲାଗିଥିଲା । ଏହି ଘଟଣା ପରେ ଆକ୍ରମଣକାରୀମାନେ ସେଠାରେ ଖସି ପଳାଇଥିଲେ। ଆର୍ଯ୍ୟନଙ୍କ ସମେତ ଅନ୍ୟ ଆହତ ଛାତ୍ରୀଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଏହି ଗଣ୍ଡଗୋଳରେ ରୋଷେଇ ଦାୟିତ୍ୱରେ ଥିବା ଜଣେ ଯୁବକ ମଧ୍ୟ ଆହତ ହୋଇଥିବା ସୂଚନା ମିଳିଛି । ଏନେଇ ପିପିଲି ପୁଲିସରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଆଇଆଇସି ସୌମେନ୍ଦୁ ଶେଖର ତ୍ରିପାଠୀଙ୍କ ନେତୃତ୍ୱରେ ଆକ୍ରମଣକାରୀଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି । ପୁଲିସ ଜଣେ ଆକ୍ରମଣକାରୀଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଫେରାର ଥିବା ଅନ୍ୟମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି ।

ଅନୁଦାନ ନୀତି ଘୋଷଣା ଦାବିରେ ଅଣଅନୁଦାନପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ରଣହୁଙ୍କାର

# ଆଜି ଗାନ୍ଧୀମାର୍ଗରେ ମହାସମାବେଶ

ଭୁବନେଶ୍ୱର, ୧୧/୧୦(ନି.ସୂ): ଅନୁଦାନ ନୀତି ଘୋଷଣା ଦାବିରେ ଅଣଅନୁଦାନପ୍ରାପ୍ତ +୨, +୩ ମହାବିଦ୍ୟାଳୟ ଏବଂ ସଂସ୍କୃତ ଅନୁଷ୍ଠାନର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ ଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। ଦୀର୍ଘ ବର୍ଷ ଧରି ଶିକ୍ଷାଦାନ ସହ ଅନ୍ୟାନ୍ୟ ଦାୟିତ୍ୱ ତୁଲାଇ ଆସୁଥିଲେ ମଧ୍ୟ ସରକାର ସେମାନଙ୍କ ପାଇଁ ଏଯାଏ ଅନୁଦାନ ନୀତି ଘୋଷଣା କରିନଥିବାରୁ ହଜାର ହଜାର ଶିକ୍ଷକ ଓ କର୍ମଚାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆନ୍ଦୋଳନକାରୀଙ୍କ କହିବା ଅନୁଯାୟୀ, ୩୦ ନଭେମ୍ବର ୨୦୧୩ ପୂର୍ବରୁ ବିଭିନ୍ନ ବର୍ଗରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା, ଡାଟା ଏଣ୍ଟ୍ରି ଅପରେଟର (ଡି.ଇ.ଓ.) ଓ ଅନ୍ୟ କର୍ମଚାରୀମାନେ ଦୀର୍ଘ ୧୮ ବର୍ଷ ଧରି ବିଭିନ୍ନ ମହାବିଦ୍ୟାଳୟ ଓ ଅନୁଷ୍ଠାନରେ କାର୍ଯ୍ୟ କରିଆସୁଛନ୍ତି। ତଥାପି ସେମାନଙ୍କ ପାଇଁ ଅନୁଦାନ ନୀତି ଘୋଷଣା ହୋଇନାହିଁ। ଏହି ଦାବିରେ ସେପ୍ଟେମ୍ବର ୨୧ରୁ ଅକ୍ଟୋବର ୧୦ ପର୍ଯ୍ୟନ୍ତ ଗାନ୍ଧୀମାର୍ଗରେ ହଜାର ହଜାର ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଅହୋରାତ୍ର ଧାରଣା ଦେଇଥିଲେ। ସେପ୍ଟେମ୍ବର ୨୨ରେ ଉଚ୍ଚଶିକ୍ଷା ସଚିବଙ୍କ ସହ ୫ଜଣିଆ ପ୍ରତିନିଧିମଣ୍ଡଳୀ ଆଲୋଚନା କରିଥିଲେ ମଧ୍ୟ ଏଥିରୁ କୌଣସି ସୁଫଳ ମିଳିନଥିବା ସଂଘ ପକ୍ଷରୁ କୁହାଯାଇଛି। ଏହାପରେ ମଧ୍ୟ ସରକାରଙ୍କ ପକ୍ଷରୁ ଆଉ ଆଲୋଚନା କରାଯାଇନାହିଁ କିମ୍ବା କୌଣସି ଲିଖିତ ପ୍ରତିଶ୍ରୁତି ମିଳିନାହିଁ ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ସରକାରଙ୍କ ଏହି ଅବହେଳାର ପ୍ରତିବାଦରେ, ଅକ୍ଟୋବର ୧୨ ତାରିଖ ଅର୍ଥାତ ସୋମବାର ଦିନ କଂଗ୍ରେସ ଭବନରୁ ଏକ ବିଶାଳ ପଦଯାତ୍ରା ବାହାରି ଗାନ୍ଧୀମାର୍ଗରେ ମହାସମାବେଶରେ କରିବ ବୋଲି ଆନ୍ଦୋଳନକାରୀମାନେ ଘୋଷଣା କରିଛନ୍ତି। ଅନୁଦାନ ନୀତି ଘୋଷଣା ନହେବା ପର୍ଯ୍ୟନ୍ତ ଦାବି ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି ଆନ୍ଦୋଳନରେ ଆବାହକ ସନ୍ତୋଷ ରାୟ, ସଭାପତି ଡ. ଦେବ ବିଜୟ ମିଶ୍ର, ଡି.ଇ.ଓ. ସଂଘର ସଭାପତି ପ୍ରଶାନ୍ତ ଦାଶ, ସଂସ୍କୃତ ଅନୁଷ୍ଠାନ ସଂଘର ସଭାପତି କୁଶ ମଲ୍ଲିକଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଓ ପ୍ରତିନିଧିମାନେ ସରକାରଙ୍କୁ ଦାବି ପୂରଣ ପାଇଁ ଆହ୍ୱାନ ଦେଇଛନ୍ତି।




ଛାତ୍ର ସଂସଦ ନିର୍ବାଚନ

# ମଇଦାନରେ ୬୭୦୮ ପ୍ରାର୍ଥୀ

ଭୁବନେଶ୍ୱର ୭/୧୦(ନି.ସୂ): ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନ ପାଖେଇ ଆସୁଥିବାରୁ ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଉତ୍ସାହର ମାହୋଲ ରହିଛି। ଦୀର୍ଘ ଆଠ ବର୍ଷର ବ୍ୟବଧାନ ପରେ ହେବାକୁ ଥିବା ଏହି କ୍ୟାମ୍ପସ୍ ନିର୍ବାଚନ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ଅକ୍ଟୋବର ୧୫ ତାରିଖରେ ହେବାକୁ ଥିବା ଛାତ୍ର ସଂସଦ ନିର୍ବାଚନ ପାଇଁ ଉଚ୍ଚଶିକ୍ଷା ବିଭାଗ ପ୍ରାର୍ଥୀମାନଙ୍କର ଚୂଡ଼ାନ୍ତ ତାଲିକା ପ୍ରକାଶ କରିଛି। ୧୩ଟି ବିଶ୍ୱବିଦ୍ୟାଳୟ ଏବଂ ୩୪୭ଟି କଲେଜରେ ଏହି ନିର୍ବାଚନ ଅନୁଷ୍ଠିତ ହେବ ଏବଂ ମୋଟ ୬,୭୦୦ରୁ ଅଧିକ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି। ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବା ପରେ ବିଭିନ୍ନ କ୍ୟାମ୍ପସରେ ପ୍ରତିଯୋଗିତା ପାଇଁ ମଞ୍ଚ ପ୍ରସ୍ତୁତ ହୋଇଯାଇଛି। ୧୩ଟି ବିଶ୍ୱବିଦ୍ୟାଳୟରେ ମୋଟ ୪୨୯ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୪୯ଟି ନାମାଙ୍କନ ଖାରଜ ହୋଇଥିବାବେଳେ ୩୪ ଜଣ ପ୍ରାର୍ଥୀ ନିଜର ନାମାଙ୍କନ ପ୍ରତ୍ୟାହାର କରିନେଇଥିଲେ। ଫଳସ୍ୱରୂପ ୩୪୬ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ରହିଛନ୍ତି।

ସେହିଭଳି ୩୪୭ଟି କଲେଜରେ ପ୍ରାରମ୍ଭିକ ଭାବେ ୮,୩୭୦ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ୧,୧୯୬ଟି ନାମାଙ୍କନ ଖାରଜ ହେବା ଏବଂ ୪୦୫ ଜଣ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କରିବା ପରେ ବର୍ତ୍ତମାନ ନିର୍ବାଚନ ମଇଦାନରେ ଥିବା ପ୍ରାର୍ଥୀଙ୍କ ସଂଖ୍ୟା ୬,୩୬୨ ରହିଛି।

ରବିବାର ଛୁଟିଦିନ ଥିବାରୁ ପ୍ରାର୍ଥୀମାନେ ଶ୍ରେଣୀଗୃହରେ ପ୍ରଚାର କରିବା ପାଇଁ ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚି ପାରିନଥିଲେ। ଏହା ପରିବର୍ତ୍ତେ ସେମାନେ ସୋସିଆଲ ମିଡିଆର ସହାୟତା ନେଇଥିଲେ ଏବଂ ହଷ୍ଟେଲଗୁଡ଼ିକ ପରିଦର୍ଶନ କରି ନିଜର ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ଛାତ୍ରଛାତ୍ରୀଙ୍କ ସମସ୍ୟା ସମ୍ପର୍କରେ ଉପସ୍ଥାପନ କରିଥିଲେ ଓ ଭୋଟ୍ ପାଇଁ ସମର୍ଥନ ଲୋଡ଼ିଥିଲେ।

# ଜେଲେନ୍‌ସ୍କି ବିଶ୍ୱ ପାଇଁ ସମସ୍ୟା : ଟ୍ରମ୍ପ

ନୂଆଦିଲ୍ଲୀ, ୧୧/୧୦: ସ୍ୱାର୍ଥ ସରିବା ପରେ ପଛରୁ ଛୁରା ମାଡ଼ । ଯୁଦ୍ଧ ଅଧାରୁ ୟୁକ୍ରେନ୍ ହାତ ଛାଡ଼ିଲା ଆମେରିକା । ଋଷ-ଆମେରିକା ତେଲ ଡିଲ୍‌କୁ ନେଇ ସମାଲୋଚନା କରିଥିଲେ ୟୁକ୍ରେନ୍ ରାଷ୍ଟ୍ରପତି। ଯାହା ପରେ ଭେଲୋଦିମିର ଜେଲେନ୍‌ସ୍କିଙ୍କ ଉପରେ କ୍ଷୁବ୍ଧ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଏବେ ହ୍ୱାଇଟ୍ ହାଉସ୍ ସମ୍ବାଦିକ ସମ୍ମିଳନୀରେ ଖୁଲମ ଖୋଲା ବିରୋଧ କରିଛନ୍ତି । ଟ୍ରମ୍ପ କହିଛନ୍ତି, ଏବେ ୟୁକ୍ରେନରେ ନୂଆ ରାଷ୍ଟ୍ରପତି ବାଛିବାର ସମୟ ଆସିଛି । ଜେଲେନ୍‌ସ୍କି ବୁଝାମଣା କରିବାକୁ ଚାହୁଁନାହାନ୍ତି । “ମୋର ପରାମର୍ଶ ହେଉଛି, ସେମାନେ ଏପରି ଜଣେ ନୂଆ ନେତା ବାଛିବା ଉଚିତ୍, ଯିଏ ବୁଝାମଣା କରିପାରିବେ।“ ଅନ୍ୟପଟେ ସେ ଯଦି ୨୦୨୨ ମସିହାରେ ଆମେରିକାର ରାଷ୍ଟ୍ରପତି ଥାଆନ୍ତେ, ତେବେ ଋଷ-ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହୋଇନଥାନ୍ତା ବୋଲି ଟ୍ରମ୍ପ ଦାବି କରିଛନ୍ତି ।

ଡୋନାଲ୍ଡ ଟ୍ରମ୍ପ ଜେଲେନ୍‌ସ୍କିଙ୍କୁ ଟାର୍ଗେଟ୍ କରି କହିଛନ୍ତି, “ୟୁକ୍ରେନ୍ ଓ ଋଷ ମଧ୍ୟରେ ଏହି ଯୁଦ୍ଧ ଆରମ୍ଭ ହେବାର କୌଣସି କାରଣ ନଥିଲା । ଏହା ତାଙ୍କର ଅକ୍ଷମତା ଯୋଗୁଁ ଆରମ୍ଭ ହୋଇଥିଲା।” ଏହା ଏପରି ଏକ ଯୁଦ୍ଧ, ଯାହା କେବେ ବି ଆରମ୍ଭ ହେବା ଉଚିତ୍ ନଥିଲା । ଟ୍ରମ୍ପ ଆହୁରି ମଧ୍ୟ କହିଛନ୍ତି ଯେ, ତାଙ୍କ ନେତୃତ୍ୱରେ ୟୁକ୍ରେନ୍ ନିଜ ଦେଶର ୩୦ ପ୍ରତିଶତ ଅଞ୍ଚଳ ହରାଇସାରିଛି । ଉଭୟ ପକ୍ଷକୁ ମିଶାଇ ୧୦ ଲକ୍ଷରୁ ଅଧିକ ଲୋକ ଏହି ଯୁଦ୍ଧରେ ପ୍ରଭାବିତ ହୋଇଛନ୍ତି । ଲକ୍ଷ ଲକ୍ଷ ଲୋକଙ୍କ ମୃତ୍ୟୁ ହୋଇଥିବା ମଧ୍ୟ ଦାବି କରିଛନ୍ତି ଟ୍ରମ୍ପ।

ଆମେରିକାରେ ଡିଜେଲ୍‌ର ଅଧିକ ଦାମ ପାଇଁ ୟୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କୁ ଟ୍ରମ୍ପ ଦାୟି କରିଛନ୍ତି । ଟ୍ରମ୍ପ କହିଛନ୍ତି, ଜେଲେନ୍‌ସ୍କି ସମଗ୍ର ବିଶ୍ୱ ପାଇଁ ସମସ୍ୟା ସୃଷ୍ଟି କରିବାକୁ ଚାହୁଁଛନ୍ତି । ଡିଜେଲ୍ ଇନ୍ଧନ ଜରିଆରେ ସେ ଆମେରିକାର କୃଷକ ଓ ପଶୁପାଳକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାକୁ ଚାହୁଁଛନ୍ତି ବୋଲି ଆମେରିକା ରାଷ୍ଟ୍ରପତି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ସୂଚନା ଅନୁଯାୟୀ, କିଛି ଦିନ ପରେ ଆମେରିକାରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେବ । ଏହା ପୂର୍ବରୁ ଡିଜେଲ୍ ଦାମ୍ ନିୟନ୍ତ୍ରଣ ପାଇଁ ବଡ଼ ପଦକ୍ଷେପ ଉଠାଇଛନ୍ତି ଟ୍ରମ୍ପ । ଶୁକ୍ରବାର ସେ ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଋଷରୁ ଡିଜେଲ୍ କିଣିବା ନେଇ ଚୁକ୍ତି କରିଛନ୍ତି । ଯାହାକୁ ନେଇ ଜେଲେନ୍‌ସ୍କି ଆମେରିକା ରାଷ୍ଟ୍ରପତିଙ୍କୁ କଡ଼ା ସମାଲୋଚନା କରିଛନ୍ତି । ଜେଲେନ୍ ?ସ୍କିଙ୍କ ମତରେ, ଯୁଦ୍ଧକୁ ଶେଷ କରିବା ପରିବର୍ତ୍ତେ ଏହାକୁ ଅଧିକ ଦିନ ଧରି ଚାଲୁରଖିବା ପାଇଁ ଏଭଳି ଚୁକ୍ତି କରିଛନ୍ତି । ଏହାକୁ ହେଉଛି ଜଣେ ଶକ୍ତିଶାଳୀ ସହଯୋଗୀଙ୍କ ଦୁର୍ବଳ ନିଷ୍ପତ୍ତି ।



# ସୋନପୁରର ବିଶ୍ୱ ପ୍ରସିଦ୍ଧ ବଳିଯାତ୍ରା ଅନୁଷ୍ଠିତ

## ବୁଢ଼ାରଜା ବା ଉଆଁସ ବଳି ପାଳିତ

**ସୁବର୍ଣ୍ଣପୁର, ୧୧।୧୦(ନି.ସୂ) :** ଯନ୍ତ୍ର, ମନ୍ତ୍ର ଓ ତନ୍ତ୍ରର ପ୍ରୟୋଗଶାଳା ସୁବର୍ଣ୍ଣପୁର। ସୁବର୍ଣ୍ଣପୁର ରାଜ ପରିବାରର କୂଳବଧୂ ଲକ୍ଷ୍ମୀଙ୍କରାଙ୍କ ଦ୍ୱାରା ଏହି ଠାରୁ ଆରମ୍ଭ ହୋଇଥିଲା ସହଜଯାନ। ଏଠାରେ ଜ୍ଞାନଦେଇ ମାଲୁଣୀ ଯେ ମେଣ୍ଢାକୁ ଭେଣ୍ଡା କରିପାରୁଥିଲେ ତନ୍ତ୍ର ବଳରେ। ସୁବର୍ଣ୍ଣପୁରର ସପ୍ତକୁମାରୀଙ୍କ ମଧ୍ୟରୁ ଜ୍ଞାନଦେଇ ମାଲୁଣୀ ଜଣେ। କୋଶଳ ଇତିହାସ କହେ ଏଇଠି କୁଆଡ଼େ ଜଣେ କଣ୍ଡରା ରାଜା ଥିଲେ। ତାଙ୍କ ରାଣୀଙ୍କ ନାମ ଟିକିଲି ରାଣୀ। ଏହି ରାଣୀ ପ୍ରତିଦିନ ଟିକିରିପଡ଼ା ଘାଟ ଦେଇ ମହାନଦୀ ପାଣିରେ ଚାଲି ଚାଲି ଯାଇ ଲଙ୍କେଶ୍ୱରୀ ଦେବୀଙ୍କୁ ପୂଜାର୍ଚ୍ଚନା କରୁଥିଲେ। ଏଇମିତି କେତେ ତନ୍ତ୍ର ମନ୍ତ୍ର ଯନ୍ତ୍ରର ପରମ୍ପରାକୁ ବଜାୟ ରଖି କେଉଁ କାଳରୁ ପାଳିତ ହୋଇ ଆସୁଛି ବଳିଯାତ୍ରା। ବଳି ଯାତ୍ରା ଆରମ୍ଭ ହୁଏ ଆଶ୍ୱିନ ମାସ ମହାଳୟା ଠାରୁ ପୂର୍ଣ୍ଣିମା ପରଦିନ କାର୍ତ୍ତିକ ମାସ ପ୍ରତିପଦ ଦିନ ପର୍ଯ୍ୟନ୍ତ। ଗତ କାଲି ମହାଳୟା ଠାରୁ ଆରମ୍ଭ ହୋଇଯାଇଛି ସୋନପୁରରେ ବଳିଯାତ୍ରା। ପ୍ରଥମ ଦିନରେ ଆରମ୍ଭ ହୋଇଛି ବୁଢ଼ାରଜା ବା ଉଆଁସ ବଳି। ଗତ କାଲି ବିଳମ୍ବିତ ନିଶାର୍ଦ୍ଧରେ ସମଲେଶ୍ୱରୀ ପୀଠ ଠାରୁ ଖମ୍ଭେଶ୍ୱରୀୟା ପୁଡ଼ତ ବା ପୁରୋହିତ ଜଣେ ବରୁଆଙ୍କ ଦେହରେ ଦେବୀ ଆବିର୍ଭୂତ କରାଇଥିଲେ। ଅନ୍ୟ ଜଣେ ବରୁଆ ପୂର୍ବ ବର୍ଷର ଖଉଲ ମାଟି କୁଣ୍ଡିରେ ଧରିଥିଲେ। ଏମିତି ଦୁଇ ଜଣ ବରୁଆ ବାଉତୀ ଛତର ସହ ଢୋଲ ବହୁରି ଘଣ୍ଟ ଘଣ୍ଟା ଶଙ୍ଖ ସହିତ ସମଲେଶ୍ୱରୀ ମନ୍ଦିର ଠାରୁ ହାତିଶାଲ ଘୋଡାଘାଟ ପଡ଼ା ସ୍ଥିତ ଯୋଡାଖମ୍ବ, ବଉଳ ତଳ ଦେଇ ବୁଢ଼ାରଜା ଦେବୀ ପୀଠରେ



ପହଞ୍ଚିଥିଲେ। ରାସ୍ତାରେ ବହୁତ୍ ସଂଖ୍ୟାରେ ବିଭିନ୍ନ ଛକରେ ଆବାଳ ବୃଦ୍ଧ ବନିତା ଉପସ୍ଥିତ ରହି ବାଉତୀ ଛତର ଉପରକୁ ଦହନାମାଳ ଦେଇଥିଲେ। ବୁଢ଼ାରଜା ଦେବୀ ପୀଠରେ ପହଞ୍ଚିବା ପରେ ପୁରୋହିତ ବୁଢ଼ାରଜା ବା ବକୁଟ ଭୈରବଙ୍କୁ ପୂଜା କରିଥିଲେ। ସେଠାରେ ଜଣେ ଥନାପତି ବରୁଆଙ୍କ ଅରୁଆ ଚାଉଳରେ କଟା ହୋଇଥିବା ଯନ୍ତ୍ର ଉପରେ ବସାଇ ଦେହରେ ଦେବୀ ଆବିର୍ଭୂତ କରାଇଥିଲେ। ପୁରୋହିତ ବଳି ମୁଣ୍ଡରେ ଚୁଲ ବାନ୍ଧିଲା ପରେ ସେଠାରୁ ଢୋଲ ମହୁରୀର ତାଳେ ତାଳେ ନୃତ୍ୟ କରି ପୂର୍ବ ଚିହ୍ନିତ ନଙ୍ଗଲ ଗାରରେ ଘୋଡାଘଟ ପଡ଼ା ସ୍ଥିତ ବୁଢ଼ୀ ସମଲେଇ, ଯୋଡାଖମ୍ବ ହୋଇ ରାଜଭବନ ସମ୍ମୁଖସ୍ତ ଦୁର୍ଗାଦେବୀ ଖମ୍ବ ପର୍ଯ୍ୟନ୍ତ ଆସି ପୁଣି ଧାଙ୍ଗିରୀ ସମଲେଇ ମନ୍ଦିରକୁ ଲେଉଟି ଥିଲେ। ଏହି ସମୟରେ ପରମ୍ପରା ମତେ ବିଭିନ୍ନ ଛକ, ମନ୍ଦିର ଯୋଡ଼ାଖମ୍ବ ମାନଙ୍କରେ ବଳି କୁ ପୂଜାର୍ଚ୍ଚନା କରାଯାଇଥିଲା। ପୂଜାର୍ଚ୍ଚନା ପରେ ବଳି ଚେପଟା ଢ଼ୋଲ ଉପରେ ଚଢ଼ି ବାଉତୀ ଛତର ଧରି ଢ଼ୋଲ ମହୁରୀର ତାଳେ ତାଳେ ନୃତ୍ୟ କରୁଥିବା ଦୃଶ୍ୟ ହଜାର ହଜାର ଦର୍ଶକଙ୍କୁ ଆମୋଦିତ କରିଥିଲା।

# ଭୟଙ୍କର ଗ୍ୟାସ୍ ଦୁର୍ଘଟଣା, ୭ ଗୁରୁତର ଆହତ

**ସାଲେପୁର, ୧୧।୧୦(ନି.ସୂ) :** କଟକ ଜିଲ୍ଲା ସାଲେପୁର ବ୍ଲକ୍ ଅନ୍ତର୍ଗତ ଜପକୁଦ ବଜାରରେ ଗ୍ୟାସ୍ ଲିକ୍‌କୁ ନେଇ ଏକ ଗୁରୁତର ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ଏହି ଘଟଣାରେ ତିନି ଜଣ ମହିଳା, ତିନି ଜଣ ପୁରୁଷ ଓ ଜଣେ ଶିଶୁଙ୍କ ସମେତ ଏକାଧିକ ବ୍ୟକ୍ତି ଆହତ ହୋଇଥିବା ପ୍ରାଥମିକ ସୂଚନା ରହିଛି।ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଦୀନବନ୍ଧୁ ସାହୁଙ୍କ ଦୋକାନ ଖୋଲିବା ସମୟରେ ଗ୍ୟାସ୍ ଲିକ୍ ହେବାରୁ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହାର ପ୍ରଭାବରେ ଦୋକାନ ନିକଟରେ ଥିବା ଲୋକ, ଅନ୍ୟ ଦୋକାନୀ ଏବଂ ରାସ୍ତାରେ ଯାତାୟାତ କରୁଥିବା କିଛି ପଥଚାରୀ ମଧ୍ୟ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଜଣାପଡ଼ିଛି। ଆହତଙ୍କ ମଧ୍ୟରେ ନିରଞ୍ଜନ ଦାସ, ପ୍ରେମାନନ୍ଦ ବେହୁରା, ଦୀନବନ୍ଧୁ ସାହୁ, ସୁହାନା ବିବି ଓ ରିହାନା ବିବିଙ୍କ ନାମ ରହିଛି। ଅନ୍ୟ ତିନି ଜଣ ପଥଚାରୀଙ୍କ ପରିଚୟ ଏଯାବତ୍ ମିଳିନଥିବା ସୂଚନା ମିଳିଛି। ତେବେ ଆହତଙ୍କ ସଠିକ୍ ସଂଖ୍ୟା ଓ ସେମାନଙ୍କ ଅବସ୍ଥା ସମ୍ପର୍କରେ ଅଧିକାରିକ ସ୍ପଷ୍ଟୀକରଣ ଅପେକ୍ଷାରେ ରହିଛି। ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ସହଯୋଗର





ହାତ ବଢ଼ାଇଥିଲେ। ଗୁରୁତର ଆହତଙ୍କୁ ପ୍ରଥମେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବା ବେଳେ ପରେ କଟକ ବଡ଼ ମେଡିକାଲ୍ ?କୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ, ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସାଲେପୁର ଥାନା ଅଧିକାରୀ ମହେଶ୍ୱର ବେହେରା ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ତଦନ୍ତ କରୁଥିବା ଜଣାପଡ଼ିଛି।

ତେବେ ପ୍ରକୃତରେ କେଉଁ କାରଣରୁ ଗ୍ୟାସ୍ ଲିକ୍ ହେଲା ଏବଂ ଦୁର୍ଘଟଣାର ସଠିକ୍ କାରଣ କ'ଣ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ। ଜପକୁଦ ବଜାରର ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତାର ବାତାବରଣ ଦେଖାଦେଇଛି।

# ନୂଆଗଡ ପଞ୍ଚାୟତର ୱାର୍ଡ ନଂ-୮ ରେ ପାନୀୟଜଳ ସଙ୍କଟ

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମାଧାନ ହେଉନଥିବା ଅଭିଯୋଗ

**ଗଜପତି, ୧୧।୧୦(ନି.ସୂ) :** ଲୋକଙ୍କୁ ନିରାପଦ ଓ ନିୟମିତ ପାନୀୟଜଳ ଯୋଗାଇଦେବା ସରକାରଙ୍କ ଏକ ମୌଳିକ ଜନକଲ୍ୟାଣମୂଳକ ଦାୟିତ୍ୱ। ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ୍ ଅନ୍ତର୍ଗତ ନୂଆଗଡ଼ ଗ୍ରାମ ପଞ୍ଚାୟତର ୱାର୍ଡ ନଂ-୮ ରେ ପାନୀୟଜଳ ସମସ୍ୟାକୁ ନେଇ ସ୍ଥାନୀୟ ୱାର୍ଡବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ସମସ୍ୟାର କୌଣସି ସ୍ଥାୟୀ ସମାଧାନ ହେଉନଥିବା ଅଭିଯୋଗ ହୋଇଛି। ପାନୀୟଜଳ ଭଳି ଏକ ଅତ୍ୟାବଶ୍ୟକ ମୌଳିକ ସୁବିଧା ପାଇଁ ଯଦି ଲୋକଙ୍କୁ ବାରମ୍ବାର ଅଭିଯୋଗ କରିବାକୁ ପଡ଼େ, ତେବେ ଏହା ସମ୍ପୃକ୍ତ ବ୍ୟବସ୍ଥାର କାର୍ଯ୍ୟକାରିତା ଓ ଅଭିଯୋଗର ତ୍ୱରିତ ସମାଧାନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠାଉଛି।

ପାନୀୟଜଳ ସମସ୍ୟା ଦୈନନ୍ଦିନ ଜୀବନ, ସ୍ୱାସ୍ଥ୍ୟ ଓ ଜନସାଧାରଣଙ୍କ ସାମଗ୍ରିକ ଜୀବନଧାରାକୁ ପ୍ରଭାବିତ କରିପାରେ। ଲୋକଙ୍କ ଘରେ ଘରେ ପାନୀୟଜଳ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା କରୁଥିବାବେଳେ, ନୂଆଗଡ଼ ଗ୍ରାମ ପଞ୍ଚାୟତର ୱାର୍ଡ ନଂ-୮ ରେ ପାନୀୟଜଳ ଯୋଗାଣ ବ୍ୟବସ୍ଥାର ଦୁରବସ୍ଥା ସ୍ଥାନୀୟ ବାସିନ୍ଦାଙ୍କ ଚିନ୍ତା ବଢ଼ାଇଛି। ନୂଆଗଡ଼ ଠାରୁ ସେରଙ୍ଗକୁ ସଂଯୋଗ କରୁଥିବା ରାସ୍ତାର ବିଭିନ୍ନ ସ୍ଥାନରେ ଗ୍ରାମ୍ୟ ପାନୀୟଜଳ ଯୋଗାଣ ପାଇପ୍ ଫାଟିଯାଇଥିବାରୁ ଜଳ ଯୋଗାଣ ବାଧାପ୍ରାପ୍ତ ହେଉଥିବା ବେଳେ, ୱାର୍ଡ ମଧ୍ୟରେ ମଧ୍ୟ ପାଇପ୍ ଲାଇନ୍ ଫାଟିଥିବାରୁ ଅନେକ ପରିବାର ଆବଶ୍ୟକ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି।

ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ପାଇପ୍ ଲାଇନ୍‌ରେ ତ୍ରୁଟି ଯୋଗୁଁ ଘରେ ଘରେ ନିୟମିତ ଜଳ ଯୋଗାଣ ସମ୍ଭବ ହେଉନାହିଁ।

ଦୈନନ୍ଦିନ ଜୀବନର ଅତ୍ୟାବଶ୍ୟକ ଆବଶ୍ୟକତା ହୋଇଥିବା ପାନୀୟଜଳ ପାଇଁ ଲୋକଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପାଇପ୍ ଫାଟିବା ଯୋଗୁଁ ଜଳ ନଷ୍ଟ ହେବା ସହ ଉପଭୋକ୍ତାଙ୍କ ନିକଟରେ ଜଳ ପହଞ୍ଚିବାରେ ବାଧା ସୃଷ୍ଟି ହେଉଥିବା ପ୍ରଶ୍ନ ଉଠିଛି। ଏହି ସମସ୍ୟା ସମ୍ପର୍କରେ ସାହିବାସୀ ଗ୍ରାମ ପଞ୍ଚାୟତ ସ୍ତରରେ, ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ନିକଟରେ ଏବଂ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଏକାଧିକଥର ଅବଗତ କରାଇଥିବା କହିଛନ୍ତି। ତଥାପି ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବାରୁ ସାହିବାସୀ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଶାସନିକ ତତ୍ପରତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ପାନୀୟଜଳ କେବଳ ଏକ ମୌଳିକ ଆବଶ୍ୟକତା ନୁହେଁ, ଏହା ଜନସ୍ୱାସ୍ଥ୍ୟ ଓ ମର୍ଯ୍ୟାଦାପୂର୍ଣ୍ଣ ଜୀବନ ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ତେଣୁ ପାଇପ୍ ଲାଇନ୍‌ର ତ୍ରୁଟି ଚିହ୍ନଟ କରି ତୁରନ୍ତ ମରାମତି କରିବା, ଜଳ ଯୋଗାଣ ବ୍ୟବସ୍ଥାର ସ୍ଥିତି ଯାଞ୍ଚ କରିବା ଏବଂ ପ୍ରଭାବିତ ପରିବାରଙ୍କୁ ନିୟମିତ ପାନୀୟଜଳ ଯୋଗାଇବା ଦିଗରେ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ସମ୍ପୃକ୍ତ ବିଭାଗ ପଦକ୍ଷେପ ନେବା ଆବଶ୍ୟକ।

## ଖୋରଧାରେ ଶିଳ୍ପ ବିକାଶକୁ ନୂଆ ଗତି

# ୨୬ଟି ପ୍ରକଳ୍ପକୁ ଜମି ଆବଣ୍ଟନ ପାଇଁ ସୁପାରିସ

**ଖୋରଧା, ୧୧।୧୦(ନି.ସୂ) :** ଖୋରଧା ଜିଲାରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ସହ ପୁଞ୍ଜିନିବେଶ ଓ ନିଯୁକ୍ତି ସୁଯୋଗ ବୃଦ୍ଧି ଲକ୍ଷ୍ୟରେ ୨୬ଟି ଶିଳ୍ପ ପ୍ରସ୍ତାବକୁ ଜମି ଆବଣ୍ଟନ ପାଇଁ ସୁପାରିସ କରାଯାଇଛି। ଅକ୍ଟୋବର ୯ ତାରିଖରେ ଖୋରଧା ଜିଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ଏକକ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକରେ ଏହି ପ୍ରସ୍ତାବଗୁଡ଼ିକୁ ଅନୁମୋଦନ ସୁପାରିସ ସହ ଓଡ଼ିଶା ଶିଳ୍ପ ଭିତ୍ତିଭୂମି ଉନ୍ନୟନ ନିଗମ ନିକଟକୁ ପଠାଯାଇଛି।



ଏହି ୨୬ଟି ଶିଳ୍ପ ପ୍ରସ୍ତାବ ପାଇଁ ମୋଟ ୨୩.୨୬ ଏକର ଜମି ଆବଣ୍ଟନ ନିମନ୍ତେ ସୁପାରିସ କରାଯାଇଥିବା ବେଳେ ପ୍ରସ୍ତାବିତ ପୁଞ୍ଜିନିବେଶର ପରିମାଣ ୧୭,୫୫୩.୯୨ ଲକ୍ଷ ଟଙ୍କା, ଅର୍ଥାତ୍ ପ୍ରାୟ ୧୭୫.୫୪ କୋଟି ଟଙ୍କା ରହିଛି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ପ୍ରାୟ ୧,୭୫୦ ଜଣଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆକଳନ କରାଯାଇଛି। ଜମି ଆବଣ୍ଟନ ପାଇଁ ଏହି ସୁପାରିସ ଖୋରଧା ଜିଲାରେ ଶିଳ୍ପାୟନ, ନୂତନ ପୁଞ୍ଜିନିବେଶ ଓ ରୋଜଗାର ସୃଷ୍ଟି ଦିଗରେ ଏକ ପଦକ୍ଷେପ ଭାବେ ବିବେଚିତ ହେଉଛି। ତେବେ ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକର ବାସ୍ତବ ରୂପାୟନ ଏବଂ ନିଯୁକ୍ତି ସୃଷ୍ଟି ଜମି ଆବଣ୍ଟନ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଉପରେ ନିର୍ଭର କରିବ।

## ସାଲେପୁର କଲେଜରେ ନିର୍ବାଚନ ପ୍ରଚାର ସରଗରମ୍

# ୭ ଜଣ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ




**ସାଲେପୁର, ୧୧।୧୦(ନି.ସୂ) :** ନିର୍ବାଚନ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେଲେଣି ଅନେକ ଛାତ୍ର ନେତା ଓ ଛାତ୍ରୀ ନେତ୍ରୀ । ବିଜୁଜନତା ଦଳକୁ ସମର୍ଥନ ଜଣାଇଲେ ନବାଗତ ଛାତ୍ର ନେତା ନେତ୍ରୀ ଗଣ ।

କଟକ ଜିଲ୍ଲା ସାଲେପୁର ର ଅଗ୍ରଣୀ ସାଲେପୁର ସୋ୍ୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନରେ ସମ୍ଭାବ୍ୟ ପରିସ୍ଥିତି ଆକଳନରୁ ଜଣାପଡୁଛି ଭୋଟ ହାତେଇବ ବିଜୁ ଛାତ୍ର ଜନତା ଦଳ ସାଲେପୁର ମହାବିଦ୍ୟାଳୟର ପ୍ରାୟ ୭ ଜଣ ଛାତ୍ର ଛାତ୍ରୀ ବର୍ତ୍ତମାନ ସୁଦ୍ଧା ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି ଯାହା ଆଗକୁ ସଭାପତି ସମ୍ପାଦକ ସହ ଅନ୍ୟାନ୍ୟ ପଦ ପାଇଁ ହେବାକୁ ଥିବା ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ ସମର୍ଥିତ ପ୍ରାର୍ଥୀ ବିଜୟୀ ହେବା ସମ୍ଭାବନା ଏକ ପ୍ରକାର ସ୍ପଷ୍ଟ ହେଉଛି। ଏନେଇ ନବ ନିର୍ବାଚିତ ଛାତ୍ର ନେତା ନେତ୍ରୀଙ୍କ ସହ ଶହଶହ ଛାତ୍ରଛାତ୍ରୀ ମାନେ ନବୀନ ପଟ୍ଟନାୟକ ଓ ବିଜୁ ଜନତା ଦଳ କୁ ସମର୍ଥନ ଜଣାଇ ସ୍ଲୋଗାନ ଦେଇ ସେଲିବ୍ରେଶନ କରିଥିଲେ।

ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ସଭିଙ୍କୁ ଉତ୍ତରୀୟ ପୁଷ୍ପମାଲ୍ୟ ମିଠା ଖୁଆଇ ବିଜୁ ଜନତା ଦଳରେ ସାମିଲ କରିଥିଲେ ।ଏନେଇ ଆଗକୁ ଛାତ୍ର ବିଜେଡି ରେ ନେତୃତ୍ୱ ନେଇ ବିଭିନ୍ନ କାର୍ଯ୍ୟ କରିବେ ବୋଲି ଭିନ୍ନ ଭିନ୍ନ ମତ ଦେଇ ଦେଇ ଥିଲେ ନବାଗତ ଛାତ୍ର ନେତାଗଣ।

## ଜାନୁଆରୀ ୩୧ରେ ରାଜ୍ୟସ୍ତରୀୟ ଦ୍ୱିତୀୟ ରଞ୍ଜୀ ମାରାଥନ

# ଫୁଲବାଣୀରେ ହେବ ୪ ବର୍ଗରେ ପ୍ରତିଯୋଗିତା

**କନ୍ଧମାଳ, ୧୧।୧୦(ନି.ସୂ) :** ଫୁଲବାଣୀ ରୋଟାରୀ କ୍ଲବ ଓ ପବ୍ଲିକ ସ୍କୁଲର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୦୨୭ ଜାନୁଆରୀ ୩୧ ତାରିଖରେ ରାଜ୍ୟସ୍ତରୀୟ ଦ୍ୱିତୀୟ ରଞ୍ଜୀ ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏନେଇ ରୋଟାରୀ କ୍ଲବ ଫୁଲବାଣୀ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା

### ପୁରସ୍କାର ରାଶି ପ୍ରାୟ ଦେଢ଼ ଲକ୍ଷ ଟଙ୍କା

ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାମ୍ବାଦିକ ତଥା ରୋଟାରୀ କ୍ଲବର ସମ୍ପାଦକ ସୁନୀଲ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇ ମାରାଥନ ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର କରିବା ସହ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ସେ ଗଣମାଧ୍ୟମ ପ୍ରତିନିଧିଙ୍କ ସହଯୋଗ କାମନା କରିଥିଲେ। ରୋଟାରୀ କ୍ଲବର ସଭାପତି ବିଜୟ କୃଷ୍ଣ ପଟ୍ଟନାୟକ, ଉପସଭାପତି ତଥା କାର୍ଯ୍ୟକ୍ରମର ଆବାହକ ରାଜେଶ ପାତ୍ର ଏବଂ ସହ-ଆବାହକ ରୋଟାରିଆନ ରୂପକ ମହାନ୍ତି ମାରାଥନ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ଆସନ୍ତା ଜାନୁଆରୀ ୩୧ ତାରିଖ ସକାଳ ୬ଟା ୩୦ ମିନିଟରେ ଫୁଲବାଣୀର କରୋନେସନ୍ ପଡ଼ିଆରୁ ଏହି ମାରାଥନ ଆରମ୍ଭ ହେବ। ଏଥିରେ ୩ କିଲୋମିଟର, ୫ କିଲୋମିଟର, ୧୦ କିଲୋମିଟର ଓ ୨୧ କିଲୋମିଟର ଦୂରତାକୁ ନେଇ ଚାରୋଟି ବର୍ଗରେ ପ୍ରତିଯୋଗିତା ହେବ। ଆନ୍ତର୍ଜାତୀୟ କ୍ରୀଡ଼ାବିତ୍ ଶ୍ରାବଣୀ ନନ୍ଦ ଏହି




ମାରାଥନର ବ୍ରାଣ୍ଡ ଆମ୍ବାସାଡର ଭାବେ ରହିଛନ୍ତି। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରୁଥିବା ଦୌଡ଼ବିତ୍‌ଙ୍କୁ ମୋଟ ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଏଥିରେ ଭାଗ ନେବାକୁ ଇଚ୍ଛୁକ ପ୍ରତିଯୋଗୀମାନେ ୱେବସାଇଟ୍ ମାଧ୍ୟମରେ ଅନଲାଇନ୍‌ରେ ପଞ୍ଜୀକରଣ କରିପାରିବେ। ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏହି ମାରାଥନ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ସହ ବୃକ୍ଷରୋପଣ, ନିଶାମୁକ୍ତ ସମାଜ ଗଠନ ଏବଂ ସଡ଼କ ସୁରକ୍ଷା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା। ଏହି ସାମାଜିକ ଲକ୍ଷ୍ୟକୁ ଆଗରେ ରଖି ରୋଟାରୀ କ୍ଲବ ଓ ପବ୍ଲିକ ସ୍କୁଲ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ସଭାପତି ବିଜୟ କୃଷ୍ଣ ପଟ୍ଟନାୟକ ଓ ଆବାହକ ରାଜେଶ ପାତ୍ର ପ୍ରକାଶ କରିଥିଲେ। ମାରାଥନ ସହିତ ରୋଟାରୀ କ୍ଲବ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ଓ ରାଜ୍ୟସ୍ତରୀୟ ସେମିନାର ମଧ୍ୟ ଆୟୋଜନ କରାଯିବ ବୋଲି ସମ୍ପାଦକ ସୁନୀଲ ପଟ୍ଟନାୟକ ସୂଚନା ଦେଇଥିଲେ। ଏହି ଅବସରରେ କ୍ରୀଡ଼ାର ପ୍ରୋତ୍ସାହନ କ୍ଷେତ୍ରରେ ଅବଦାନ ପାଇଁ ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ଏବଂ ଜିଲ୍ଲା କ୍ରୀଡ଼ା ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀଙ୍କୁ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କ ସମେତ ରୋଟାରୀ କ୍ଲବର ସଦସ୍ୟମାନେ ଉପସ୍ଥିତ ଥିଲେ।

## ବୟସ ସୀମା ୬୫ ଟପିଲା, ମିଳିଲାନି ବାର୍ଦ୍ଧକ୍ୟ ଭତ୍ତା

# ତିନି ବର୍ଷ ହେଲା ବ୍ଲକରୁ ପଞ୍ଚାୟତ ଦୌଡୁଛନ୍ତି କୃଷ୍ଣଚନ୍ଦ୍ର

**କନ୍ଧମାଳ, ୧୧।୧୦(ନି.ସୂ) :** ସରକାରୀ ନିୟମ ଅନୁଯାୟୀ ବାର୍ଦ୍ଧକ୍ୟ ଭତ୍ତା ପାଇଁ ବୟସ ସୀମା ୬୦ ବର୍ଷ ଧାର୍ଯ୍ୟ କରାଯାଇଥିବା ବେଳେ କନ୍ଧମାଳ ଜିଲ୍ଲା କ. ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ସଲାଗୁଡ଼ା ଗ୍ରାମର କୃଷ୍ଣଚନ୍ଦ୍ର ଦିଗାଲଙ୍କ ବୟସ ୬୫ ବର୍ଷ ଟପିଲାଣି। ମାତ୍ର ଦୁର୍ଭାଗ୍ୟର ବିଷୟ, ଅଦ୍ୟାବଧି ତାଙ୍କ ଭାଗ୍ୟରେ ବାର୍ଦ୍ଧକ୍ୟ ଭତ୍ତା ଜୁଟିପାରି ନାହିଁ।



ସୂଚନା ମୁତାବକ, କୃଷ୍ଣଚନ୍ଦ୍ର ଦିଗାଲ ଦୀର୍ଘ ତିନି ବର୍ଷ ହେବ ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରମ୍ବାର ଦରଖାସ୍ତ ଦେଇ ଆସୁଛନ୍ତି। ଦୁଇ ବର୍ଷ ତଳୁ ସେ ସମସ୍ତ ଯୋଗ୍ୟତା ଅର୍ଜନ କରିଥିଲେ ମଧ୍ୟ କେଉଁ କାରଣ ପାଇଁ ତାଙ୍କୁ ହିତାଧିକାରୀ ତାଲିକାରେ ସାମିଲ କରାଯାଉନାହିଁ, ତାହା ବୁଝାପଡୁନାହିଁ।

ବିଗତ ସରକାର ଅମଳରୁ ଆଜି ପର୍ଯ୍ୟନ୍ତ ଅଫିସରୁ ଅଫିସ ଦୌଡ଼ି ନିରାଶ ହୋଇ ପଡ଼ିଛନ୍ତି ଏହି ବୃଦ୍ଧ ଜଣକ। ବାରମ୍ବାର ଗୁହାରି କଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସୁଫଳ ମିଳିନାହିଁ। ଜଣେ ପ୍ରକୃତ ଯୋଗ୍ୟ ହିତାଧିକାରୀ ସରକାରୀ ସହାୟତାରୁ ବଞ୍ଚିତ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ପ୍ରଶାସନିକ ବ୍ୟବସ୍ଥା ପ୍ରତି ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହି ଦିଗରେ ଜିଲ୍ଲା ତଥା ବ୍ଲକର ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କୃଷ୍ଣଚନ୍ଦ୍ର ଦିଗାଲଙ୍କୁ ବାର୍ଦ୍ଧକ୍ୟ ଭତ୍ତା ଯୋଗାଇ ଦେବା ପାଇଁ ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ସଚେତନ ନାଗରିକମାନେ ଦୃଢ଼ ଦାବି କରିଛନ୍ତି।

## ବନ୍ତ କଲେଜ ଛାତ୍ର ସଂସଦ ନିର୍ବାଚନ

# ବିସିଜେଡି ଓ ଏନ୍‌ଏସ୍‌ୟୁଆଇ ମଧ୍ୟରେ ହେବ ଟକ୍କର

**ବନ୍ତ, ୧୧।୧୦(ନି.ସୂ) :** ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନକୁ ନେଇ କଲେଜ ପରିସରରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ନିର୍ବାଚନୀ ମଇଦାନରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି), ନ୍ୟାସନାଲ ଷ୍ଟୁଡେଣ୍ଟସ୍ ୟୁନିଅନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । ବିସିଜେଡି ସମର୍ଥିତ ସଭାପତି ପ୍ରାର୍ଥିନୀ ଦେବଜାନୀ ନାୟକ ଏବଂ ସାଧାରଣ ସମ୍ପାଦିକା ପ୍ରାର୍ଥିନୀ ରତ୍ନରାଣୀ ଜେନାଙ୍କ ସମେତ ଅନ୍ୟ ପ୍ରାର୍ଥୀମାନେ ନିଜ ନିଜ ପକ୍ଷରେ ସମର୍ଥନ ଯୋଗାଡ଼ କରୁଛନ୍ତି। ସେମାନଙ୍କର ଶାନ୍ତ, ସରଳ ସ୍ୱଭାବ ଏବଂ ସହପାଠୀଙ୍କ ସହ ଉତ୍ତମ ସମ୍ପର୍କକୁ ନେଇ ସମର୍ଥକମାନେ ଆଶାବାଦୀ ଅଛନ୍ତି । ତେବେ ନିର୍ବାଚନର ଅନ୍ତିମ ଫଳାଫଳ ମତଦାନ ଓ ଭୋଟ୍ ଗଣତି ପରେ ହିଁ ସ୍ପଷ୍ଟ ହେବ । ଅନ୍ୟପକ୍ଷରେ, ଏନ୍‌ଏସ୍‌ୟୁଆଇ ମଧ୍ୟ ନିଜର ପ୍ରଚାର ଅଭିଯାନ ଆରମ୍ଭ କରିଛି। ବିଶେଷକରି ସାଧାରଣ ସମ୍ପାଦକ ପଦବୀ ପାଇଁ ବିସିଜେଡି ଓ ଏନ୍‌ଏସ୍‌ୟୁଆଇ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେବା ନେଇ ଚର୍ଚ୍ଚା ଚାଲିଛି । ଏହି ନିର୍ବାଚନରେ ଏବିଭିପିକୁ ପ୍ରାରମ୍ଭିକ ଝଟ୍‌କା ଲାଗିଥିବା



ଆଲୋଚନା ହେଉଛି । ଏବିଭିପି ସମର୍ଥିତ ସାଧାରଣ ସମ୍ପାଦକ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିବା ସୂଚନା ମିଳିଛି । ଫଳରେ ଏବିଭିପିର ପ୍ରତିନିଧିତ୍ୱକୁ ନେଇ ପ୍ରଶ୍ନ ଉଠିଛି । ଏହା ସହିତ ଏବିଭିପି ସମର୍ଥକ ସୋମ୍ୟଶ୍ରୀଙ୍କୁ ନ୍ୟାୟ ମିଳିବା ପ୍ରସଙ୍ଗ ମଧ୍ୟ ଚର୍ଚ୍ଚାରେ ରହିଛି । ସୋମ୍ୟଶ୍ରୀଙ୍କ ସହ ଜଡ଼ିତ ଘଟଣାରେ ନ୍ୟାୟ ଓ ଉଚିତ ପଦକ୍ଷେପ ଦାବି ଉଠିଥିବା ବେଳେ କାହିଁକି ଏଭିବିପି ନେତୃତ୍ୱମାନେ ଚୁପ୍ ବସିଛନ୍ତି,ସରକାରଙ୍କ ଶୀତଳ କାର୍ଯ୍ୟାନୁଷ୍ଠାନ ଏଭିବିପି

### ସୋମ୍ୟଶ୍ରୀଙ୍କୁ ନ୍ୟାୟ ମିଳିବା ପ୍ରସଙ୍ଗ ଉଠାଇଲା ବିସିଜେଡି

ପରାଜୟର ମୂଖ୍ୟ କାରଣ ହୋଇପାରେ ଓ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ମଧ୍ୟ ନିର୍ବାଚନୀ ଆଲୋଚନା ଜୋର ଧରିଛି। ବିଜେଡି ସରକାର ସମୟରେ କଲେଜରେ କୋଟି କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ ୫-ଟି ଅଧୀନରେ କାମ ହୋଇଅଛି । କଲେଜକୁ ରୂପାନ୍ତରୀଣ କରିବାରେ ବିସିଜେଡି ସମର୍ଥକ ଏବଂ ବିଜୁ ଜନତାଦଳର ପ୍ରମୁଖ ଭୂମିକା ରହିଅଛି ଓ କଲେଜର ପୂର୍ବ ଛାତ୍ର ସଂସଦ ନିର୍ବାଚନଗୁଡ଼ିକରେ ବିସିଜେଡି ବାଜିମାତ କରିଥିବା ନେଇ ଏହାର ସମର୍ଥକମାନେ ଦାବି କରୁଛନ୍ତି। ଚଳିତ ନିର୍ବାଚନରେ ମଧ୍ୟ ଦଳର ପ୍ରାର୍ଥୀମାନେ ନିଜ ସମର୍ଥନକୁ ମତରେ ପରିଣତ କରିବାକୁ ଉଦ୍ୟମ ଚଳାଇଛନ୍ତି । ଅନ୍ୟପଟେ ଏନ୍‌ଏସ୍‌ୟୁଆଇ ନିଜର ପ୍ରଚାର ଆରମ୍ଭ କରିଅଛି ଓ ଏଭିବିପି ପାର୍ଥୀ ମାନଙ୍କ ପ୍ରଚାର ପ୍ରସାର ବହୁ ପଛରେ ଅଛି ଓ ମୋଟାମୋଟି ଭାବେ,ବନ୍ତ କଲେଜ ଛାତ୍ର ସଂସଦ ନିର୍ବାଚନରେ ପ୍ରାର୍ଥିପତ୍ର ନାକଚ, ସୋମ୍ୟଶ୍ରୀଙ୍କୁ ନ୍ୟାୟ ମିଳିବା ପ୍ରସଙ୍ଗ,କଲେଜର ଉନ୍ନୟନମୂଳକ କାର୍ଯ୍ୟ ଏବଂ ଛାତ୍ରଛାତ୍ରୀଙ୍କ ସମସ୍ୟା ଏବେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି । ଆଗାମୀ ଦିନରେ କେଉଁ ସଂଗଠନ ଛାତ୍ରଛାତ୍ରୀଙ୍କ ଅଧିକ ସମର୍ଥନ ହାସଲ କରିବ,ତାହା ନିର୍ବାଚନ ଫଳାଫଳରୁ ଜଣାପଡ଼ିବ ।

## ଶାନ୍ତିପୂର୍ଣ୍ଣ ଭାବେ ଛାତ୍ର ସଂସଦ ନିର୍ବାଚନ ଶେଷ କରିବାକୁ ଆଇଜି ଡ. ସତ୍ୟଜିତ ନାୟକଙ୍କ ଆହ୍ୱାନ

**କଟକ, ୧୧।୧୦(ନି.ସୂ) :** ଛାତ୍ର ସଂସଦ ନିର୍ବାଚନକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ହିଂସାମୁକ୍ତ ଭାବେ ସମାପନ କରିବାକୁ କେନ୍ଦ୍ରାଞ୍ଚଳ ପୁଲିସ ଆଇଜି ଡ. ସତ୍ୟଜିତ ନାୟକ, ଆଇପିଏସ୍, ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି।



ନିର୍ବାଚନରେ ସୁସ୍ଥ ପ୍ରତିଯୋଗିତା, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ପରସ୍ପର ପ୍ରତି ସମ୍ମାନକୁ ଗୁରୁତ୍ୱ ଦେବା ସହ ହିଂସା, ଧମକ ଓ ବିଶୃଙ୍ଖଳାଠାରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ଛାତ୍ର ସଂସଦ ନିର୍ବାଚନ କେବଳ ନେତୃତ୍ୱ ଚୟନର ମାଧ୍ୟମ ନୁହେଁ, ବରଂ ଗଣତାନ୍ତ୍ରିକ ଆଚରଣ ଓ ଦାୟିତ୍ୱବୋଧର ପରିଚୟ ବୋଲି ସେ କହିଛନ୍ତି। ନିର୍ବାଚନ ସମୟରେ ଆଇନଶୃଙ୍ଖଳା ରକ୍ଷା ଓ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ରାଞ୍ଚଳ ଅଧୀନ ସମସ୍ତ ଜିଲ୍ଲାର ଏସ୍‌ପି ଓ ପୁଲିସ ଅଧିକାରୀଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ବେଦନଶୀଳ ଶିକ୍ଷାନୁଷ୍ଠାନଗୁଡ଼ିକ ଉପରେ ସ୍ୱତନ୍ତ୍ର ନଜର ରଖିବା ସହ କ୍ୟାମ୍ପସ୍‌ରେ ବାହାର ଲୋକଙ୍କ ଅନଧିକୃତ ହସ୍ତକ୍ଷେପ ଓ ଅଶାନ୍ତି ସୃଷ୍ଟି ଉଦ୍ୟମକୁ ରୋକିବାକୁ ପୁଲିସକୁ କୁହାଯାଇଛି। ଛାତ୍ରଛାତ୍ରୀମାନେ କଲେଜ କର୍ତ୍ତୃପକ୍ଷ ଓ ପୁଲିସକୁ ସହଯୋଗ କରିବା ସହ ନିୟମ ମାନି ଶାନ୍ତିପୂର୍ଣ୍ଣ ନିର୍ବାଚନ ସୁନିଶ୍ଚିତ କରନ୍ତୁ ବୋଲି ଆଇଜି ଡ. ନାୟକ ନିବେଦନ କରିଛନ୍ତି।

# ମାଟିଆପଡାରେ ବନ୍ୟପ୍ରାଣୀ ସପ୍ତାହ ପାଳିତ

**ପଟ୍ଟାମୁଣ୍ଡାଇ, ୧୧।୧୦(ନି.ସୂ) :** ପରିବେଶ ସନ୍ତୁଳନ ପାଇଁ ବନ୍ୟପ୍ରାଣୀ ସୁରକ୍ଷା ଜରୁରୀ ଓ ବନ୍ୟପ୍ରାଣୀ ସୁରକ୍ଷା ପାଇଁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମାଟିଆପଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି ଓ ଏହି ଉପଲକ୍ଷେ ପ୍ରଧାନଶିକ୍ଷକ କବି ମନୋଜ ଶତପଥୀଙ୍କ ପୌରହିତ୍ୟରେ ଆୟୋଜିତ




ସଭାରେ ଆପୁଆ ନିର୍ଦ୍ଦେଶକ ବିଶିଷ୍ଟ ପରିବେଶବିତ ବିଜୟ କବି ମୁଖ୍ୟଅତିଥି ପ୍ରାକ୍ତନ ପ୍ରଧାନଶିକ୍ଷକ ଶରତ କୁମାର ଗାହାଣ ମୁଖ୍ୟବକ୍ତା ବନ ବିଭାଗ ଅଧିକାରୀ ରାଜେଶ ପଟନାୟକ ସ୍କୁଲ ପରିଚାଳନା କମିଟି ସଭା ପତି ଅକ୍ଷୟ କୁମାର ସାହୁ ସମ୍ମାନିତଅତିଥି ଭାବେ ପରିବେଶ ସୁରକ୍ଷା ସୁସ୍ଥ ପରିବେଶ ସୃଷ୍ଟି କ୍ଷେତ୍ରରେ ବନ୍ୟଜନ୍ତୁ ମାନଙ୍କ ଭୂମିକା,ସ୍ଥିତି ଅବସ୍ଥିତି ଓ ସୁରକ୍ଷା ଉପରେ ଆଲୋକପାତ କରିଥିଲେ ଓ ସହକାରୀ ଶିକ୍ଷକ ମାନସ ରଞ୍ଜନ ସାହୁ ସ୍ୱାଗତଭାଷଣ ଓ ଇକୋ କ୍ଲବ ଶିକ୍ଷୟତ୍ରୀ ଶୁଭଶ୍ରୀ ପରିଡା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଏଇ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା ର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ଓ ଶେଷରେ ସହକାରୀ ଶିକ୍ଷୟତ୍ରୀ ପୁଷ୍ପଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ।









**ସୁଖ ଓ ଦୁଃଖର ମିଶ୍ରରେ ହିଁ ଜୀବନ । ସୁଖ ଦୁଃଖର ସନ୍ତୁଳନ ହିଁ ମଣିଷକୁ ସୁସ୍ଥ, ସୁନ୍ଦର ଆଉ ଅଭିଜ୍ଞ କରିତୋଳେ । ତାହାର ଆନୁପାତିକ ମୂଲ୍ୟାୟନ ସମ୍ଭବ ନୁହେଁ । ଆବଶ୍ୟକତା ବି ନୁହେଁ । ଯେତେବେଳେ ଯାହା ଯେମିତି ଯେଉଁ ଅନୁପାତରେ ଆସୁଛି ତାହା ଗ୍ରହଣ କରିବା ଉଚିତ୍ ।**

# ନବଧାଭକ୍ତି ଚେତନାର ନବରାତ୍ରି

**ଅନ୍ତର୍ଯ୍ୟାମୀ ପଟ୍ଟନାୟକ**

ସଂସ୍କୃତି କହିଲେ ମାନବର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଜୀବନର ମାନଦଣ୍ଡ ତଥା ମାର୍ଜିତ ଚିନ୍ତାଧାରାକୁ ବୁଝାଏ । ଏହା ଏକ ସଂସ୍କାର ସମ୍ପନ୍ନ ମାନବ ସମାଜର ଅନ୍ତଃସଲୀଳା ଚୀର ପ୍ରବହମାନ ଜହ୍ନାବୀ ଧାରା । ଏହା ସାମାଜିକ ଜୀବନ ଠାରୁ ଆରମ୍ଭ କରି ସାଂସ୍କୃତିକ ତଥା ଧାର୍ମିକ ଜୀବନ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ପ୍ରତିଫଳିତ । ମା'ଦୁର୍ଗାଙ୍କର ନଅଟି ସ୍ୱରୂପ ରହିଛି । ସେମିତି ଭକ୍ତି ମଧ୍ୟ ନ ପ୍ରକାରର । ଏହାକୁ ନବଧା ଭକ୍ତି କୁହାଯାଏ । ଏହି ନ'ପ୍ରକାର ଭକ୍ତି ମଧ୍ୟରୁ ଭକ୍ତକୁ ଯେଉଁ ମାର୍ଗ ସୁବିଧାଜନକ ମନେହୁଏ ସେ ତାହା ଅନୁସରଣ କରିପାରନ୍ତି । ବେଦ ଓ ଗୀତାରେ ନବଧା ଭକ୍ତିର ଉଲ୍ଲେଖ ରହିଛି । ଆଧ୍ୟାତ୍ମ ରାମାୟଣରେ ନବଧା ଭକ୍ତିର ରୂପ କିଛି ଭିନ୍ନ । ଏହି ପୁରାଣ ଅନୁଯାୟୀ ଭକ୍ତିର ନ'ଟି ମାର୍ଗ ଯଥା ସତ୍‌ସଙ୍ଗ, ଭଗବତ୍ ଆଲୋଚନା, ପୁରାଣ ବ୍ୟାଖ୍ୟା, ଭଗବତ କଥା ବ୍ୟାଖ୍ୟା, ଗୁରୁସେବା, ପବିତ୍ର ସ୍ୱଭାବ, ମନ୍ତ୍ରୋପାସନା, ସଜ୍ଜନ ଶ୍ରଦ୍ଧା, ବୈରାଗ୍ୟ ଏବଂ ତପ । ବିଶ୍ୱାସ କରାଯାଏ ବୈଷ୍ଣବମାନେ ଏହି ମାର୍ଗର ବିକାଶ କରିଥିଲେ । ପରେ ଅନ୍ୟମାନେ ଏହାକୁ ଅନୁକରଣ କରିଥିଲେ । ଗୀତାରେ ବର୍ଣ୍ଣନା କରାଯାଇଥିବା ଭକ୍ତିର ନଅଟି ପଦ୍ଧତି ହେଉଛି - ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦ ସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ, ଆତ୍ମ ନିବେଦନ ।

ପ୍ରଥମରେ ଶୈଳୀପୁତ୍ରୀ, ଦ୍ୱିତୀୟରେ ବ୍ରହ୍ମଚାରିଣୀ, ତୃତୀୟରେ ଚନ୍ଦ୍ରଘଣ୍ଟା, ଚତୁର୍ଥରେ କୁଷ୍ମାଣ୍ଡା, ପଞ୍ଚମରେ ସ୍କନ୍ଦମାତା, ଷଷ୍ଠରେ କାତ୍ୟାୟାନୀ, ସପ୍ତମରେ କାଳରାତ୍ରୀ, ଅଷ୍ଟମରେ ମହାଗୌରୀ ଓ ନବମରେ ସିଦ୍ଧିଦାତ୍ରୀ ଏହା ନବଦୁର୍ଗା (ନବଶକ୍ତି) ବୋଲି କଥିତ ଅଛି । ଏହି ସମସ୍ତ ନାମ ସର୍ବଜ୍ଞଦେବ ବ୍ରହ୍ମାଙ୍କ ଦ୍ୱାରା ବର୍ଣ୍ଣିତ ହୋଇଅଛି । (ବ୍ରହ୍ମାକୃତ ଦେବୀ କବଚ) । ମା ସିଦ୍ଧିଦାତ୍ରୀ ଭକ୍ତମାନଙ୍କର ସମସ୍ତ କାମନା ପୂରଣ କରି ଅଷ୍ଟସିଦ୍ଧି (ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ଈଷିତ୍ୱ ଓ ବଶିତ୍ୱ) ପ୍ରଦାନ କରନ୍ତି । ଆଉ କେତେ ପୁରାଣରେ ଅଷ୍ଟାଦଶ ସିଦ୍ଧି ବିଷୟରେ କୁହାଯାଏ । ସେଗୁଡ଼ିକ ହେଲା - ଅଣିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ମହିମା, ଈଶିତ୍ୱ, ବଶିତ୍ୱ, ସର୍ବକାମାବସାୟିତା, ସର୍ବଜ୍ଞତ୍ୱ, ଦୂରଶ୍ରବଣ, ପରକାୟ ପ୍ରବେଶନ, ବାକସିଦ୍ଧି, କଳ୍ପବୃକ୍ଷତ୍ୱ, ସୃଷ୍ଟି, ସଂହାରକରଣ ସାମର୍ଥ୍ୟ, ଅମରତ୍ୱ, ସର୍ବନାୟକତ୍ୱ, ଭାବନା, ସିଦ୍ଧି । ଦେବୀ ପୁରାଣ ଅନୁସାରେ ମା'ସିଦ୍ଧିଦାତ୍ରୀଙ୍କ କୃପାରୁ ଭଗବାନ ଶଙ୍କର ଏ ସମସ୍ତ ସିଦ୍ଧି ପ୍ରାପ୍ତ ହୋଇଛନ୍ତି । ସେଥିପାଇଁ ସେ ତାଙ୍କର ଅର୍ଦ୍ଧାଙ୍ଗରେ ସର୍ବଦା ଦେବୀଙ୍କୁ ଧାରଣ କରିଛନ୍ତି । ଏହି କାରଣରୁ ଶିବ ଅର୍ଦ୍ଧନାରୀଶ୍ୱର ନାମରେ ଜଗତରେ ବିଖ୍ୟାତ ।

ନବ ଶବ୍ଦର ଅର୍ଥ ହେଉଛି ୯ ସଂଖ୍ୟାବାଚକ । ଦୁର୍ଗାଙ୍କ ନବରୂପର ଅର୍ଚ୍ଚନା କରାଯାଏ । କୃଷି ପ୍ରଧାନ ଦେଶ ଭାରତରେ କୃଷି ଦୃଷ୍ଟିରୁ ଆଶ୍ୱିନ



ଓ ଚୈତ୍ର ମାସର ବିଶେଷ ମହତ୍ୱ ରହିଛି । ଚୈତ୍ର ମାସରେ ଏବଂ ଆଶ୍ୱିନ ମାସରେ ଧାନ ଫସଲ ହୋଇଥାଏ । ଉଭୟ ଅବସରରେ ୯ ଦିନ ପର୍ଯ୍ୟନ୍ତ ଘରେ ରହିବା ଆବଶ୍ୟକ । ଗୃହକୋଣରେ ଭଗବତୀଙ୍କ ମଣ୍ଡପ ସଜାଯାଏ । ରାତିଦିନ ଜଳୁଥିବା ଘିଅ ଏବଂ ତେଲର ପ୍ରଦୀପ, ଦୂପ, କର୍ପୂର ଅଗର ଆଦି ସୁଗନ୍ଧିତ ଦ୍ରବ୍ୟରୁ ଆସୁଥିବା ଧୂମ ଏହି ସନ୍ଧିକାଳ ମାସରେ ଉତ୍ପନ୍ନ ହେଉଥିବା ଜୀବାଣୁର ବିନାଶ କରେ । ଅନ୍ନର ଆଗମନରେ 'ନବରାତ୍ରି' ପାଳନ କରାଯାଏ । ଦଶମ ଦିନ ଯଜ୍ଞ କରି ନବାନ୍ନ ଆହୁତି ଦିଆଯାଏ । ପୌରାଣିକ କଥାବସ୍ତୁ ଅନୁଯାୟୀ ମହାପ୍ରତାପୀ ରାବଣକୁ ଜିତିବା ପାଇଁ ପ୍ରଭୁ ଶ୍ରୀରାମ ନାରଦ ମୁନିଙ୍କ ପରାମର୍ଶରେ ନବରାତ୍ରି ପୂଜା କରିଥିଲେ । ମା' ଦୁର୍ଗାଙ୍କ ନବରାତ୍ରୀ ଉତ୍ସବରେ ମହାମାୟୀ ଏ ନବଦିନ ଭିନ୍ନ ଭିନ୍ନ ସ୍ୱରୂପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଅନ୍ତି । ନବରାତ୍ର ଶବ୍ଦରୁ ସ୍ୱତନ୍ତ୍ର ନଅ ରାତିର ଭାବନା ମନକୁ ଆସେ । ଏ ସମୟରେ ଶକ୍ତିକୁ ନ ରୂପରେ ଉପାସନା କରାଯାଏ । ରାତ୍ରି ଶବ୍ଦ ସିଦ୍ଧିର ପ୍ରତୀକ । ଭାରତରେ ପ୍ରାଚୀନ ମୁନିଋଷିମାନେ ପର୍ବ ଓ ଉପାସନାରେ ଦିନ ଅପେକ୍ଷା ରାତିକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ସେଥିପାଇଁ ଦୀପାବଳୀ, ହୋଲିକା ଦହନ, ଶିବରାତ୍ରୀ ଓ ନବରାତ୍ରୀ ପରି ଉତ୍ସବ ରାତିରେ ହିଁ ପାଳିତ ହୁଏ । ରାତିର ବିଶେଷ ମହତ୍ୱ ନଥିଲେ ଏସବୁ ଉତ୍ସବ ଦିନରେ ହିଁ ପାଳିତ ହେଉଥାନ୍ତି । ମନୀଷୀମାନେ ବର୍ଷରେ ଦୁଇଥର ନବରାତ୍ରୀ ପାଳନର ବିଧାନ ରଖିଛନ୍ତି । ନଅଦିନ ପୂଜାରେ ମା'ଦୁର୍ଗାଙ୍କୁ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ ରୂପେ ପୂଜା କରାଯାଏ । ଏହି ନବରାତ୍ରରେ ଲୋକମାନେ ନିଜ ନିଜର ଆଧ୍ୟାତ୍ମିକ ଓ ମାନସିକ ଶକ୍ତି ସଞ୍ଚୟ କରିବା ପାଇଁ ବିଭିନ୍ନ ପ୍ରକାର ବ୍ରତ, ନିୟମ, ସଂଯମ, ଯଜ୍ଞ, ଭଜନ, ପୂଜନ, ଯୋଗ ସାଧନା ଆଦି କରନ୍ତି । କିଛି ସାଧକ ଏହି ରାତ୍ରିରେ ପଦ୍ମାସନ ବା ସିଦ୍ଧାସନରେ ବସି ବୀଜମନ୍ତ୍ର ଜପ କରନ୍ତି ।

ପ୍ରାକ- ବୈଦିକ ଯୁଗରୁ ଅଦ୍ୟାବଧି ଶକ୍ତି ଉପାସନା ଭାରତୀୟ ଜନମାନସରେ ଏକତ୍ୱବୋଧ ଓ ଆନନ୍ଦ ସୃଷ୍ଟି କରି ଆସିଛି । ସଂପ୍ରତି ଶାରଦୀୟ ଦୁର୍ଗୋତ୍ସବ ଜାତି, ଧର୍ମ, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ଏକ ଗଣମହୋତ୍ସବର ରୂପ ଧାରଣ କଲାଣି । ସଂକ୍ଷେପରେ ଉଲ୍ଲେଖ କଲେ, ମହଶକ୍ତି ଏକ ମହାଜାଗତିକ ଚେତନା ଭାବରେ ସମଗ୍ର ଭାରତବାସୀଙ୍କୁ ଏକ ସୂତ୍ରରେ ବାନ୍ଧି ରଖିଛନ୍ତି । ମହାଶକ୍ତି ସର୍ବଭୂତ ରୂପରେ ବିଦ୍ୟମାନା । ସେହିଁ ସୃଷ୍ଟି, ସ୍ଥିତି ଓ ସଂହାର ଶକ୍ତି ରୂପିଣୀ ସନାତନୀ । ସେଥି ନିମିତ୍ତ ଶ୍ରୀ ଶ୍ରୀ ଚଣ୍ଡୀରେ କୁହାଯାଇଛି - 'ସୃଷ୍ଟି ସ୍ଥିତି ବିନାଶାନାଂ ଶକ୍ତି ଭୂତେ ସନାତନି, ଗୁଣାଶ୍ରୟେ ଗୁଣମୟେ ନାରାୟଣି ନମୋସ୍ତୁତେ ।'

ଟ୍ରଷ୍ଟି, ଶ୍ରୀସତ୍ୟସାଇ ଟ୍ରଷ୍ଟ, ଓଡ଼ିଶା,
ଦୂରଭାଷ : ୭୯୭୮୦୩୭୧୭୮

# କେନ୍ଦ୍ର ସରକାରଙ୍କୁ ରାହୁଲଙ୍କ ତୀବ୍ର ସମାଲୋଚନା

ଦିଲ୍ଲୀରେ ଚାଲିଥିବା ଛାତ୍ର ଓ ଯୁବ ଆନ୍ଦୋଳନକୁ ନେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହା ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ଉପରେ ଦେଶର ଯୁବପିଢ଼ିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଚଳାଇବାର ଅଭିଯୋଗ ଆଣିଛନ୍ତି ସେ । ଏଥିସହ ଦିଲ୍ଲୀକୁ ଏକ କାରାଗାରରେ ପରିଣତ କରାଯାଇଥିବା କହି ସରକାରଙ୍କୁ କଟାକ୍ଷ କରିଛନ୍ତି ।

ବିକ୍ଷୋଭ ପ୍ରଦର୍ଶନ କରୁଥିବା ଯୁବକ, ଛାତ୍ର ଓ ବିରୋଧୀ ନେତାଙ୍କ ବିରୋଧରେ ପୋଲିସର କାର୍ଯ୍ୟାନୁଷ୍ଠାନକୁ ରାହୁଲ ନିନ୍ଦା କରିଛନ୍ତି । ତାଙ୍କ କହିବା ଅନୁଯାୟୀ, ଯୁବପିଢ଼ି ନିଜ ଅଧିକାର ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ରାସ୍ତାକୁ ଓହ୍ଲାଇଥିବା ବେଳେ ସରକାର ସେମାନଙ୍କ ସ୍ୱରକୁ ଦମନ କରିବାକୁ ଉଦ୍ୟମ କରୁଛନ୍ତି । ଶାନ୍ତିପୂର୍ଣ୍ଣ ପ୍ରତିବାଦ ଉପରେ ବଳପ୍ରୟୋଗ କରାଯାଉଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି ।

ଆନ୍ଦୋଳନକାରୀଙ୍କୁ ସମର୍ଥନ ଜଣାଇ ରାହୁଲ କହିଛନ୍ତି, ସରକାରଙ୍କ ପକ୍ଷରୁ ଲାଠିଚାଳନା କିମ୍ବା ଗିରଫଦାରୀ ହେଲେ ମଧ୍ୟ ଯୁବପିଢ଼ି ଭୟଭୀତ ହେବେ ନାହିଁ ଏବଂ ପଛଘୁଞ୍ଚା ଦେବେ ନାହିଁ । ଅନ୍ୟପକ୍ଷରେ, ଦିଲ୍ଲୀରେ ପୋଲିସ ମୁତୟନ ଓ ଆନ୍ଦୋଳନକାରୀଙ୍କୁ ଅଟକ ରଖାଯିବା ଘଟଣାକୁ ନେଇ ରାଜନୈତିକ ବୟାନବାଜି ଜୋର ଧରିଛି । ସେପଟେ, ଶିବସେନା (ଉଦ୍ଧବ ବାଲାସାହେବ ଠାକରେ) ନେତା ଆଦିତ୍ୟ ଠାକରେ ମଧ୍ୟ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍? କରିଛନ୍ତି । ବିଜେପି ଭୟ ଓ ଚାପରେ ରହିଥିବାରୁ ସାଧାରଣ ଲୋକ ଏବଂ ବିରୋଧୀ ନେତାଙ୍କୁ ଅଟକ ରଖୁଛି ବୋଲି ସେ ଅଭିଯୋଗ କରିଛନ୍ତି । ଏଭଳି କାର୍ଯ୍ୟକୁ ସେ ଏକଛତ୍ରବାଦର ଉଦାହରଣ ବୋଲି କହିଛନ୍ତି ।

ଆଦିତ୍ୟଙ୍କ ଅଭିଯୋଗ ଅନୁଯାୟୀ, ଜନଆକ୍ରୋଶକୁ ଦେଖି ବିଜେପି ଭୟଭୀତ ହୋଇପଡ଼ିଛି ଏବଂ ନାଗରିକଙ୍କୁ ଅଟକ ରଖି ସେମାନଙ୍କ ସ୍ୱରକୁ ଚାପିବାକୁ ଉଦ୍ୟମ କରୁଛି । ଦେଶରେ ଗଣତନ୍ତ୍ରକୁ ଦୁର୍ବଳ କରି ଏକଛତ୍ରବାଦୀ ଶାସନ ଚଳାଇବାକୁ ପ୍ରୟାସ ହେଉଥିବା ମଧ୍ୟ ସେ ଅଭିଯୋଗ ଆଣିଛନ୍ତି ।

# ନିର୍ବାଚନ ଆୟୋଗ ହାତରେ ଗଣତନ୍ତ୍ର

**ଅଧ୍ୟାପକ ଗୋପବନ୍ଧୁ**
**ଅବସରପ୍ରାପ୍ତ**

ଗଣତନ୍ତ୍ରର ସ୍ଥିତି ଓ ଭବିଷ୍ୟତ ମୁକ୍ତ ଓ ଅବାଧ ନିର୍ବାଚନ ଉପରେ ନିର୍ଭର କରେ । ଯଦି ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ପରିଲକ୍ଷିତ ହୁଏ ଓ ଏହାକୁ ଯଥାର୍ଥତାର ପୋଷାକ ପିନ୍ଧାଇବାକୁ ଚେଷ୍ଟା କରାଯାଏ, ତେବେ ଗଣତନ୍ତ୍ର ପ୍ରତି ବିପଦ ମାଡ଼ି ଆସୁଛି ବୋଲି ଧରିନେବାକୁ ହେବ । ଗଣତନ୍ତ୍ରରେ ଜନସାଧାରଣଙ୍କ ଇଚ୍ଛାମତେ ସରକାର ଗଠିତ ହୁଏ । ଏଥିପାଇଁ ମୁକ୍ତ ଓ ଅବାଧ ନିର୍ବାଚନର ଆବଶ୍ୟକତା ରହିଛି । ନିର୍ବାଚନ ପ୍ରକ୍ରୀୟାକୁ ତଦାରଖ ଓ ପରିଚାଳନା କରିବା ପାଇଁ ଏକ ରାଷ୍ଟ୍ରୀୟ ସଂସ୍ଥାର ଆବଶ୍ୟକତା ପଡେ । ଏହା ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥାର ଅନିବାର୍ଯ୍ୟ ବିଷୟ । ଭାରତବର୍ଷ ବିଶ୍ୱରେ ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର । ଏଥିପାଇଁ ଆମେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ । ଆମ ଦେଶରେ ମଧ୍ୟ ନିର୍ବାଚନ ପ୍ରକ୍ରିୟାର ତଦାରଖ ପାଇଁ ଓ ପରିଚାଳନା ପାଇଁ ଏକ ସାମ୍ବିଧାନିକ ସଂସ୍ଥା ରହିଛି, ଯାହା ଭାରତୀୟ ନିର୍ବାଚନ ଆୟୋଗ ଭାବେ ପରିଚିତ । ନିର୍ବାଚନ ଆୟୋଗ ଏକ ମୁକ୍ତ ଓ ନିରପେକ୍ଷ ସଂସ୍ଥା । ଦଳୀୟ ରାଜନୀତିର ଉର୍ଦ୍ଧ୍ୱରେ ଏହା କାର୍ଯ୍ୟ କରିବା ପାଇଁ ସାମ୍ବିଧାନିକ ନିର୍ଦ୍ଦେଶ ରହିଛି ।

ହେଲେ ଏବେର ନିର୍ବାଚନ ଆୟୋଗ ତାର ସାମ୍ବିଧାନିକ ଗାରିମାକୁ ଅତୁଟ ରଖିବାରେ ସକ୍ଷମ ହେଉନାହିଁ ବୋଲି ଅଭିଯୋଗ ହେଉଛି । କ୍ରମେ ଏହା ଦଳୀୟ ରାଜନୀତିର ଚକ୍ରବ୍ୟୁହରେ ଛନ୍ଦି ହୋଇ ଯାଉଛି ଓ ଶାସକ ଦଳର ଇଙ୍ଗିତରେ କାର୍ଯ୍ୟ କରୁଛି ବୋଲି ଅନେକଙ୍କ ମତ । ଏ ସନ୍ଦେହ ନିର୍ବାଚନ ଆୟୋଗର ଚୟନ ପ୍ରକ୍ରିୟାରୁ ଆରମ୍ଭ ହୋଇଥିଲା । ନିର୍ବାଚନ ଆୟୋଗ ତିନି ସଦସ୍ୟଙ୍କୁ ନେଇ ଗଠିତ, ତାଙ୍କ ଭିତରୁ ଜଣେ ମୁଖ୍ୟ । ଏମାନଙ୍କ ଚୟନ ପାଇଁ ଏକ କମିଟି ରହିଛି । ସେଥିରେ ତିନିଜଣ ସଦସ୍ୟ ରହନ୍ତି । ସେମାନେ ହେଉଛନ୍ତି ପ୍ରଧାନମନ୍ତ୍ରୀ, ବିରୋଧୀ ଦଳର ନେତା ଓ ଜଣେ କ୍ୟାବିନେଟ୍ ମନ୍ତ୍ରୀ । ଏ ବାବଦକୁ ସର୍ବୋଚ୍ଚ ନ୍ୟାୟାଳୟ ଏକ ମାର୍ଗ ଦର୍ଶିକା ପ୍ରଦାନ କରିଥିଲେ । ଏହି ଚୟନ କମିଟିରେ ତିନିଜଣ ସଦସ୍ୟ ରହିବେ ବୋଲି ଦର୍ଶାଇଥିଲେ । ସେମାନେ ହେଲେ ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଓ ଉଚ୍ଚତମ ନ୍ୟାୟାଳୟର ପ୍ରଧାନ ବିଚାରପତି । ପରବର୍ତ୍ତୀ ସମୟରେ ଏହାର ପରିବର୍ତ୍ତନ କରି ସେହି ତିନି ଜଣିଆ ଚୟନ କମିଟିରୁ ପ୍ରଧାନ ବିଚାରପତିଙ୍କୁ ବାହାର କରି ଜଣେ ବରିଷ୍ଠ ମନ୍ତ୍ରୀଙ୍କୁ ସାମିଲ କରାଯିବାର ନିୟମ ପାରିତ କରାଗଲା ।

ଉଦ୍ଦେଶ୍ୟ ସ୍ପଷ୍ଟ ଯେ କିପରି ଆୟୋଗକୁ ନିଜ ନିୟନ୍ତ୍ରଣରେ ରଖାଯାଇ ପାରିବ । ନିଜ ଲୋକଙ୍କୁ ଆୟୋଗରେ ରଖି ଇଚ୍ଛାମୁତାବକ କାମ କରାଯାଇ ପାରିବ । ଏ ସନ୍ଦେହ ଆହୁରି ଘନୀଭୂତ ହୋଇଛି ନିର୍ବାଚନ ଆୟୋଗଙ୍କୁ ଆଇନଗତ ସୁରକ୍ଷା ଦେବା ସମ୍ବନ୍ଧୀୟ ନିୟମକୁ ନେଇ । ଏହି ନିୟମ ଅନୁଯାୟୀ କାର୍ଯ୍ୟକାଳ ସମୟରେ କିମ୍ବା ସେବାନିବୃତ ପରେ ତାଙ୍କ ବିରୁଦ୍ଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରିବ ନାହିଁ । ଅର୍ଥାତ୍ ସେ ତାଙ୍କ କାର୍ଯ୍ୟକଳାପ ପାଇଁ ଉତ୍ତରଦାୟୀ ନୁହଁନ୍ତି । ଏହି ନିୟମର ଆବଶ୍ୟକତା କଣ ରହିଛି । ଏହି ନିୟମ ଆୟୋଗ ସ୍ୱେଚ୍ଛାଚାରୀ ହେବାକୁ ପ୍ରେରୀତ କରୁଛି । ଏପରି ନିୟମ ଗଣତନ୍ତ୍ର ପ୍ରତି ବିପଦଜନକ । ଏପରି ଅଗଣତାନ୍ତ୍ରିକ ନିୟମ ଯଥାଶୀଘ୍ର ପ୍ରତ୍ୟାହୃତ ହେବା ଉଚିତ । ଏହା ସହିତ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ନିର୍ବାଚନ ଆୟୋଗ ଚୟନ ସମ୍ବନ୍ଧୀୟ ଦେଇଥିବା ମାର୍ଗଦର୍ଶିକା ଅନୁଯାୟୀ ଚୟନ ପ୍ରକ୍ରିୟା କର୍ଯ୍ୟକାରୀ ହେବା ଜରୁରୀ । ଏଦିଗରେ ମହାମହିମ ରାଷ୍ଟ୍ରପତି ଓ ସର୍ବୋଚ୍ଚ ନ୍ୟାୟାଳୟ ସଂଜ୍ଞାନ ନେବା ଗଣତନ୍ତ୍ର ପ୍ରତି ଉପାଦେୟ ହେବ । ପୂର୍ବରୁ ଭୋଟର ତାଲିକାରେ ଓ ଭୋଟ ପ୍ରଦାନରେ ଅନିୟମିତତାକୁ ନେଇ ଅନେକ ଅଭିଯୋଗ ଆସିଛି । ହେଲେ ବିରୋଧି ଦଳ ନେତା ଶ୍ରୀ ରାହୁଲ ଗାନ୍ଧୀଙ୍କ ଭୋଟ ଚୋରି ଉପରେ ଗୋଟିଏ ପରେ ଗୋଟିଏ ସାମ୍ବାଦିକ ସମ୍ମିଳନୀ ସାରା ଦେଶରେ ଚହଳ ପକାଇଛି । ବିଭିନ୍ନ ସୋପାନରେ କିପରି ଭାବେ ଭୋଟ ଚୋରି ହେଉଛି ଓ ନିର୍ବାଚନ ଫଳାଫଳକୁ ନିୟନ୍ତ୍ରଣ କରାଯାଉଛି ତାହାର କିଛି ପ୍ରମାଣିକ ତଥ୍ୟ ସେ ଉପସ୍ଥାପନ କରୁଛନ୍ତି । ସେ ସିଧାସଳଖ ନିର୍ବାଚନ ଆୟୋଗ ଉପରେ ଅଭିଯୋଗ ଆଣି ଏହା କିପରି ଶାସକ ବିଜେପି ସହିତ ମିଶି ଭୋଟ ହେରଫେର କରୁଛି ଓ ବିଜେପିକୁ ଫାଇଦା ଦେଉଛି ତାହା ଉଲ୍ଲେଖ କରିଛନ୍ତି । ବିଭିନ୍ନ ରାଜ୍ୟ ବିଧାନସଭା ନିର୍ବାଚନ ସମେତ ଗତ ଲୋକସଭା ନିର୍ବାଚନରେ ମଧ୍ୟ ବ୍ୟାପକଭାବେ ଭୋଟ ଚୋରି ହୋଇଛି ବୋଲି ତାଙ୍କ ଅଭିଯୋଗ । ଭୋଟ ଚୋରିକରି ଶ୍ରୀ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହୋଇଛନ୍ତି ବୋଲି ସେ ସିଧାସଳଖ ଅଭିଯୋଗ କରିଛନ୍ତି । ବିଜେପି ରାହୁଲଙ୍କ ଏ ପ୍ରକାର ଅଭିଯୋଗକୁ ଖଣ୍ଡନ କରିଛି ।

ରାହୁଲଙ୍କ ଅଭିଯୋଗ ହେଉଛି ଯେ ଭୋଟର ତାଲିକାରେ ବ୍ୟାପକ ହେରଫେର ହୋଇଛି । ଏଥିରେ ବ୍ୟାପକ ଅନିୟମିତତା ଦେଖିବାକୁ ମିଳିଛି । ତାଙ୍କ ଅଭିଯୋଗ ଯେ ସବୁଠାରୁ ଅଧିକ ସନ୍ଦେହ ସୃଷ୍ଟି କରୁଛି ନିର୍ବାଚନ ଆୟୋଗ ଭୋଟର ତାଲିକାର ଡିଜିଟାଲ ରେକର୍ଡ଼କୁ ସାର୍ବଜନୀନ ନକରିବା ଓ ନିର୍ବାଚନ ସମୟର ସମସ୍ତ ଫୁଟେଜକୁ ସାଧାରଣ ଜନତାଙ୍କ ପାଇଁ ନଛାଡିବା ଯୋଗୁଁ । ପୁଣି ଏହାକୁ ୪୫ ଦିନ ମଧ୍ୟରେ ହଟାଇଦେବା ବିଷୟ ସୂଚୀତ କରୁଛି କିଛି ହେରଫେର ଥିବାର । ତେଣୁ ସେ ଦାବୀ କରିଛନ୍ତି ଭୋଟର ତାଲିକାର ଡିଜିଟାଲ ରେକର୍ଡକୁ ଓ ନିର୍ବାଚନ ସମୟର ଫୁଟେଜକୁ ସାର୍ବଜନୀନ କରିବା ପାଇଁ । ଅନେକ କ୍ଷେତ୍ରରେ ଅଭିଯୋଗ ଆସିଛି ଯେ ସୂଚୀତ ଭୋଟ ପରିମାଣ ଓ ଭୋଟ ପ୍ରଦାନ ପରିମାଣ ମଧ୍ୟରେ ତାଳମେଳ ନାହିଁ । ଭୋଟର ତାଲିକାରୁ ବିରୋଧୀଙ୍କ ନାମକୁ ହଟାଯିବା ଓ ସମର୍ଥକଙ୍କ ନାମ ପୁରାଯିବା କାର୍ଯ୍ୟ ହୋଇଛି । ଭୋଟଦେବା ପ୍ରକ୍ରିୟାରେ ମଧ୍ୟ ଅନେକ ବ୍ୟତିକ୍ରମ ରହିଛି । ଏବେ ଚାଲିଥିବା ଏସଆଇଆର ବା ସ୍ୱତନ୍ତ୍ର ସଘୋନ ସଂଶୋଧନ ପ୍ରକ୍ରିୟା ଆହୁରି ଜଟିଳ ପରିସ୍ଥିତି ସୃଷ୍ଟି କରିଛି । କୋଟି କୋଟି ଭୋଟରଙ୍କ ନାମ କଟା ଯାଉଛି ।

ସାମ୍ପ୍ରତିକ ପରିସ୍ଥିତିରେ ସମଗ୍ର ଭାରତବର୍ଷରେ ନିର୍ବାଚନ ଆୟୋଗ ସନ୍ଦେହ ଘେରରେ । ଅଭିଯୋଗମାନ ସତ୍ୟ ହୋଇଥିଲେ ବିଷୟ ଅତ୍ୟନ୍ତ ଗମ୍ଭିର । ଏଥିପାଇଁ ଯେଉଁମାନେ ଦୋଷୀ ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ୍ । ଭୋଟ ଚୋରି ଗଣତନ୍ତ୍ରର ମେରୁଦଣ୍ଡକୁ ଭାଙ୍ଗିଦେବ । ଅଭିଯୋଗ ମିଥ୍ୟା ହୋଇଥିଲେ ବି ନିର୍ବାଚନ ଆୟୋଗକୁ ବିଶ୍ୱାସଭାଜନ ହେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ହେବ । କୌଣସି ପ୍ରକାର ସନ୍ଦେହମୂଳକ ପଦକ୍ଷେପରୁ ଆୟୋଗ ବଞ୍ଚିତ ହେବା ଉଚିତ୍ । ନିର୍ବାଚନ ଆୟୋଗକୁ ପୁନଃ ବିଶ୍ୱାସଭାଜନ ହେବାପାଇଁ କିଛି ଲୋକାଭିମୁଖୀ ପଦକ୍ଷେପ ନେବାକୁ ହେବ । ପ୍ରେସବାର୍ତ୍ତା ଜରିଆରେ ସାଧାରଣ ଜନତାଙ୍କୁ ସମସ୍ତ ଅଭିଯୋଗ ମିଥ୍ୟା ବୋଲି ତାହାର ପ୍ରାମାଣିକ ତଥ୍ୟ ଉପସ୍ଥାପନ କରିବାକୁ ପଡିବ । ଉଭୟ ସରକାରୀ ଓ ବିରୋଧୀ ଦଳଗୁଡିକୁ ସମାନ ଗୁରୁତ୍ୱ ଦେବାକୁ ହେବ । ସମସ୍ତ ସିଦ୍ଧାନ୍ତ ପଶ୍ଚାତରେ ଗଣତାନ୍ତ୍ରିକ ଭାବନା ପ୍ରତିଫଳିତ ହେଉଛି କି ନାହିଁ ତଦାରଖ କରିବାକୁ ପଡିବ । ନିର୍ବାଚନ ଆୟୋଗର ବିଶ୍ୱସନୀୟତା ସରକାରର ବିଶ୍ୱସନୀୟତାକୁ ମଜଭୂତ କରିବ ।

ଭୋଟର ତାଲିକାକୁ ନିର୍ଭୁଲ ଭାବେ ପ୍ରସ୍ତୁତ କରିବା ନିର୍ବାଚନ ଆୟୋଗର ଦାୟିତ୍ୱ । ଏସଆଇଆର ପ୍ରକ୍ରିୟାକୁ ଖାମଖିଆଲି ଭାବେ ପରିଚାଳିତ ନକରି ଏହାକୁ ନିର୍ଭୁଲ ଓ ତତ୍ପରତାର ସହିତ ପରିଚାଳିତ କରାଯିବ ଉଚିତ୍ । ନିର୍ବାଚନ ସମୟରେ ପ୍ରତି ବୁଥରେ ସିସି କ୍ୟାମେରା ରେକଡିଂ ହେଉ । ନିର୍ବାଚନ ପରେ ଏହି ଫୁଟେଜ୍ ଗୁଡ଼ିକୁ ସାର୍ବଜନୀନ କରାଯାଉ । ଭୋଟର ତାଲିକାର ଡିଜିଟାଲ ଡାଟା ଆୟୋଗର ୱେବ ସାଇଟରେ ସର୍ବଦା ଉପଲବ୍ଧ ହେଉ । ପ୍ରତି ବୁଥର ଭୋଟର ସଂଖ୍ୟା ଓ ପଡିଥିବା ଭୋଟର ସଂଖ୍ୟା ସାର୍ବଜନୀନ କରାଯାଉ । ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ବିଷୟ ସାଧାରଣ ଜନତାଙ୍କ ସମ୍ମୁଖରେ ରଖାଯାଉ । ମନେ ରଖିବାକୁ ଯେ ନିର୍ବାଚନ ଆୟୋଗ ହେଉଛି ଗଣତନ୍ତ୍ରର ସୁରକ୍ଷା କବଚ । ଆଜି ଆମ ପାଇଁ ବଡ଼କଥା ନୁହେଁ କିଏ ସରକାର ଗଢିବ, ଆମ ପାଇଁ ବଡ କଥା ଆମ ଗଣତନ୍ତ୍ର କିପରି ସୁରକ୍ଷିତ ରହିବ ।

ବାରିପଦା, ମୟୂରଭଞ୍ଜ
ମୋ. ୯୪୩୮୨୪୮୮୫୪

# ପୁରୀ ଧାମର ତାତ୍ପର୍ଯ୍ୟ

**ଅନୀତା ପଟ୍ଟନାୟକ**

ଥରେ ଚାରି ଜଣବନ୍ଧୁ ବହୁତ ଦିନ ପରେ ଏକାଠି ହୋଇ ପୁରୀ ଯାତ୍ରା କଲେ । ପ୍ରଥମ ବନ୍ଧୁର ନାମ ପ୍ରଥମ ଅକ୍ଷର ଥିଲା ପି । ତାକୁ ସମସ୍ତେ ପାୱାର ବା ଶକ୍ତି ବୋଲି ଡାକୁଥିଲେ । ସେହିପରି ଦ୍ୱିତୀୟ ବନ୍ଧୁର ନାମର ପ୍ରଥମ ଅକ୍ଷର ଥିଲା ପି । ତାକୁ ସମସ୍ତେ ପ୍ଲେଣ୍ଟ ବା ସମ୍ପଦ ବୋଲି ଡାକୁଥିଲେ । ସେହିପରି ତୃତୀୟ ବନ୍ଧୁର ନାମର ପ୍ରଥମ ଅକ୍ଷର ମଧ୍ୟ ଥିଲା ପି । ତାକୁ ସମସ୍ତେ ପ୍ରେଷ୍ଟିଜ ବା ସମ୍ମାନ ବୋଲି ଡାକୁଥିଲେ । ସେହିପରି ଚତୁର୍ଥ ବନ୍ଧୁର ନାମର ପ୍ରଥମ ଅକ୍ଷର ମଧ୍ୟ ପି ଥିଲା । ତାକୁ ସମସ୍ତେ ପୋଜିସନ ବା ପଦବୀ ବୋଲି ଡାକୁଥିଲେ । ପ୍ରତ୍ୟେକଙ୍କର ନାମ ପିରେ ଆରମ୍ଭ ହୋଇଥିବାରୁ ଚାରି ଜଣଙ୍କର ମଧ୍ୟରେ ଅନ୍ତରଙ୍ଗ ବନ୍ଧୁତା ଥିଲା ।

ପ୍ରଥମ ପି ବା ଶକ୍ତି କହିଲା ମତେ ପୁରୀ ଯିବାକୁ ଭଲ ଲାଗେ । କାରଣ ଭଗବାନ ପ୍ରଭୁ ଜଗନ୍ନାଥ ତୈଳବୀଜରେ ଥିବା ତୈଳସମ । ଦ୍ୱିତୀୟ ପି କହିଲା ମତେ ବି ଲାଗେ ମୋର ପ୍ରଭୁ ଜଗନ୍ନାଥ ଦୁଗ୍ଧରେ ଘୃତ ସମ । ତୃତୀୟ ପି ପ୍ରେଷ୍ଟିଜ କହିଲା ମୋର ପ୍ରଭୁ ଜଗନ୍ନାଥ ପୁଷ୍ପରେ ଥିବା ସୁବାସ ସମ ଓ ଫଳ ମଧ୍ୟରେ ମିଠାରସ ସଦୃଶ । ଏଥର ଚତୁର୍ଥ ପି ବା ପୋଜିସନ କହିଲା ମୋର ପ୍ରଭୁ ଜଗନ୍ନାଥ କାଠ ମଧ୍ୟରେ ଅଗ୍ନି ସଦୃଶ ଓ ଜଗତରେ ପରିବ୍ୟାପ୍ତ । ସୃଷ୍ଟି ହିଁ ଜଗନ୍ନାଥଙ୍କର ଅଭିବ୍ୟକ୍ତି । ତେଣୁ ସେ ହିଁ ପ୍ରକୃତି ଓ ଆମେ ତାଙ୍କର ଉତ୍ତରାଧିକାରୀ । ସେହି ଚାରି ଜଣ ଟ୍ରେନରେ ଯାତ୍ରା କରୁଥିବା ସମୟରେ ଆଉ ଛଅ ଜଣ ଦାର୍ଶନିକ ସହ ସେମାନଙ୍କ ବନ୍ଧୁତା ହେଲା । ସେ ଛଅ ଜଣ ମଧ୍ୟ ପୁରୀ ଯାତ୍ରା କରୁଥିଲେ ।

ପ୍ରଥମ ପି (ପାୱାର) କହିଲା ବନ୍ଧୁମାନେ ଆମେ ସମସ୍ତେ ପୁରୀ ଯାଉଛେ କିନ୍ତୁ ମୋ ମତରେ ପୁରୀର ପ୍ରକୃତ ଅର୍ଥ ହେଉଛି ପି - ପିୟୁରିଟି ଯାହା ପବିତ୍ରାର ଚିହ୍ନ । ୟୁ - ୟୁନିଟ ବା ଏକତ୍ୱ ବୋଧ, ଆର - ରିଲିଜିଅସ୍ ବା ଧାର୍ମିକ ଚିହ୍ନ, ଆଇ - ଇଣ୍ଟରଗିଟି ବା ସଂହତିର ଚିହ୍ନ । ତେଣୁ ମୋ ମତରେ ପୁରୀ ହେଉଛି ପବିତ୍ରତା, ଏକତ୍ୱବୋଧ, ଧାର୍ମିକ ଓ ସଂହତିର ଚିହ୍ନ ।

ଦ୍ୱିତୀୟ ପି (ପ୍ଲିଫ) କହିଲା ମୋ ପାଇଁ ପୁରୀ ହେଉଛି - ପି- ପ୍ରେସିୟସ ବା ମୂଲ୍ୟବାନ, ୟୁ - ୟୁନିକ ବା ଅଦ୍ୱିତୀୟ, ଆର - ରେସପକ୍ଟଫୁଲ ବା ସମ୍ମାନନୀୟ, ଆଇ - ଇନସ୍ପାଇରିଙ୍ଗ ବା ଉତ୍ସାହଜନ । ତେଣୁ ପୁରୀ ମୋ ପାଇଁ ମୂଲ୍ୟବାନ, ଅଦ୍ୱିତୀୟ, ସମ୍ମାନୀୟ ଓ ଉତ୍ସାହଜନ ।

ତୃତୀୟ ବନ୍ଧୁ ପି ବା ପ୍ରେଷ୍ଟିଜ କହିଲା ପୁରୀ ମୋ ପାଇଁ - ପି - ପ୍ରେୟାର ବା ପ୍ରାର୍ଥନା, ୟୁ - ଅଲଟିମେଟ ବା କଳ୍ପନାର ସର୍ବୋତ୍ତମ, ଆର - ରେଭରେନ୍ସ ବା ଭକ୍ତି ଶ୍ରଦ୍ଧା, ଆଇ - ଇନୋଭେଟିଭି ବା ନୂତନ । ତେଣୁ ପୁରୀ ମୋ ପାଇଁ ପ୍ରାର୍ଥନା, କଳ୍ପନାର ସର୍ବୋତ୍ତମ, ଭକ୍ତି ଶ୍ରଦ୍ଧା ଓ ନୂତନ ।

ଚତୁର୍ଥ ପି (ପୋଜିସନ) କହିଲା - ପୁରୀ ମୋ ପାଇଁ - ପି - ପ୍ରୋଟେକ୍ଟର ବା ରକ୍ଷାକାରୀ, ୟୁ - ଅନଲିମିଟେଡ ବା ଅସୀମ, ଆର - ରିୱାର୍ଡ଼ିଂ ବା ପ୍ରଦାନକାରୀ, ଆଇ - ଇଲିଷ୍ଟୋରିଅସ୍ ବା ଯଶସ୍ୱୀ । ତେଣୁ ପୁରୀ ମୋ ପାଇଁ ରକ୍ଷାକାରୀ, ଅସୀମ, ଉତ୍ତମ ଫଳ ପ୍ରଦାନକାରୀ ଓ ଯଶସ୍ୱୀ । ଏହି ପରି କଥୋପକଥନ ଚାଲୁଥିବା ବେଳେ ଚାରି ବନ୍ଧୁ ଓ ଛଅ ଦାର୍ଶନିକ ଏକ ଧକ୍କା ଅନୁଭବ କଲେ । ପୁରୀ ରେଳ ଷ୍ଟେସନ ଆସିଯାଇଥିଲା । ଜଗନ୍ନାଥଙ୍କ ଦର୍ଶନ ପାଇଁ ବିଭୋର ହୋଇ ସେମାନେ ଓହ୍ଲାଇ ପଡ଼ିଲେ । ଓହ୍ଲାଇଯିବା ପୂର୍ବରୁ ଛଅ ଦାର୍ଶନିକ, ଚାରି ପି ଙ୍କୁ କହିଲେ ଜଗନ୍ନାଥଙ୍କ କୃପାରୁ ଯଦି ଆପଣମାନଙ୍କ ସହ ଦେଖାହୁଏ ତେବେ ଆମେ ମଧ୍ୟ ପୁରୀ ଶବ୍ଦର ରହସ୍ୟ ଆପଣ ମାନଙ୍କୁ କହିବୁ ।

ବଟ ଗଣେଶ ନିକଟରେ ଯେପରି ଶ୍ରୀଚୈତନ୍ୟ ଓ ଅତିବଡ଼ି ଜଗନ୍ନାଥ ଦାସଙ୍କର ମିଳନ ହୋଇଥିଲା କିନ୍ତୁ ପରବର୍ତ୍ତୀ ସମୟରେ ଜଗନ୍ନାଥଙ୍କ ପ୍ରେମରେ ଉଭୟ ବିଭୋର ଥିଲେ । କିନ୍ତୁ ଅଲଗା ଅଲଗା ହୋଇ ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର କରିଥିଲେ । ସେହିପରି ଏହି ଚାରି ବନ୍ଧୁ ଓ ଛଅ ଦାର୍ଶନିକ ଟ୍ରେନରେ ମିତ୍ରତା ହୋଇଥିଲେ ମଧ୍ୟ ଜଗନ୍ନାଥଙ୍କ ପ୍ରେମରେ, ସମୟର କାଳଚକ୍ରରେ, ଅଲଗା ହୋଇଥିଲେ ଦାର୍ଶନିକଙ୍କର ପୁରୀ ସମ୍ବନ୍ଧରେ ସେମାନଙ୍କର ଅଭିବ୍ୟକ୍ତ ପରେ ଜାଣିବା ।

ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ
ଦୂରଭାଷ : ୯୬୯୨୯୮୦୦୨୬

# ଗିରଫଦାରୀରେ ଅଧିକାରର ହନନ ନ ହେଉ

**ଗୋପାଳ ମହାପାତ୍ର**

ଗିରଫଦାରୀ ପ୍ରସଙ୍ଗରେ ମାନ୍ୟବର ସୁପ୍ରମ୍‌କୋର୍ଟ ଏକସ୍ପଷ୍ଟ ଦିଶା ନିର୍ଦ୍ଦେଶ ଦେଇଛନ୍ତି । ନିକଟରେ ମାନ୍ୟବର କୋର୍ଟ ପୋଲିସ ପ୍ରଶାସନକୁ ଏ ପ୍ରସଙ୍ଗରେ ମଧ୍ୟ ଚେତାଇ ଦେଇଛନ୍ତି । ସୁପ୍ରିମକୋର୍ଟର ବିଚାରପତି ଉଜ୍ଜ୍ୱଳଭୁୟାଁ ଏବଂ ବିଚାରପତି ଅତୁଲ ଏସ୍ ଚନ୍ଦରକରଙ୍କ ପୀଠ ଜସକରଣ ଜିତ ସିଂହ ବନାମ ପଞ୍ଜାବ ରାଜ୍ୟ ସରକାର ମାମଲାରେ ସ୍ପଷ୍ଟ ଭାବେ କହିଛନ୍ତି ଯେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୨(୧) ଅନୁସାରେ ଯଦି ଗିରଫ କରାଯିବାର କାରଣ ଅଭିଯୁକ୍ତ କୁ ଲିଖିତଭାବେ ଉପଲବ୍ଧ କରାଯାଏନାହିଁ ତେବେ ଏହି ଗିରଫଦାରୀ ଅବୈଧ ଏବଂ

ଅଣସାମ୍ବିଧାନୀକ ଅଟେ । ଏପରିକି ଏଭଳି ନିର୍ଦ୍ଦେଶର ଉଲଂଘନ ଗିରଫ ହୋଇଥିବା ବ୍ୟକ୍ତିର ତୁରନ୍ତ ଖଲାସହେବାର କାରଣ ହୋଇଥାଏ । ଏହାର ସିଧାସଳଖ ଅର୍ଥ ହେଉଛି ଅଭିଯୁକ୍ତକୁ ଗିରଫ କରିବା ପୂର୍ବରୁ ପୋଲିସ ସଂପୃକ୍ତ ଅଭିଯୁକ୍ତ କୁଲିଖିତ ଭାବେ ଗିରଫ କରାଯିବାର କାରଣ ଉପଲବ୍ଧ କରାଇବେ ।

ଅନ୍ୟଥା ଏହା ଅଣ ସାମ୍ବିଧାନିକ ଅଟେ । ମାନ୍ୟବର କୋର୍ଟ ଏକଥା ମଧ୍ୟ କହିଛନ୍ତି ଯେ ଲିଖିତ ଭାବେ କାରଣ ଉପଲବ୍ଧ ନ କରାଇ ଗିରଫ କରାଗଲେ ଗିରଫ କରିଥିବା ପୋଲିସ ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ । ମାନ୍ୟବର କୋର୍ଟଙ୍କ ପୀଠ ସମ୍ବିଧାନର ଅନୁଚ୍ଛେଦ୨୨(୨)ର କଥା ଉଲ୍ଲେଖ କରି କହିଛନ୍ତି ଯେ ଗିରଫ ହୋଇଥିବା ବ୍ୟକ୍ତିକୁ ୨୪ ଘଣ୍ଟା ମଧ୍ୟରେ ନିକଟତମ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ସାମନରେ ହାଜର କରାଯିବା ଆବଶ୍ୟକ ଏବଂ ଏହା ଅଭିଯୁକ୍ତର ଅଧିକର ଅଟେ ।

ଅନେକେ ଏକଥା ଜାଣିନଥିବେ, ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଅନେକ ସମୟରେ ଭାରତୀୟ ସମ୍ବିଧାନର ସଂରକ୍ଷକ ଭୂମିକା ନିର୍ବାହ କରୁଛନ୍ତି । ଅନେକ ମାମଲାରେ ସାଧାରଣ ନାଗରିକଙ୍କର ମୂଳ ଅଧିକାରର ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ରାୟ ମଧ୍ୟ ଶୁଣାଉଛନ୍ତି । ସେହିଭଳି ନିକଟରେ ଗିରଫଦାରୀ ପ୍ରସଙ୍ଗରେ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟ ଏକଐତିହାସିକ ରାୟ ଶୁଣାଇଛନ୍ତି । ଜସକରଣ ଜିତ ସିଂହଙ୍କୁ ପକ୍ସୋଆଇନ୍ ୨୦୧୨ ଏବଂ ଭାରତୀୟ ନ୍ୟାୟ ସଂହିତା ୨୦୨୩ ଅନୁସାରେ ଗିରଫ କରାଯାଇଥିଲା । ଯେତେବେଳେ ପୋଲିସ ଜସକରଣ ଜିତ ସିଂହଙ୍କୁ ମାଜିଷ୍ଟ୍ରୋଟଙ୍କ ସମ୍ମୁଖରେ ହାଜର କରାଇଲେ ସେତେବେଳେ ମିହିର ଶାହା ବନାମ ମହାରାଷ୍ଟ୍ର ରାଜ୍ୟସରକାର (୨୦୨୫) ର ନିର୍ଣ୍ଣୟ ଅନୁସାରେ ମାଜିଷ୍ଟ୍ରେଟ ଜସକରଣଙ୍କ ଗିରଫ ଅବୈଧ କହି ତାଙ୍କୁ ତୁରନ୍ତ ଖଲାସ କରାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ମାଜିଷ୍ଟ୍ରେଟ ତାଙ୍କ ନିର୍ଦ୍ଦେଶରେ ଦର୍ଶାଇଥିଲେ ଯେ ପୋଲିସ ଜସକରଣ ସିଂହଙ୍କୁ ଗିରଫ କଲାବେଳେ ଲିଖିତ ଭାବେ ଗିରଫର କାରଣ ଦର୍ଶାଇ ନଥିଲେ । ଏହି ମାମଲାପୁଣି ପହଞ୍ଚିଲା ପଞ୍ଜାବ- ହରିୟାଣା ହାଇକୋର୍ଟରେ । ପଞ୍ଜାବ-ହରିୟାଣା ହାଇକୋର୍ଟ ତଳ କୋର୍ଟଙ୍କ ଆଦେଶ ଉପରେ ପ୍ରତିବନ୍ଧ ଲଗାଇଦେଲେ, ଫଳରେ ଜସକରଣ ସିଂହ ମାନ୍ୟବର ସୁପ୍ରିମ୍‌କୋର୍ଟ ଙ୍କ ଦ୍ୱାରସ୍ଥ ହେଲେ ।

ମାନ୍ୟବର ସୁପ୍ରିମ୍‌କୋର୍ଟ ବା ଦେଶର ସର୍ବୋଚ୍ଚନ୍ୟାୟାଳୟ ମାମଲାର ବିଚାର କରି କହିଥିଲେ ଯେ ଗିରଫ କରାଯିବାର କାରଣ ଅଭିଯୁକ୍ତ କୁ ସରଳ ଭାଷାରେ ଲିଖିତ ଭାବେ ଦେବା ବାଧ୍ୟତାମୂଳକ ।

ସର୍ବୋଚ୍ଚ ନ୍ୟାୟାଳୟ କହିଥିଲେ ଯେ ଏହି ଅଧିକାରର ହନନ କୁ ବରଦାସ୍ତ କରା ଯାଇପାରିବ ନାହିଁ । ସର୍ବୋଚ୍ଚ ନ୍ୟାୟାଳୟ ଙ୍କ ନିଷ୍ପ□ ଅନୁସାରେ ଗିରଫ କରାନଯିବାର କାରଣ ନଜଣାଇବା କାରଣରୁ ଯଦି ଅଭିଯୁକ୍ତ ଖଲାସ ହୋଇଯାଏ ଏବଂ ତାହା ପରେ ଯଦି ତଦନ୍ତକରୀ ସଂସ୍ଥା ଅଭିଯୁକ୍ତଙ୍କୁ ହାଜତକୁ ନେଇ ପଚରା ଉଚୁରା କରିବାରୁ ଚାହାଁନ୍ତି ତେବେ ଗିରଫ କରାଯିବାର ଆଧାର ଲିଖିତ ଭାବେ ଅଭିଯୁକ୍ତକୁ ଜଣାଇବାକୁ ପଡ଼ିବ । ଏହାପରେ ଅଭିଯୁକ୍ତଙ୍କୁ ହାଜତକୁ ନେବା ପାଇଁ ମାଜିଷ୍ଟ୍ରେଟଙ୍କ ନିକଟରେ ଆବେଦନ କରିବାକୁ ପଡ଼ିବ । ଆବେଦନରେ ପୁନଃ ଗିରଫଦାରୀର ଆବଶ୍ୟକତା ଏବଂ ପୂର୍ବର ଗିରଫଦାରୀ ବେଳେ ଗିରଫ କରାଯିବାର ଆଧାର ନଜଣାଇବାର କାରଣ ମଧ୍ୟ ଦର୍ଶାଇବାକୁ ପଡ଼ିବ ।

ଏଭଳି ଆବେଦନ ପାଇଁ ପୋଲିସ ଅଧିକାରୀଙ୍କୁ ବରିଷ୍ଠ ଅଧିକାରୀଙ୍କ ଅନୁମାଦନ ମଧ୍ୟ ଆବଶ୍ୟକ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ପୀଠ କହିଛନ୍ତି ଯେ ଭାରତର ସମ୍ବିଧାନ ଅନୁଚ୍ଛେଦ ୨୨(୧) ରେ ସମସ୍ତଙ୍କୁ ଗିରଫଦାରୀ ସମ୍ବର୍ଦ୍ଧିତ ମୌଳିକ ଅଧିକାର ଦେଇଛି । ଅନୁଚ୍ଛେଦ ୨୨(୧) ଅନୁସାରେ ଅଭିଯୁକ୍ତ ତାଙ୍କ ପସନ୍ଦର ଓକିଲଙ୍କ ସହ ପରାମର୍ଶ କରିପାରିବେ ଏବଂ ଆଇନଗତ ଭାବେ ତାଙ୍କର ପ୍ରତିନିଧି କରିପାରିବେ । ସରଳ ଶବ୍ଦରେ କହିବାକୁ ଗଲେ ଅନୁଚ୍ଛେଦ ୨୨(୧) ବେଆଇନ୍ ଭାବେ ଗିରଫ କରାଯିବା ବିରୁଦ୍ଧରେ ଏକ ଅସ୍ତ୍ର ଅଟେ, କିନ୍ତୁ କେତେକ ବିଶେଷ କାରଣରେ ଏହି ଅଧିକାର ଉପରେ ପ୍ରତିବନ୍ଧ

ଲଗାଯାଇପାରେ । ମାନ୍ୟବର ସର୍ବୋଚ୍ଚ ନ୍ୟାୟଳୟଙ୍କ ରାୟ ପୋଲିସକୁ ଉତ୍ତରଦାୟୀ କରିବା ଏବଂ ନାଗରିକଙ୍କ ପାଇଁ ଆଇନ୍ ସୁରକ୍ଷାର ସନ୍ଦେଶ ଦେଇଛି । ଗିରଫଦାରୀର ଆଧାର ଜଣାଇବା, ଠିକ୍ ସମୟରେ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରାଇବା ଏବଂ ଆଇନ୍‌ଗତ

ସହାୟତାର ସୁଯୋଗଦେବା ନ୍ୟାୟପୁର୍ଣ୍ଣ ପ୍ରକ୍ରିୟା ପାଇଁ ଜରୁରୀ । ଆଇନ୍‌ର ପାଳନ ଉଭୟ ପକ୍ଷଙ୍କ ପାଇଁ ସମାନ ରୂପରେ ମଧ୍ୟ ଜରୁରୀ । ପୋଲିସର ଗିରଫଦାରୀ ବ୍ୟକ୍ତିର ସ୍ୱତନ୍ତ୍ରତା କୁ ସିଧାସଳଖ ପ୍ରଭାବିତ କରିଥାଏ । ଏଣୁ ଆଇନରେ ଏଥିପାଇଁ ସ୍ପଷ୍ଟ ସୁରକ୍ଷା ପ୍ରାବଧାନ ରହିଛି । ମାନ୍ୟବର କୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଦେଇଛନ୍ତି ଓ ଏପ୍ରସଙ୍ଗରେ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ।ଏହି ନିର୍ଦ୍ଦେଶରେ ସର୍ବୋଚ୍ଚ ନ୍ୟାୟାଳୟ ସାମ୍ବିଧାନିକ ବାଧ୍ୟତାକୁ ରେଖାଙ୍କିତ କରିଛନ୍ତି ।ଏହି ନିର୍ଦ୍ଦେଶ ସାଧାରଣ ଲୋକଙ୍କୁ ପୋଲିସ କାର୍ଯ୍ୟାନୁଷ୍ଠାନ ସମୟରେ ମିଳିଥିବା ଅଧିକାର ଏବଂ ପୋଲିସର ଉ□ରଦାୟୀତ୍ୱ କୁ ବୁଝିବା ଦୃଷ୍ଟିରୁ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।

ରାମଚନ୍ଦ୍ରପୁର,ଗଣପୁର
ମୋ-୯୪୩୮୪୮୫୦୯୪

## ସୂଚନା

**ସୃଜନଶୀଳ ପାଠକ, ଲେଖକ ଓ ଲେଖିକା ' ନିର୍ଭୟ ସୂଚନା'ର ସମ୍ପାଦକୀୟ ପୃଷ୍ଠା ପାଇଁ ଉପଯୁକ୍ତ ଲେଖା ପଠାଇବାକୁ ଅନୁରୋଧ । ଟାଇପ୍ ହୋଇଥିବା ଲେଖା କେବଳ ଗ୍ରହଣ କରାଯିବ । ସପ୍ତାହକ ମଧ୍ୟରେ ଲେଖାଟି ପ୍ରକାଶ ନପାଇଲେ ସମ୍ପାଦକମଣ୍ଡଳି ଦ୍ୱାରା ଏହା ଯୋଗ୍ୟ ବିବେଚିତ ହୋଇନାହିଁ ବୋଲି ଧରିନେବାକୁ ହେବ । ପ୍ରକାଶ ପାଇଥିବା ଲେଖାଟି ସମ୍ପୃକ୍ତ ଲେଖକ ଓ ଲେଖିକାଙ୍କ ନିକଟକୁ ହ୍ୱାଟସପ୍ ଯୋଗେ ଯୋଗାଇ ଦିଆଯିବ ।**

**ଇମେଲ - nirbhaysuchana@gmail.comରେ ଲେଖା ପଠାଇବାକୁ ଅନୁରୋଧ ।**

**ସମ୍ପାଦକ 'ନିର୍ଭୟ ସୂଚନା'**

# ବସ୍ତାରେ ବିଜେଡିର ମିଶ୍ରଣ ପର୍ବ

## ଦଳରେ ସାମିଲ ହେଲେ ଅବସରପ୍ରାପ୍ତ ସେନା ଅଧିକାରୀ ଅଜୟ ଜେନାଙ୍କ ସମେତ ବହୁ କର୍ମୀ



ବାଲିଆପାଳ ୧୧।୧୦ ( ନି ସୂ ):ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଟିପୋଲ ସ୍ଥିତ ପ୍ରିନ୍ସ କଲ୍ୟାଣ ମଣ୍ଡପଠାରେ ବିଜୁ ଜନତା ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସର ରେ ବାଲିଆପାଳ ବ୍ଲକର ବଣିଆଡିହା ପଞ୍ଚାୟତର ଅବସରପ୍ରାପ୍ତ ସେନା ଅଧିକାରୀ ଅଜୟ କୁମାର ଜେନାଙ୍କ ସମେତ ପଞ୍ଚାୟତର ବହୁ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇ ଥିଲେ। ବିଜୁ ଜନତା ଦଳର ସଭାପତି ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ଏବଂ ଦଳର ନୀତି ଓ ଆଦର୍ଶ ପ୍ରତି ଆସ୍ଥା ପ୍ରକଟ କରି ନୂତନ କର୍ମୀମାନେ ଦଳରେ ଯୋଗ ଦେଇଥିବା ଦଳୀୟ ମହଲରେ ପ୍ରକାଶ କରାଯାଇଛି । ଏହି ଯୋଗଦାନ ଦ୍ୱାରା ବଣିଆଡିହା ପଞ୍ଚାୟତ ସମେତ ବସ୍ତା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ କୁ ଅଧିକ ସକ୍ରିୟ କରିବା ଏବଂ ତୃଣମୂଳ ସ୍ତରରେ କର୍ମୀଙ୍କ ମଧ୍ୟରେ ସମନ୍ୱୟ ବଢ଼ାଇବା ଉପରେ ଗୁରୁତ୍ୱ ଦିଆ ଯାଇଥିଲା।ଏହି ମିଶ୍ରଣ ପର୍ବରେ ବାଲିଆପାଳ ବ୍ଲକ ବିଜେଡି ସଭାପତି ଭଗବାନ ଗିରିଙ୍କ ସଭାପତିତ୍ୱ ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଦଳରେ ନୂତନ ଭାବେ ସାମିଲ ହୋଇଥିବା କର୍ମୀ ମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି,ବସ୍ତା ନିର୍ବାଚନ ମଣ୍ଡଳୀର ସଂଯୋଜକ ମହାଦେବ ଦାସ,ପରମେଶ୍ୱର ବାରିକ, ଶିବାନନ୍ଦ ଦାସ ଅଧିକାରୀ ଏବଂ ବସ୍ତା ଏନ୍‌ଏସି ବିଜେଡି ସଭାପତି କମଳା କାନ୍ତ ବେହେରାଙ୍କ ସମେତ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।ଏହି ଅବସରରେ ନୂତନ ଭାବେ ଦଳରେ ଯୋଗଦେଇଥିବା କର୍ମୀମାନଙ୍କୁ ସ୍ୱାଗତ କରାଯିବା ସହ ଆଗାମୀ ଦିନରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା,ଜନସାଧାରଣଙ୍କ ସହ ଯୋଡ଼ି ହୋଇ ରହିବା ଏବଂ ଅଞ୍ଚଳର ବିଭିନ୍ନ ସମସ୍ୟାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ଉପରେ ଆଲୋଚନା ହୋଇଥିଲା।ବସ୍ତା ନିର୍ବାଚନ ମଣ୍ଡଳୀରେ ଆୟୋଜିତ ଏହି ମିଶ୍ରଣ ପର୍ବକୁ ନେଇ ସ୍ଥାନୀୟ ବିଜେଡି କର୍ମୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଥିବା ବେଳେ ଆଗାମୀ ଦିନରେ ପଞ୍ଚାୟତ ସ୍ତରରେ ଦଳୀୟ କାର୍ଯ୍ୟକ୍ରମ କୁ ଆହୁରି ବ୍ୟାପକ କରିବା ଉପରେ ଦଳୀୟ ନେତୃବୃନ୍ଦ ଗୁରୁତ୍ୱ ଦେଇଛନ୍ତି।

# ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ଆତ୍ମହତ୍ୟା ନା ହତ୍ୟା !

ପଟ୍ଟାମୁଣ୍ଡାଇ ୧୧।୧୦ (ନି.ସୂ) ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବଲ୍ଲଭପୁର ଗ୍ରାମର ଜନୈକା ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ନିଜ ଶାଶୁ ଘର ଲୋକମାନେ ଘରୋଇ କଳିକୁ କେନ୍ଦ୍ର କରି ସେ ଆତ୍ମହତ୍ୟା କରିଥିବା କହିଛନ୍ତି । ମାତ୍ର ସମ୍ପୃକ୍ତା ମୃତା ବିବାହିତା ମହିଳାଙ୍କ ପରିବାର ଲୋକମାନେ ତାକୁ ହତ୍ୟା କରାଯାଇଥିବା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପଟ୍ଟାମୁଣ୍ଡାଇ ପୋଲିସ ଥାନା କେଶ ନଂ ୪୩୫/୨୦୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ବଲ୍ଲଭପୁର ଗ୍ରାମର ଗୌରାଙ୍ଗ ବେହେରାଙ୍କ ପୁଅ ସୂର୍ଯ୍ୟକାନ୍ତ ବେହେରାଙ୍କର ୨୦୨୧ମସିହାରେ ମହାକାଳପଡା ଥାନା କେୟାରବାଙ୍କ ଗ୍ରାମର ମଧୁସୂଦନ ବେହେରାଙ୍କ ଝିଅ ରୁପାଲି (୨୪)ଙ୍କ ସହିତ ବୈଦିକ ମତେ ବିବାହ ଅନୁଷ୍ଠିତ ହୋଇଥିଲା । ବିବାହ ସମୟରେ ବର ପକ୍ଷ ଦାବୀ ମୁତାବକ କନ୍ୟା ଘର ପକ୍ଷରୁ ଯଥାସମ୍ଭବ ଯୌତୁକ ସାମଗ୍ରୀ ପ୍ରଦାନ କରାଯାଇଥିଲା । ମାତ୍ର ବିବାହ ପର ଠାରୁ ଅଧିକ ଯୌତୁକ ଦାବୀ କରି ରୁପାଲୀଙ୍କ ଶାଶୁ ଘର ଲୋକମାନେ ତାଙ୍କ ଉପରେ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଦେଇ ଆସୁଥିଲେ । ଏହି ଘଟଣା ରୁପାଲି ବାରମ୍ବାର ବାପ ଘର ଲୋକମାନଙ୍କୁ ଜଣାଇ ଥିଲା । ବାପ ଘର ଲୋକମାନେ ତା ଶାଶୁ ଘରକୁ ଆସି ସମାଧାନ କରିଆସୁଥିଲେ । ଇତି ମଧ୍ୟରେ ରୁପାଲି ରୁଦ୍ର ପ୍ରସାଦ ବେହେରା ନାମକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲା । ଆଜି ସକାଳ ୧୦ଟା ୫ମିନିଟ ସମୟରେ ମୃତା ରୁପାଲୀଙ୍କ ଭାଇ ଭଉଣୀ ସହିତ କଥା ହେବାକୁ ଫୋନ କରିଥିଲା । ମାତ୍ର ରୁପାଲୀ ଫୋନ ଉଠାଇବା ପରିବର୍ତ୍ତେ ତା ଛୋଟ ପୁଅ ଫୋନ ଧରି ମା ରୋଷେଇ କରୁଥିବା କହିଥିଲା । ଏହାର ୧୦ମିନିଟ ପରେ ରୁପାଲୀଙ୍କ ସ୍ୱାମୀ ସୂର୍ଯ୍ୟକାନ୍ତ ତାଙ୍କ ଶଶୁର ମଧୁସୂଦନଙ୍କୁ ତାଙ୍କ ଝିଅ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଟେଲିଫୋନ ଯୋଗେ ଜଣାଇ ପଟ୍ଟାମୁଣ୍ଡାଇ ହସ୍ପିଟାଲ ଆସିବାକୁ କହିଥିଲା । ଏହା ପରେ ରୁପାଲୀଙ୍କ ବାପ ଘର ଲୋକମାନେ ପଟ୍ଟାମୁଣ୍ଡାଇ ହସ୍ପିଟାଲରେ ପହଂଚି ରୁପାଲୀ ମରି ପଡ଼ିଥିବା ଦେଖିବାକୁ ପାଇଥିଲେ । ଏହା ପରେ ମୃତା ରୁପାଲୀଙ୍କ ମା ଲୋଚନୀ ବେହେରା ତାଙ୍କ ଝିଅକୁ ସବୁବେଳେ ଶାରୀରିକ ମାନସିକ ନିର୍ଯ୍ୟାତନା ଦେଇ ଆସୁଥିବା ଶାଶୁ ଘର ଲୋକମାନେ ହତ୍ୟା କରି ଥିବା ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ମାନସ ମଲ୍ଲିକଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ ଥାନା କେଶ ନଂ ୪୩୫/୨୦୨୬ ରେ ଏକ ଯୌତୁକ ନିର୍ଯ୍ୟାତନା ମାମଲା ରୁଜୁ କରି ସମୁଦାୟ ଘଟଣାର ତଦନ୍ତ ଆରମ୍ଭ କରିଛି ଓ ସ୍ଥାନୀୟ ପୋଲିସ ମୃତ ମହିଳାଙ୍କ ଶବ ଜବତ କରି ବ୍ୟବଛେଦ ପାଇଁ ପଠାଇଛନ୍ତି । ଶବ ବ୍ୟବଛେଦ ରିପୋର୍ଟ ଆସିଲା ପରେ ଆତ୍ମହତ୍ୟା ନା ହତ୍ୟା ବୋଲି ସ୍ପଷ୍ଟ ହେବ ବୋଲି ଆଇ ଆଇ ସି ପ୍ରକାଶ କରିଛନ୍ତି ।

# ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ



**ଧର୍ମଶାଳା ଜୟନ୍ତ କୁମାର ଘଡ଼ାଇ ୧୧/୧୧( ନି :ସୂ ):** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମର ଅସହାୟ ଲୋକମାନଙ୍କୁ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ଆଜି ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ମାଧ୍ୟମରେ ବିଧାୟକ ଶ୍ରୀ ସାହୁ ବିଭିନ୍ନ ଅସହାୟ ଓ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସହାୟତାର ହାତ ବଢାଇ ଚାଲିଛନ୍ତି । ଧର୍ମଶାଳା ବିଧାୟକ ଶ୍ରୀ ସାହୁ ଏହି ଟ୍ରଷ୍ଟ ମାଧ୍ୟମରେ ଗରିବ ଓ ଅସହାୟ ଲୋକମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଇଆସୁଛନ୍ତି । ଏହିକ୍ରମରେ ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ଟ୍ରଷ୍ଟର ସଦସ୍ୟମାନେ ସ୍ୱାମୀର ଦେହ ଅସୁସ୍ଥତ ଯୋଗୁ ପରିବାରରେ ଆର୍ଥିକ ପରିସ୍ଥିତି ଲାଗିରହିବା ଜାଣି ରାଇଛନ୍ଦା ପଂଚାୟତ ରାଇଛନ୍ଦା ଗ୍ରାମର ହିନା ମଳିକ, ଆର୍ଥିକ ଅନାଟନରେ ଦିନ ବିତାଉଥିବା ଏଣ୍ଡଳବା ପଂଚାୟତ ତେନ୍ତୋଳା ଗ୍ରାମର ରାଧା ଦେଉରୀ ,ପାଠ ପଢିବାକୁ ଯିବା ଲାଗି ଝିଅର ସାଇକଲ ଆବଶ୍ୟକ ଥିବାରୁ ତାଳଜଙ୍ଗ ପଂଚାୟତ ତାଳଜଙ୍ଗ ଗ୍ରାମର ରବିନ୍ଦ୍ର ଦାସ, ବ୍ରହ୍ମପୁରରେ ଶାରୀରିକ ଶିକ୍ଷା ନେବା ଲାଗି ଅର୍ଥର ଆବଶ୍ୟକ ଥିବାରୁ ସମ୍ପାରୁ ପଂଚାୟତ କାଦୁଅମାଗୁରା ଗ୍ରାମର ସତ୍ୟ ପ୍ରକାଶ ବାରିକ, ଉଚ୍ଚଶିକ୍ଷା ନିମନ୍ତେ କ୍ଷେତ୍ରପାଳ ପଂଚାୟତ ଗୋପାଳପୁର ଗ୍ରାମର ମାନସ ରଂଜନ ସାହୁ, ଉଚ୍ଚଶିକ୍ଷା ଲାଗି ଅରେଇକଣା ପଂଚାୟତ ଅରେଇକଣା ଗ୍ରାମର ମନିଶା ରାୟ,ଚିକିତ୍ସା ନିମନ୍ତେ ରସୁଲପୁର ପଂଚାୟତ ଖଣ୍ଡିତର ଗ୍ରାମର ପ୍ରଦୀପ କୁମାର କର, ମର୍ଜିତାପୁର ପଂଚାୟତ ନୁଆସାହି ଗ୍ରାମର ଅନାଥ ନିଖିଳ ନାଥଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ବିଧାୟକ ଶ୍ରୀ ସାହୁଙ୍କ ନିର୍ଦ୍ଦେଶକ୍ରମେ ଆଜି ଟ୍ରଷ୍ଟର ସଦସ୍ୟମାନେ ସେମାନଙ୍କ ଘରେ ପହଁଚି ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି । ଅସହାୟ ଓ ଆର୍ଥିକ ଭାବେ ଅନଗ୍ରସର ଲୋକମଙ୍କୁ ଟ୍ରଷ୍ଟ ପକ୍ଷରୁ ଏଭଳି ସହାୟତା ଜାରି ରହିବ ବୋଲି ବିଧାୟକ ଶ୍ରୀ ସାହୁ ସୁଚନା ଦେଇଛନ୍ତି।

# ମିଲର୍ସଙ୍କ ନିକଟରେ ଅଟକିଛି ଚାଷୀଙ୍କ ବସ୍ତା, ଉଠିଲା ପ୍ରଶ୍ନ

## ମଣ୍ଡିରେ ନେଇଥିବା ଖାଲି ବସ୍ତା ଫେରାଇବେ କେବେ ?

କଲମପୁର, ୧୧।୧୦(ନି.ସୂ) ଇଚ୍ଛାପୁର ମଣ୍ଡିରେ ଧାନ ବିକ୍ରି ସମୟରେ ଚାଷୀଙ୍କଠାରୁ ନିଆଯାଇଥିବା ଖାଲି ବସ୍ତା ଫେରସ୍ତକୁ ନେଇ ଏବେ ପ୍ରଶ୍ନ ଉଠିଛି। ମିଲର୍ସ ନେଇଥିବା ଖାଲି ବସ୍ତା ଚାଷୀଙ୍କୁ କେବେ ଫେରାଇବେ, ତାହାକୁ ନେଇ ଚାଷୀଙ୍କ ମଧ୍ୟରେ ଆଲୋଚନା ଜୋର ଧରିଛି। ଧାନ ବିକ୍ରି ପରେ ଖାଲି ବସ୍ତା ଫେରସ୍ତ ହେବା ନେଇ ସ୍ପଷ୍ଟ ସୂଚନା ମିଳୁନଥିବା ଅଭିଯୋଗ ହେଉଥିବା ବେଳେ ଏହି ପ୍ରସଙ୍ଗରେ ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଉଛି। ଚାଷୀ ଦେଶର ଅର୍ଥନୀତିର ମେରୁଦଣ୍ଡ। ଦିନରାତି ପରିଶ୍ରମ କରି ଚାଷୀ ଧାନ ଉତ୍ପାଦନ କରିଥାଏ। ଧାନ ଅମଳଠାରୁ ଆରମ୍ଭ କରି ମଣ୍ଡିକୁ ଧାନ ଆଣିବା ପର୍ଯ୍ୟନ୍ତ ଚାଷୀଙ୍କୁ ଅନେକ ସମସ୍ୟା ଓ ଖର୍ଚ୍ଚର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏହାପରେ ମଣ୍ଡିରେ ଧାନ ବିକ୍ରି କରିବା ସମୟରେ ବସ୍ତା ସମ୍ପର୍କିତ ସମସ୍ୟା ଦେଖାଦେଲେ ଚାଷୀଙ୍କ ଅସୁବିଧା ଆହୁରି ବଢ଼ିଯାଏ।

ଧାନ କିଣା ପ୍ରକ୍ରିୟାରେ ମିଲର୍ସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମଣ୍ଡିରୁ ଧାନ ଉଠାଣ ଓ ପରିବହନ ସମୟରେ ବସ୍ତାର ବ୍ୟବହାର ହୋଇଥାଏ। ଏପରି ସ୍ଥିତିରେ ଚାଷୀଙ୍କଠାରୁ ନିଆଯାଇଥିବା ଖାଲି ବସ୍ତାର ହିସାବ ଓ ଫେରସ୍ତ ବ୍ୟବସ୍ଥା ସ୍ପଷ୍ଟ ରହିବା ଆବଶ୍ୟକ। ଯଦି ଚାଷୀଙ୍କ ବସ୍ତା ମିଲର୍ସଙ୍କ ନିକଟରେ ରହିଛି, ତେବେ ତାହା କେବେ ଫେରସ୍ତ କରାଯିବ ଏବଂ ଏଥିପାଇଁ କେଉଁ ନିୟମ ଲାଗୁ ହେଉଛି, ସେନେଇ ସ୍ପଷ୍ଟତା ରହିବା ଜରୁରୀ।

ଅନ୍ୟପଟେ, ଚାଷୀଙ୍କ ମତରେ ବସ୍ତା ଛୋଟ ଜିନିଷ ହୋଇଥିଲେ ମଧ୍ୟ ଏହାର ମୂଲ୍ୟ ରହିଛି ଗୋଟିଏ ବସ୍ତା ପିଛା ୨୦ ଟଙ୍କା। ଚାଷ କାର୍ଯ୍ୟରେ ବିଭିନ୍ନ ସମୟରେ ବସ୍ତାର ଆବଶ୍ୟକତା ପଡ଼ିଥାଏ। ତେଣୁ ମଣ୍ଡିରେ ନିଆଯାଇଥିବା ଖାଲି ବସ୍ତା ଫେରସ୍ତ ନମିଳିଲେ ଚାଷୀଙ୍କୁ ଉପରେ ଅତିରିକ୍ତ ଆର୍ଥିକ ବୋଝ ପକାଇପାରେ। ଏହି ପରିପ୍ରେକ୍ଷୀରେ ମଣ୍ଡି କର୍ତ୍ତୃପକ୍ଷ, ସମ୍ପୃକ୍ତ ମିଲର୍ସ ଓ ଯୋଗାଣ ବିଭାଗ ଏହି ପ୍ରସଙ୍ଗରେ ସ୍ପଷ୍ଟ ମତ ରଖିବା ଆବଶ୍ୟକ। ଚାଷୀଙ୍କଠାରୁ କେତେ ବସ୍ତା ନିଆଯାଇଛି, କେତେ ବସ୍ତା ଫେରସ୍ତ ହୋଇଛି ଏବଂ କେତେ ବସ୍ତା ବାକି ରହିଛି, ତାହାର ହିସାବ ସାର୍ବଜନୀନ କରାଗଲେ ଏହି ପ୍ରସଙ୍ଗରେ ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇପାରିବ। ଚାଷୀଙ୍କ ସମସ୍ୟାର ସମାଧାନ କରିବା ସହ ତାଙ୍କର ନ୍ୟାଯ୍ୟ ପ୍ରାପ୍ୟ ଓ ସ୍ୱାର୍ଥର ସୁରକ୍ଷା କରିବା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ତେଣୁ ଏହି ପ୍ରସଙ୍ଗକୁ ହାଲୁକା ଭାବେ ନନେଇ ଆବଶ୍ୟକ ତଦନ୍ତ କରିବା ସହ ବସ୍ତା ଫେରସ୍ତ ସମ୍ପର୍କରେ ସ୍ପଷ୍ଟ ନିଷ୍ପତ୍ତି ନେବାକୁ ଦାବି ହେଉଛି।

# ବେଆଇନ୍ ଆଡ୍ଡାରେ ପୋଲିସର ଚଢ଼ାଉ ୭୦ ଜଣଙ୍କୁ ଧରିଲା ପୋଲିସ

## ୯ ଟି ଗାଡ଼ି, ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ସହ ଟକେନ୍ ଜବତ



ପାରଳାଖେମୁଣ୍ଡି ୧୧।୧୦ ( ନି ସୂ ) ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ କେରାଣ୍ଡି ପଞ୍ଚାୟତର ଦେବିଡି ଗ୍ରାମରେ ଚାଲିଥିବା ଏକ କଥିତ ବେଆଇନ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରିଛି। ଗ୍ରାମର ଜୟ ମାତା ଦି କଲ୍ୟାଣ ମଣ୍ଡପରେ ଜୁଆ ଖେଳ ଚାଲିଥିବା ସୂଚନା ପାଇ ଡିଏସପି ଅମିତାଭ୍ ପଣ୍ଡାଙ୍କ ନିର୍ଦ୍ଦେଶରେ କ୍ରମେ ପାରଳାଖେମୁଣ୍ଡି ଆଦର୍ଶ ଥାନା, କାଶୀନଗର, ଗୁରାଣ୍ଡି, ଗାରବନ୍ଧ ଏବଂ ରାୟଗଡ଼ ଥାନା ପୋଲିସର ଏକ ମିଳିତ ଦଳ ଏହି ଚଢ଼ାଉ କରିଥିଲା। ଏହି ଚଢ଼ାଉରେ ପୋଲିସ ୭୦ ଜଣଙ୍କୁ ଧରିବା ସହ ୯ ଟି ଗାଡ଼ି ସହ ନଗଦ ବାର ଲକ୍ଷ ରୁ ଉର୍ଦ୍ଧ ଟଙ୍କା ଓ କିଛି ଟକେନ୍ ଜବତ କରିଥିବା ଜଣାପଡ଼ିଛି। ଘଟଣାକୁ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଧରାପଡ଼ିଥିବା ବ୍ୟକ୍ତିମାନଙ୍କୁ ଜେରା କରାଯିବ। ତଦନ୍ତ ପରେ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ଏହି ଘଟଣା ପରେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଜୁଆ ଆଡ୍ଡାର ପରିଚାଳନା ଓ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେ ନେଇ ପୋଲିସର ତଦନ୍ତ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ଇଗଲ ସ୍ପୋର୍ଟି ମେଣ୍ଢାଶାଳ ଓ ମିଳନ ୟୁଥ୍ କ୍ଲବ୍ ମୁକୁନ୍ଦ ପ୍ରସାଦ ବିଜୟୀ



ଖୋରଧା ୧୧।୧୦(ସ ପ୍ର ) :ଖୋରଧା ଉପକଣ୍ଠ ଅନ୍ତର୍ଗତ ଗୁରୁଜଙ୍ଗ ଖେଳ ପଡ଼ିଆ ରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏସନ ଆନୁକୁଲ୍ୟରେ ଚାଲିଥିବା ଗୁରୁଜଙ୍ଗ ପ୍ରିମିଅର୍ ଲିଗ୍ ର ଆଜିର ଚତୁର୍ଥ ଦିବସ ର ପ୍ରଥମ ମ୍ୟାଚ୍ ରେ ବାଲୁଙ୍କେଶ୍ୱର ୱାରିଅର୍ସ ଇଗଲ ସ୍ପୋର୍ଟି ମେଣ୍ଢାଶାଳକୁ ଭେଟିଥିଲା।ଟସ୍ ରେ ବିଜୟ ଲାଭ କରି ଇଗଲ ସ୍ପୋର୍ଟି ମେଣ୍ଢାଶାଳ ପ୍ରଥମେ ବ୍ୟାଟିଂ କରି ଦଳ ୧୬ ଓଭର ରେ ୧୬୪ ରନ୍ କରିଥିଲା।ଦଳ ପକ୍ଷରୁ ରଶ୍ମିରଞ୍ଜନ ସର୍ବାଧିକ ୩୦ରନ୍ କରିଥିଲେ।ତମାଣ୍ଡୋ ପକ୍ଷରୁ ସିପୁନ ପଟ୍ଟନାୟକ ୩ ଟି ୱିକେଟ ହାସଲ କରିଥିଲେ।ଜବାବ୍ ରେ ତମାଣ୍ଡୋ ଦଳ ୧୪ ଓଭର ରେ୧୪୨ ରନ୍ ରେ ସମସ୍ତ ୱିକେଟ ହରାଇ ପରାସ୍ତ ହୋଇଥିଲା । ଅଲ ରାଉଣ୍ଡ ପ୍ରଦର୍ଶନ କରିଥିବା ଅମିତ୍ ବଡ଼ଜେନା ଙ୍କୁ ଅତିଥି ରାକେଶ ମହାପାତ୍ର ଓ ସୁନୀଲ ବରାଳ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍ ରେ ଗୁରୁଜଙ୍ଗ ଡେଆରବୁଲ୍ସ କୁ ଭେଟିଥିଲା।ଟସ୍ ରେ ବିଜୟ ଲାଭ କରି ଗୁରୁଜଙ୍ଗ ଦଳ ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲା। ଗୁରୁଜଙ୍ଗ ଦଳ ୧୬ ଓଭର ରେ ୧୦ ୱିକେଟ ହରାଇ ୧୪୯ ରନ୍ ସଂଗ୍ରହ କରିଥିଲା ।ଦଳ ପକ୍ଷରୁ ସୁବାଷ ଖଟୁଆ ସର୍ବାଧିକ ୫୬ ରନ୍ ସଂଗ୍ରହ କରିଥିଲେ।ମୁକୁନ୍ଦ ପ୍ରସାଦ ପକ୍ଷରୁ ସୌମ୍ୟ ରଂଜନ ୬ ଟି ୱିକେଟ ହାସଲ କରିଥିଲେ।ଜବାବରେ ମୁକୁନ୍ଦପ୍ରସାଦ ନିଖିଲ୍ ନାୟକ ଙ୍କ ବିସ୍ଫୋରକ ୬୪ ରନ ସହାୟତା ରେ ୮ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ମୁକୁନ୍ଦପ୍ରସାଦ ଦଳର ନିଖିଲ ନାୟକ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇ ଅତିଥି ଅମୀୟ ରଂଜନ ମହାନ୍ତି ଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ ।ଆଜିର ମ୍ୟାଚ୍ କୁ ଅସିତ୍ ଶତପଥୀ,ଜୟନ୍ତ ମାର୍ଥା,ପ୍ରଶାନ୍ତ ବେହେରା, ସାନୁଜ ବିଶ୍ୱାଳ ଓ ପ୍ରକାଶ କୁମାର ସାହୁ ପରିଚାଳନା କରିଥିଲେ। ସେହିପରି ଭାଷ୍ୟକାର ଭାବରେ ଏସ.କେ କାସିମ୍ ଓ କ୍ୟାମେରାମ୍ୟାନ ଭାବରେ ସୁରେନ୍ଦ୍ର କାର୍ଯ୍ୟ ତୁଲାଇଥିଲେ। ୧୨/୧୦/୨୬ ସୋମବାର ପ୍ରଥମ ମ୍ୟାଚ ଯଦୁପୁର ବ୍ଲାଷ୍ଟରସ୍ ବନାମ ବି ଏସ ଏ ଖୋରଧା ଓ ଦ୍ୱିତୀୟ ମ୍ୟାଚ ମିଳନ ୟୁଥ୍ କ୍ଲବ ମୁକୁନ୍ଦପ୍ରସାଦ ବନାମ ଏଲେଭେନ୍ ଷ୍ଟାର ଯାଆଁଳା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଜଣାଇଛନ୍ତି।

# କାଉମାରୀ ସାର୍ବଜନୀନ ନବରାତ୍ର ପୂଜା ଓ ଗ୍ରାମୀଣ ମେଳା

ବାଲିଆପାଳ ୧୧।୧୦( ନି ସୂ ) : ବାଲିଆପାଳ ବ୍ଲକ ନୁଆଗାଁ ପଞ୍ଚାୟତ କାଉମାରୀ ସ୍କୁଲ ପଡ଼ିଆରେ ରବିବାର ଠାରୁ ନବରାତ୍ର ପୂଜା ଏବଂ ଗ୍ରାମୀଣ ମେଳା ଆରମ୍ଭ ହୋଇଛି। ମହାଳୟା ଅମାବାସ୍ୟା ପରଦିନ ପ୍ରତିପଦରେ ଗ୍ରାମର ଶତାଧିକ ମହିଳା ମାନଙ୍କ ଦ୍ୱାରା ଏକ ଶୋଭାଯାତ୍ରାରେ ଭିକାଗଡିଆ ସ୍ଥିତ ଗୋହିରୀ ଗଡିଆ ଭକ୍ତେଶ୍ୱର ଘାଟ ଠାରୁ ମା ଙ୍କର ଘଟ ଉତ୍ତୋଳନ କରାଯାଇ ମା ଦୁର୍ଗାଙ୍କର ୯ ଟି ସ୍ୱରପକୁ ପୂଜା କରାଯାଏ। ସାତଟି ପଞ୍ଚାୟତର ଲୋକ ଙ୍କ ସହଯୋଗରେ ଚାରିବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି । ନବରାତ୍ର ପୂଜା ଅନୁଷ୍ଠିତ ହେବ ପ୍ରଥମ ଦିନରେ ଶୈଳୀପୁତ୍ରୀ, ଦ୍ୱିତୀୟ ଦିନରେ ମା ବ୍ରହ୍ମଚାରିଣୀ, ତୃତୀୟ ଦିନରେ ମା ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିନରେ କୂଷ୍ମାଣ୍ଡା, ପଞ୍ଚମ ଦିନରେ ସ୍କନ୍ଦମାତ, ଷଷ୍ଠ ଦିନରେ କାତ୍ୟାୟନୀ, ସପ୍ତମ ଦିନରେ କାଳରାତ୍ରିଙ୍କୁ ପୂଜା ଅର୍ଚ୍ଚନା କରାଯାଏ। ଅଷ୍ଟମୀରେ ମହାଗୈରୀଙ୍କର ପୂଜା ଓ ନବମୀରେ ସିଦ୍ଧିଦାତ୍ରୀଙ୍କୁ ପୂଜା ସହିତ ନବରାତ୍ର ଦୂର୍ଗା ପୂଜା ସମ୍ପନ୍ନ କରାଯିବ ବୋଲି ମୂଖ୍ୟ ପୂଜକ ପ୍ରୀୟବ୍ରତ ପଣ୍ଡା କହିଛନ୍ତି। ଆଲୋକମାଳା, ଭଜନ ସନ୍ଧ୍ୟା ,ମିନା ବଜାର,କୀର୍ତ୍ତନ,ହୁମଯଜ୍ଞ, ଆରତୀ, ପ୍ରସାଦ ସେବନର ବ୍ୟବସ୍ଥା ଥିବାରୁ ଶ୍ରଦ୍ଧାଳୁ ମାନଙ୍କ ଭିଡ ଜମୁଛି। ବାଲିଆପାଳ ବ୍ଲକରେ ନବରାତ୍ର ପୂଜା ଏହି ମଣ୍ଡପରେ ଅନୁଷ୍ଠିତ ହୋଉଥିବାରୁ ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁ ମାନଙ୍କ ସୁଅ ଛୁଟେ ଭକ୍ତି ଉଲ୍ଲସିତ ହେବା ସହିତ ଚଟପଟା ଖାଦ୍ୟ ର ମଜା ନେଇଥାନ୍ତି। ବେଦଚେତନା ସଂସ୍କୃତି ବିକାଶ ପରିଷଦ ଉପଦେଷ୍ଟା ସୁବାସ ଚୈଧୁରୀ, ସଭାପତି ସଞ୍ଜୟ ମିଶ୍ର,ସମ୍ପାଦକ ଯଦୁନାଥ ପଣ୍ଡା, ସମେତ ପରିଷଦର ଅଭିଜ୍ଞ ବ୍ରାହ୍ମଣ ମାନେ ମାଙ୍କ ସେବାରେ ସେବାରେ ନିୟୋଜିତ ରହିଛନ୍ତି। ନବରାତ୍ର ପୂଜା ପରିଷଦର ସଭାପତି ନାରାୟଣ ପାଣିଗ୍ରାହୀ, ଉପସଭାପତି ଦିବାକର ସାମନ୍ତରାୟ, କୋଷାଧ୍ୟକ୍ଷ ରଞ୍ଜନ କୁମାର ପଣ୍ଡା, ସଦସ୍ୟ ସଲିଳ କୁମାର ଆଚାର୍ଯ୍ୟ,ଅନାଦି କୁମାର ପଢିଆରୀ, ବୃନ୍ଦାବନ ପଢିଆରୀ, ପ୍ରଦୀପ ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



# ସମଲେଇ ମଣ୍ଡଳରେ କାର୍ଯ୍ୟକାରିଣୀ ବୈଠକ

ସିନାପାଲି ୧୧।୧୦ (ନି.ସୂ) ବିଭିନ୍ନ ଜନକଲ୍ୟାଣକାରି ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ବିକାଶ ପଥରେ ପ୍ରଗତି ର ରଥ ତିବ୍ର ଗତିରେ ଆଗେଇ ନେଉଛି ଡବଲ ଇଞ୍ଜିନ ସରକାର। ଏହି ପରିପ୍ରେକ୍ଷୀରେ ମଣ୍ଡଳ ମାନଙ୍କରେ ଅନୁଷ୍ଠିତ ହେଉଛି ବିଭିନ୍ନ ବୈଠକ। ସେହିପରି ନୂଆପଡ଼ା ଜିଲ୍ଲା, ଖଡ଼ିଆଳ ବିଧାନସଭା , ସମଲେଇ ମଣ୍ଡଳ, ବରଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବୋଟୋପାଲି ସ୍ଥିତ ବନ୍ୟାଆଶ୍ରୟ ସ୍ଥଳୀ ରେ ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକଟି ସମଲେଇ ମଣ୍ଡଳ ସଭାପତି କୁମ୍ଭ ବାଗ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ, ଶିବପ୍ରସାଦ ମୁଣ୍ଡ (ପୂର୍ବତନ ଜିଲ୍ଲା ସଭାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ମଣ୍ଡଳ ପାଳକ ), ଲମ୍ବୋଦର ନିଆଲ (ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ), ସୁବ୍ରତ କୁମାର ଠାକୁ (ପୂର୍ବତନ ଜିଲ୍ଲା ସଭାପତି), ଅବନି ଯୋଷୀ (ମଣ୍ଡଳ ପ୍ରଭାରୀ ତଥା ଜିଲ୍ଲା ଉପ ସଭାପତି), ରାତ୍ରାନନ୍ଦ ମନହିରା (ଜିଲ୍ଲା ଉପ ସଭାପତି), ଉଜ୍ଜ୍ୱଳ ହଂସ (ପୂର୍ବତନ ମଣ୍ଡଳ ସଭାପତି), ପ୍ରତାପ ମେହେର (ପୂର୍ବତନ ମଣ୍ଡଳ ସଭାପତି), କୃର୍ତ୍ତିବାସ ତେଜି (ବୁଢାଦେଓ ମଣ୍ଡଳ ସଭାପତି), ଜଗଦୀଶ ନାଗ (ମଣ୍ଡଳ ସମ୍ପାଦକ), ମୋହନ ନାଗ (ମଣ୍ଡଳ ସମ୍ପାଦକ ) ମଞ୍ଚାସୀନ ରହିଥିବା ବେଳେ , ମଣ୍ଡଳ ର ଅଧିକାରୀ ପଦାଧିକାରୀ , ବିଭିନ୍ନ ପଦପଦବୀ ରେ ଥିବା କାର୍ଯ୍ୟକର୍ତ୍ତା ତଥା ବରିଷ୍ଠ କାର୍ଯ୍ୟକର୍ତ୍ତା ଓ ଶତାଧିକ ସକ୍ରୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସାଫଲ୍ୟ ମଣ୍ଡିତ କରିଥିଲେ । ଉକ୍ତ ବୈଠକ ରେ ଦଳୀୟ କାର୍ଯ୍ୟକ୍ରମର ବିଭିନ୍ନ ବିଷୟର ଗୁରୁତ୍ୱପୂର୍ଣ୍ଣ ବିନ୍ଦୁ ଉପରେ ଆଲୋକପାତ କରାଯାଥିଲା । ଏହି ବୈଠକରେ ଅନ୍ୟ ଦଳରୁ ଆସିଥିବା ଅନେକ ଗୁଡିଏ କର୍ମୀ ବିଜେପି ରେ ସାମ୍ବିଧାନିକ ଭାବେ ଯୋଗଦାନ କରିଥିଲେ । ସମ୍ପାଦକ ଜଗଦୀଶ ନାଗ ମଞ୍ଚ ପରିଚାଳନା କରିଥିବା ବେଳେ , ମଣ୍ଡଳ ସଭାନେତ୍ରୀ ପାଞ୍ଚାଲୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

# ପୁରାତନ ବିଜେପି କାର୍ଯ୍ୟକର୍ତ୍ତାଙ୍କ ବନ୍ଧୁମିଳନ ଓ ସେବା ପକ୍ଷ ପାଳନ

ପଟ୍ଟାମୁଣ୍ଡାଇ ୧୧।୧୦ (ନି.ସୂ) : ପଟ୍ଟାମୁଣ୍ଡାଇ ଅଂଚଳର ପୁରାତନ ବିଜେପି କାର୍ଯ୍ୟକର୍ତ୍ତାଙ୍କ ବନ୍ଧୁ ମିଳନ ଓ ସେବା ପକ୍ଷ ପାଳିତ ହୋଇଯାଇଛି । ବରିଷ୍ଠ ବିଜେପି ନେତା ନୀଳକଣ୍ଠ ମିଶ୍ର ଓ ପାରେଶ୍ୱର ପାତ୍ରଙ୍କ ମିଳିତ ସଂଯୋଜନାରେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ପଞ୍ଚାନନ ବିଶ୍ୱାଳ ଭାଷଣ ଦେଇ ଦୀର୍ଘ ଦିନ ଧରି ସଂଗ୍ରାମ ଓ ସଂଘର୍ଷ କରି ପଟ୍ଟାମୁଣ୍ଡାଇରେ ବିଜେପିର ପରିଚୟ ସୃଷ୍ଟି କରିଥିବା ପୁରାତନ ନେତାମାନଙ୍କୁ ଗୁରୁତ୍ୱ ଦେଲେ ଦଳର ସଂଗଠନ ବୃଦ୍ଧି ପାଇବ ବୋଲି ମତ ପ୍ରକାଶ କରି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀଙ୍କ ନୀତି ଓ ବର୍ତ୍ତମାନର ପ୍ରଧାନ ମନ୍ତ୍ରୀ ମୋଦିଙ୍କ ସେବା ସଂକଳ୍ପ କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ । ଏଥିରେ ବରିଷ୍ଠ ବିଜେପି ନେତା ରାହାସ ବିହାରୀ ଦାସ, ସୁଧାଂଶୁ ଜେନା ଭରତ ଭଦ୍ର ଅଶୋକ ପ୍ରଧାନ ମଙ୍ଗୁଳି ମହାନ୍ତି ବସନ୍ତ ପ୍ରଧାନ ପ୍ରଦୀପ ମହାନ୍ତି ସମୀର ପାତ୍ର ରଂଜିତ ତରାଇ ପ୍ରତାପ ଜେନା ସେବତୀ ତ୍ରିପାଠୀ ଧ୍ରୁବ ପାଣ୍ଡ୍ୱ ପ୍ରମୁଖ ଶତାଧିକ ପୁରାତନ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ ଓ ଶେଷରେ ସନାତନ ମହାନ୍ତି ଧନ୍ୟବାଦ ଦେଇଥିଲେ । ପୁରାତନ ବିଜେପି କାର୍ଯ୍ୟକର୍ତ୍ତାମାନେ ମୋଦିଙ୍କ ୨୫ବର୍ଷର ସୁଶାସନ ଓ ସେବା ପକ୍ଷ ପାଳନ ଅବସରରେ ବୃକ୍ଷରୋପଣ ଓ ରାସ୍ତା ମନ୍ଦିର ସଫେଇ କରିଥିଲେ ।

## ବହଳଦା ପୋଲିସର ବଡ଼ ସଫଳତା

# ଡକାୟତି ଯୋଜନା ପଣ୍ଡ, ୯ ଅଭିଯୁକ୍ତ ଗିରଫ

ବିଜାତଳା, ୧୧।୧୦ (ନି.ସୂ.): ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ପୋଲିସ ଜିଲ୍ଲା ଅନ୍ତର୍ଗତ ବହଳଦା ଥାନା ପୋଲିସକୁ ମିଳିଛି ବଡ଼ ସଫଳତା। ଏକ ବଡ଼ ଧରଣର ଡକାୟତି ଯୋଜନାକୁ ପଣ୍ଡ କରିବା ସହ ୯ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ଜୀବନ୍ତ ଗୁଳି, ଦୁଇଟି ଲୁହା ଖଣ୍ଡା, ତିନୋଟି ଲୁହା ରଡ୍, ଗୋଟିଏ କାର୍, ୭ଟି ମୋବାଇଲ୍ ଫୋନ୍ ଓ ନଗଦ ୬,୫୦୦ ଟଙ୍କା ସମେତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି।

ଆଗାମୀ ପାର୍ବଣ ଋତୁରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏବଂ ଅପରାଧୀ ଓ ଅସାମାଜିକ ତତ୍ତ୍ୱଙ୍କ ଉପରେ ନଜର ରଖିବା ଉଦ୍ଦେଶ୍ୟରେ ପୋଲିସ ପକ୍ଷରୁ ଚଢ଼ାଉ ଓ ପାଟ୍ରୋଲିଂକୁ ଜୋରଦାର କରାଯାଇଛି। ବାଲେଶ୍ୱର ରେଞ୍ଜ ଡିଆଇଜି ଏବଂ ରାଇରଙ୍ଗପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ ବହଳଦା ଥାନା ଅଧିକାରୀ ଭାସ୍କର ପ୍ରଧାନଙ୍କ ନେତୃତ୍ୱରେ ପୋଲିସ ଟିମ୍ ଏହି ସଫଳତା ହାସଲ କରିଛି। ରବିବାର ରାଇରଙ୍ଗପୁର ଟାଉନ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୋଲିସ ଏସପି ସୁରେଶ ଚନ୍ଦ୍ର ପାତ୍ର ଏହି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ।

**ଗମ୍ଭାରିଆ ରାବଣ ପୋଡ଼ି ପଡ଼ିଆ ନିକଟରେ ଚଢ଼ାଉ**

ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗତ ୧୦ ତାରିଖ ରାତି ପ୍ରାୟ ୧୧ଟା ୩୦ ମିନିଟ୍ ସମୟରେ ବହଳଦା ଓ ଗମ୍ଭାରିଆ ଅଞ୍ଚଳରେ ଡକାୟତି କରିବା ଉଦ୍ଦେଶ୍ୟରେ କିଛି ଦୁର୍ବୃତ୍ତ ଗମ୍ଭାରିଆ ରାବଣ ପୋଡ଼ି ପଡ଼ିଆ ନିକଟସ୍ଥ ଏକ ନିଛାଟିଆ ସ୍ଥାନରେ ଏକତ୍ରିତ ହୋଇଥିବା ଖବର ପୋଲିସ ପାଇଥିଲା। ଖବର ପାଇବା ପରେ ପୋଲିସ ପାଟ୍ରୋଲିଂ ଟିମ୍ ତୁରନ୍ତ ଘଟଣାସ୍ଥଳରେ ଚଢ଼ାଉ କରି ୭ ଜଣଙ୍କୁ କାବୁ କରିଥିଲା। ଅନ୍ୟ ଏକ ଚଢ଼ାଉରେ ବହଳଦା ଥାନାର ପୂର୍ବ ମାମଲା ନମ୍ବର ୧୭୪/୨୦୨୬ରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତ ଗମ୍ଭାରିଆ ଅଞ୍ଚଳରେ ବେଆଇନ ମାରଣାସ୍ତ୍ର ଧରି ସହଯୋଗୀଙ୍କୁ ଅପେକ୍ଷା କରିଥିବା ବେଳେ ଏସଆଇ ଅନନ୍ତ ଦାସଙ୍କ ନେତୃତ୍ୱାଧୀନ ଟିମ୍ ତାକୁ କାବୁ କରିଥିଲା। ତା' ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଓ ଗୋଟିଏ ଜୀବନ୍ତ ଗୁଳି ଜବତ କରାଯାଇଥିଲା। ଏହି ଘଟଣାରେ ଅନ୍ୟ ଜଣଙ୍କୁ ମଧ୍ୟ ଅଟକ ରଖି ତଦନ୍ତ କରାଯାଇଥିବା ସୂଚନା ମିଳିଛି।



**ବନ୍ଧୁକ, ଜୀବନ୍ତ ଗୁଳି, ଖଣ୍ଡା, ଲୁହା ରଡ୍ ଓ କାର୍ ସମେତ ବିଭିନ୍ନ ସାମଗ୍ରୀ ଜବତ**

**ଜବତ ହେଲା ବନ୍ଧୁକ, ଖଣ୍ଡା ଓ ଅନ୍ୟାନ୍ୟ ସାମଗ୍ରୀ**

ପୋଲିସ ପକ୍ଷରୁ ଜବତ କରାଯାଇଥିବା ସାମଗ୍ରୀ ମଧ୍ୟରେ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ୮ ଏମ୍ଏମ୍ ଜୀବନ୍ତ ଗୁଳି, ଦୁଇଟି ଲୁହା ଖଣ୍ଡା, ତିନୋଟି ଲୁହା ରଡ୍, ଧଳା ରଙ୍ଗର ମାରୁତି ସୁଜୁକି ଏର୍ଟିଗା କାର (ନଂ. ଓଡ଼ ୧୧ ଇଇ ୪୦୧୭), ୭ଟି ମୋବାଇଲ୍ ଫୋନ୍, ଦୁଇ ପ୍ୟାକେଟ୍ ଲଙ୍କା ଗୁଣ୍ଡ, ଗ୍ୟାସ୍ ଲାଇଟର, ସିଗାରେଟ୍ ଏବଂ ନଗଦ ୬,୫୦୦ ଟଙ୍କା ରହିଛି।

**ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଏକାଧିକ ମାମଲାରେ ସମ୍ପୃକ୍ତ ବ୍ୟକ୍ତି**

ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ଲୋକୁ ଓରଫ ସେକ୍ ରାଜାଉଦ୍ଦିନ (୨୩), ଜଗା ଓରଫ ଜଗତଜିତ ମହାନ୍ତ, ଘାଗର ଓରଫ ସେକ୍ ସଫରୁଦ୍ଦିନ (୨୪), ରାଜା ବେହେରା (୧୯), ଜୟୀ ସିଟ୍ (୨୫), ସେକ୍ ଅଜମଲ ଓରଫ ଅଜମତ (୩୨), ସେକ୍ ୱାହିଦ (୨୬) ଏବଂ ମହମ୍ମଦ ଅରବାଜ ସାଇ (୨୧)ଙ୍କ ନାମ ସାମ୍ନାକୁ ଆସିଛି। ପୋଲିସର ସୂଚନା ଅନୁଯାୟୀ, ଜଗତଜିତ ମହାନ୍ତଙ୍କ ନାମରେ ରାଇରଙ୍ଗପୁର ଟାଉନ୍ ?, ରାଇରଙ୍ଗପୁର ଗ୍ରାମାଞ୍ଚଳ, ବହଳଦା ଓ ରାରୁଆଁ ଥାନାରେ ପୋକ୍ସୋ, ଡକାୟତି, ରାହାଜାନୀ ଓ ଚୋରି ସମ୍ପର୍କିତ ୧୧ରୁ ଅଧିକ ମାମଲା ଥିବା ଜଣାପଡ଼ିଛି। ସେହିପରି ସେକ୍ ସଫରୁଦ୍ଦିନଙ୍କ ନାମରେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଥାନା ସମେତ ରାଇରଙ୍ଗପୁର ଅଞ୍ଚଳରେ ଚୋରି ଓ ଅନ୍ୟାନ୍ୟ ମାମଲା ଥିବା ପୋଲିସ ପକ୍ଷରୁ କୁହାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କର ମଧ୍ୟ ବିଭିନ୍ନ ଥାନାରେ ପୂର୍ବ ଅପରାଧିକ ରେକର୍ଡ ଥିବା ସୂଚନା ମିଳିଛି।

**ଦୁଇଟି ମାମଲା ରୁଜୁ, ଅଭିଯୁକ୍ତ କୋର୍ଟ ଚାଲାଣ**

ଏହି ଘଟଣାରେ ବହଳଦା ଥାନାରେ କେସ୍ ନମ୍ବର ୧୮୦/୨୦୨୬ରେ ଅସ୍ତ୍ରଶସ୍ତ୍ର ଆଇନର ଧାରା ୨୫/୨୭ ଏବଂ କେସ୍ ନମ୍ବର ୧୮୧/୨୦୨୬ରେ ବିଏନ୍ଏସ୍ର ଧାରା ୩୧୦(୪), ୩୧୦(୫), ୧୧୧ ସହିତ ଅସ୍ତ୍ରଶସ୍ତ୍ର ଆଇନର ଧାରା ୨୫ ଅନୁଯାୟୀ ମାମଲା ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି।

ସାମ୍ବାଦିକ ସମ୍ମିଳନୀରେ ରାଇରଙ୍ଗପୁର ଏସଡିପିଓ ବିରେନ୍ଦ୍ର ସେନାପତି, ରାଇରଙ୍ଗପୁର ଟାଉନ୍ ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ, ବହଳଦା ଥାନା ଅଧିକାରୀ ଭାସ୍କର ପ୍ରଧାନ, ଜାମଦା ଥାନା ଅଧିକାରିଣୀ ସାବିତ୍ରୀ ଦୋଳେଇଙ୍କ ସମେତ ବିଭିନ୍ନ ଥାନାର ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

ପୋଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏକ ବଡ଼ ଧରଣର ଡକାୟତି ଉଦ୍ୟମ ବିଫଳ ହୋଇଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ପୋଲିସର ଏହି ପଦକ୍ଷେପକୁ ପ୍ରଶଂସା କରାଯାଇଛି।

# ଚିତାବାଘ ଚମଡ଼ା ଚୋରା କାରବାରର ପର୍ଦ୍ଦାଫାଶ !

ବାଲିଗୁଡ଼ା,୧୧/୧୦(ନି.ସୂ):କନ୍ଧମାଳରେ ବନ୍ୟଜନ୍ତୁ ଶିକାର ଓ ଚୋରା କାରବାର ଉପରେ ବନ ବିଭାଗର ବଡ଼ କାର୍ଯ୍ୟାନୁଷ୍ଠାନ ! ଚିତାବାଘ ଚମଡ଼ା ଯୋଗାଣ ଅଭିଯୋଗରେ ଦୁଇ ଜଣ ଏବଂ ଚିତାବାଘ ଶିକାର ଅଭିଯୋଗରେ ଆଉ ଜଣେ ଧରାପଡ଼ିଛନ୍ତି। ଅଭିଯୁକ୍ତଙ୍କଠାରୁ ଚିତାବାଘର ନଖ,ଦାନ୍ତ,ହରିଣ ଖପୁରୀ ସମେତ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଅବଶେଷ ଜବତ ହୋଇଛି। ତେବେ କିପରି ସାମ୍ନାକୁ ଆସିଲା ଏହି ବେଆଇନ କାରବାର ଆସନ୍ତୁ ଜାଣିବା ସମ୍ପୂର୍ଣ୍ଣ ଖବର। ଭଏସ୍ ଓଭର: କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ବନଖଣ୍ଡ ଅଞ୍ଚଳରେ ବନ୍ୟଜନ୍ତୁ ଶିକାର ଓ ଚୋରା କାରବାର ବିରୋଧରେ ବନ ବିଭାଗର ଅଭିଯାନକୁ ମିଳିଛି ସଫଳତା।ବନ ବିଭାଗର ପ୍ରେସ୍ ନୋଟ୍ ଅନୁଯାୟୀ, ଚିତାବାଘ ଚମଡ଼ା ଯୋଗାଣ ଅଭିଯୋଗରେ ଦୁଇ ଜଣଙ୍କୁ ଏବଂ ବେଆଇନ ଭାବେ ଚିତାବାଘ ଶିକାର କରିବା ଅଭିଯୋଗରେ ଆଉ ଜଣଙ୍କୁ ଧରାଯାଇଛି। ଏହି ଘଟଣାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଜବତ ବନ୍ୟଜନ୍ତୁଙ୍କ ଅବଶେଷ। ଚିତାବାଘର ଚାରିଟି ନଖ, ଚାରିଟି ଦାନ୍ତ, ଶିଙ୍ଗ ସହିତ ଦୁଇଟି ହରିଣ ଖପୁରୀ ଏବଂ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଅବଶେଷ ଜବତ ହୋଇଛି। ସହକାରୀ ବନ ସଂରକ୍ଷକ ତଥା ତଦନ୍ତକାରୀ ଅଧିକାରୀ ଅରୁଣ କୁମାର ସାହୁଙ୍କ ନିର୍ଦ୍ଦେଶରେ ବନ ବିଭାଗର ଟିମ୍ ଏହି ଅଭିଯାନ ଚଳାଇଥିଲା। ବନ୍ୟଜନ୍ତୁଙ୍କ ସୁରକ୍ଷା ଓ ଚୋରା କାରବାର ରୋକିବା ପାଇଁ ବନ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି। ଆଉଟ୍ରୋ:ବନ୍ୟଜନ୍ତୁ ଆମ ପ୍ରକୃତିର ଅମୂଲ୍ୟ ସମ୍ପଦ। ସେମାନଙ୍କ ଶିକାର ଓ ଚୋରା କାରବାର ରୋକିବା ପାଇଁ ପ୍ରଶାସନ ସହ ସାଧାରଣ ଲୋକଙ୍କ ସହଯୋଗ ମଧ୍ୟ ଜରୁରୀ। ବାଲିଗୁଡ଼ା ବନଖଣ୍ଡର ଏହି ଘଟଣାରେ ତଦନ୍ତ ପରେ ଆଉ କେଉଁ ତଥ୍ୟ ସାମ୍ନାକୁ ଆସୁଛି, ତାହା ଉପରେ ରହିବ ନଜର।




# କନ୍ଧମାଳରେ 'ମିଶନ ଶୂନ୍ୟ ଗଞ୍ଜେଇ ଚାଷ' ଅଭିଯାନ ୩୦ ଏକର ଜମିରେ ବେଆଇନ ଭାବେ ହେଉଥିବା ଗଞ୍ଜେଇ ଚାଷ ନଷ୍ଟ,୩ ଗିରଫ

କନ୍ଧମାଳ,୧୧/୧୦(ନି.ସୂ): କନ୍ଧମାଳ ଜିଲ୍ଲାରୁ ଗଞ୍ଜେଇ ଚାଷର ମୂଳୋତ୍ପାଟନ ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଣ୍ଟି ନାର୍କୋଟିକ୍ ଟାସ୍କ ଫୋର୍ସ ର ଆଇଜି ଶ୍ରୀ ହିମାଂଶୁ ଲାଲ ଏବଂ ଡିଆଇଜି ଶ୍ରୀ କନ୍ୱର ବିଶାଲ ସିଂହଙ୍କ ନେତୃତ୍ୱରେ ଜିଲ୍ଲାରେ 'ମିଶନ ଶୂନ୍ୟ ଗଞ୍ଜେଇ ଚାଷ' ଅଭିଯାନ ଆରମ୍ଭ ହୋଇଛି। ୨୦୨୬-୨୭ ଫସଲଋତୁ ପାଇଁ ଆରମ୍ଭ ହୋଇଥିବା ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟରେ ସଦର ଥାନା ଅନ୍ତର୍ଗତ କାକେନ୍ଦ୍ରୀ ଓ ବିଲାବଡ଼ି ପଞ୍ଚାୟତର କାକେନ୍ଦ୍ରୀ ଗ୍ରାମର ଜଙ୍ଗଲ କଡ଼ରେ ଚାଷ ହୋଇଥିବା ପ୍ରାୟ ୩୦ ଏକର ବେଆଇନ ଗଞ୍ଜେଇ ଫସଲକୁ ନଷ୍ଟ କରାଯାଇଛି। କନ୍ଧମାଳ ଏସ୍.ପି. ଶ୍ରୀ ରାମେନ୍ଦ୍ର ପ୍ରସାଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସଦର ଏସ୍.ଡି.ପି.ଓ. ଶ୍ରୀ ପି.ପି. ସୁଭ୍ରଜିତ୍ ବିଶ୍ୱାଳ ଓ ଥାନା ଏସ ଆଇ ସମ୍ବିତ ବେହେରାଙ୍କ ନେତୃତ୍ୱରେ ଏହି ଚଢ଼ଉ କରାଯାଇଥିଲା। ଘଟଣାସ୍ଥଳରେ ଉପଯୁକ୍ତ ଜଳସେଚନ ଓ ସାର ପ୍ରୟୋଗ କରି ବ୍ୟବସ୍ଥିତ ଭାବେ ଗଞ୍ଜେଇ ଚାଷ କରାଯାଉଥିବା ପୁଲିସ ଦେଖିବାକୁ ପାଇଥିଲା। ଏହି ମାମଲାରେ ସଂପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ପଞ୍ଜଲା ବେହେରା (୫୫), ସ୍ୱର୍ଗତ ସରସ୍ୱତୀ ବେହେରାଙ୍କ ପୁଅ, ଗ୍ରାମ: କାକେନ୍ଦ୍ରୀ। ବିନାୟକ ବେହେରା (୩୬), ପବିତ୍ର ବେହେରାଙ୍କ ପୁଅ, ଗ୍ରାମ: କାକେନ୍ଦ୍ରୀ। ପ୍ରଭାତ କୁମାର ବେହେରା (୩୦), ଠାକୁର ବେହେରାଙ୍କ ପୁଅ, ଗ୍ରାମ: କାକେନ୍ଦ୍ରୀ। ଏ ମାନଙ୍କ ବିରୋଧରେ ଏନ୍.ଡି.ପି.ଏସ୍. ଆଇନର ଧାରା ୪୮ ଅନୁଯାୟୀ ନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ଅନୁମତି କ୍ରମେ ଘଟଣା ସ୍ଥଳରେ ଗଞ୍ଜେଇ ଗଛଗୁଡ଼ିକୁ ପୋଡ଼ି ନଷ୍ଟ କରାଯାଇଛି ଏବଂ ସମଗ୍ର ପ୍ରକ୍ରିୟାଟି ଭିଡିଓଗ୍ରାଫି କରାଯାଇଛି। ଏନେଇ ଫୁଲବାଣୀ ସଦର ଥାନାରେ କେସ୍ ନମ୍ବର ୨୧୯ /୨୦୨୬ ଏନ୍.ଡି.ପି.ଏସ୍. ଆଇନର ଧାରା ୨୦(କ)(ସ) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଜିଲ୍ଲାରେ ବେଆଇନ ଗଞ୍ଜେଇ ଚାଷ ପ୍ରତି କୌଣସି ସହନଶୀଳତା ରହିବ ନାହିଁ ଏବଂ ଆଗାମୀ ଦିନରେ ଏଭଳି କଠୋର ଅଭିଯାନ ଜାରି ରହିବ ବୋଲି ପୁଲିସ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।




# ଖୋରଧାରେ ରାସ୍ତା କାମ ସମୟରେ ପାଇପ ଲାଇନି ଫାଟି ରାସ୍ତାରେ ଜଳବର୍ଷା



ଖୋରଧା,୧୧/୧୦(ନି.ସୂ) : ଖୋରଧା ସହରର ଟି.ଏଲ.ସି. ରାସ୍ତା ନିର୍ମାଣ କାର୍ଯ୍ୟ ସମୟରେ ଜେସିବି ମେସିନ ଦ୍ୱାରା ରାସ୍ତା ଖୋଳାଯିବାରୁ ଜିଲ୍ଲା ପ୍ରେସ କ୍ଲବ୍‌କୁ ୱାଟ୍‌କୋ ପକ୍ଷରୁ ଯୋଗାଇ ଦିଆଯାଇଥିବା ପାନୀୟ ଜଳ ସଂଯୋଗ ପାଇପ ନଷ୍ଟ ହୋଇଯାଇଛି। ଫଳରେ ପାଇପରୁ ଅବିରତ ପାଣି ବୋହି ରାସ୍ତା ଉପରେ ଜମା ହେଉଛି। ପାଇପ୍ ନଷ୍ଟ ହେବା ଯୋଗୁଁ ଗତ ଦୁଇ ଦିନ ଧରି ଜିଲ୍ଲା ପ୍ରେସ କ୍ଲବ୍‌ରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଜଳ ଯୋଗାଣ ବନ୍ଦ ହୋଇଯିବାରୁ କ୍ଲବ୍‌ର ସଦସ୍ୟମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ,ରାସ୍ତା ଉପରେ ପାଣି ଜମି ରହିବା ଯୋଗୁଁ ଜଳ ଅପଚୟ ହେବା ସହ ଯାତାୟାତରେ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ଏ ସମ୍ପର୍କରେ ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାର ସଂସ୍ଥାର କର୍ମଚାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସମସ୍ୟାର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉ ନାହିଁ । ଏହି ପରିପ୍ରେକ୍ଷୀରେ ଠିକାଦାର ସଂସ୍ଥା ତୁରନ୍ତ ପାଇପ ମରାମତି କରି ଜଳ ଯୋଗାଣ ସ୍ୱାଭାବିକ କରିବା ସହ ଖୋରଧା ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରେସ କ୍ଲବ ପକ୍ଷରୁ ଅନୁରୋଧ କରାଯାଇଛି।

# ରମେଶ ବାବାଙ୍କ ତିରୋଧାନ ମହୋତ୍ସବ



ଖୋରଧା ,୧୧।୧୦ (ନି.ସୂ) : ଶ୍ରୀ ଚୈତନ୍ୟ ରିସର୍ଚ୍ଚ ଆସୋସିଏସନ ପକ୍ଷରୁ ଶ୍ରୀ ଚୈତନ୍ୟ ବିହାର ଠାରେ ବ୍ରଜର ସିଦ୍ଧ ମହାତ୍ମା,ସଂସ୍କାରକ,ବ୍ରଜରେ ପୃଥିବୀର ସର୍ବ ବୃହତ୍ ଗୋଶାଳା ସଞ୍ଚାଳକ, ବର୍ଷଣାର୍ ମହାନ୍ ସନ୍ଥ ପଦ୍ମଶ୍ରୀ ରମେଶ ବାବା ନିର୍ଯ୍ୟାଣ୍ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଚୈତନ୍ୟ ବିହାରରେ ଶୋକ ସଭାରେ ପଣ୍ଡିତ ଗୋପବନ୍ଧୁ ପଣ୍ଡା,ପ୍ରବଚକ ଜିତେନ୍ଦ୍ରିୟ ପ୍ରଧାନ, ଅନନ୍ତ ହରି ଦାସ,ଭକ୍ତି ଦଇତ ବୋଧାୟନ୍ ମହାରାଜ ତାଙ୍କର ସ୍ମୃତି ଚାରଣ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜଗଦୀଶ ପ୍ରସାଦ ପଟ୍ଟନାୟକ,ଜୟ ନାରାୟଣ ପଟ୍ଟନାୟକ, ଜୋଗେଶ୍ୱର୍ ସିଂହ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସୁରେନ୍ଦ୍ର ପୃଷ୍ଟି ସଂଯୋଜନା କରିଥିଲେ।

# ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ଜମିକୁ ନେଇ ଭୁଆଁ ବୁଲାଉଛନ୍ତି ଉପମୁଖ୍ୟମନ୍ତ୍ରୀ

## ସରକାରରେ ଅଛନ୍ତି ଜମି ଫେରାଇବାର ବ୍ୟବସ୍ଥା କରାଯାଉ,ନଚେତ ଇସ୍ତଫା ଦିଅନ୍ତୁ: ନରସିଂହ

ବଲାଙ୍ଗିର,୧୧/୧୦(ନି.ସୂ):ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ରାଜ୍ୟ ର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ ର ଜମିକୁ ନେଇ ନିଜ ଭାଷଣରେ ମନ୍ତବ୍ୟ ଦେଇଥିଲେ ଯେ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂଦେଓ ରାଜେନ୍ଦ୍ର କଲେଜକୁ ୮୨ ବର୍ଷ ତଳେ ୨୦୦ ଏକର ଜମି ପ୍ରଦାନ କରିଥିଲେ। ତା ସହ ସେ ଏହା ମଧ୍ୟ କହିଥିଲେ ଯେ ଏହି ୨୦୦ ଏକଡରୁ ବର୍ତ୍ତମାନ ମାତ୍ର ୫୬ ଏକର ଜମି ଶିକ୍ଷାନୁଷ୍ଠାନ ନାଁ ରେ ଅଛି କିନ୍ତୁ ଦୁଃଖର ବିଷୟ ସେ ଜାଣିବା ଦରକାର ଯେ ଏହି ଜିଲ୍ଲାରୁ ଶ୍ରୀ ସିଂଦେଓ ଦିର୍ଘ ବର୍ଷ ହେବ ପ୍ରତିନିଧିତ୍ୱ କରୁଛନ୍ତି । ବିଭିନ୍ନ ସମୟରେ ବିଧାୟକ, ମନ୍ତ୍ରୀ ରହିଛନ୍ତି ଏବଂ ବର୍ତ୍ତମାନ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଯଦି ପ୍ରକୃତ ରେ ଜମି ହଡପ ହୋଇଛି ତେବେ ସେ ନିଜେ କାହିଁକି ତାର ତଦନ୍ତ କରି ସେ ଜମିକୁ ଫେରାଇ ପାରୁ ନାହାନ୍ତି ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଏକ ପ୍ରେସ ବିବୃତ୍ତି ମାଧ୍ୟମରେ ପ୍ରଶ୍ନ କରିଛନ୍ତି । ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ, ଯଦି ପ୍ରକୃତ ରେ ଶିକ୍ଷାନୁଷ୍ଠାନକୁ ୨୦୦ ଏକର ଜମି ଦିଆଯାଇଛି, ତାହାର କିଛି ପ୍ରମାଣ ଅଛି କି, ଯଦି ତାର କିଛି ଦଲିଲ ଅଛି ବଲାଙ୍ଗିର ଜିଲ୍ଲା ଛାତ୍ର ସମାଜର ବୃହ□ର ସ୍ୱାର୍ଥ ଦୃଷ୍ଟିରୁ ସେହି ଦଲିଲ କୁ ସର୍ବସାଧାରଣ କରନ୍ତୁ। ଯଦି ନାହିଁ ତେବେ କେଉଁଠି ଅଛି ତାର ଅନୁସନ୍ଧାନ କରି ବଲାଙ୍ଗିରବାସୀଙ୍କୁ ଜଣାନ୍ତୁ। ଲୋକେ ଏହି ଘଟଣାକୁ ସନ୍ଦେହ ଚକ୍ଷୁରେ ଦେଖିଲେଣି । ରାଜେନ୍ଦ୍ର କଲେଜ ଜମିକୁ ନେଇ ନିଜେ ସରକାର ରେ ଥାଇ ଛାତ୍ର ସମାଜକୁ ଭ୍ରମାତ୍ମକ ମନ୍ତବ୍ୟ ଉପମୁଖ୍ୟମନ୍ତ୍ରୀ ନିଜେ ଦେଉଛନ୍ତି ବୋଲି ଲେକେ କୁହାକୁହି ହେଲେଣି । ତେଣୁ ଯଦି ଯଦି ପ୍ରଦାନ ସତ୍ୟ ତେବେ ଜମି ଅନୁସନ୍ଧାନ କରି ବିଶ୍ୱ ବିଦ୍ୟାଳୟ କୁ ଫେରାଇବାର ବ୍ୟବସ୍ଥା କରନ୍ତୁ ନଚେତ ନିଜର ଅପାରଗତାକୁ ସ୍ୱିକାର କରି ନିଜେ ସରକାରରୁ ଇସ୍ତାଫା ଦିଅନ୍ତୁ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରେସ ବିବୃତ୍ତି ମାଧ୍ୟମରେ ଆହ୍ୱାନ କରିଛନ୍ତି।



# ବିଶ୍ୱର ଦୁଇ ପ୍ରତିଶତ ବୈଜ୍ଞାନିକ ତାଲିକାରେ ସ୍ଥାନ ପାଇଲେ ରାଜକିଶୋର ପରମଗୁରୁ

ଖୋରଧା,୧୧/୧୦(ନି.ସୂ) : ଖୋରଧା ଓଡ଼ିଶା ଏବଂ ଭାରତ ପାଇଁ ଗର୍ବର ବିଷୟ: ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନ ପାଇଲେ ଡ. ରାଜକିଶୋର ପରମଗୁରୁ ଏଲସେଭିୟର (Elsevier) ଏବଂ ଷ୍ଟାଫର୍ଡ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ବିଶ୍ୱର ଶ୍ରେଷ୍ଠ ୨% ବୈଜ୍ଞାନିକଙ୍କ (Top 2% Scientists) ସମ୍ମାନଜନକ ତାଲିକାରେ ଓଡ଼ିଶାର ଖଣି ଓ ପଦାର୍ଥ ବିଜ୍ଞାନ (Mining & Metallurgy) ଗବେଷକ ଡ. ରାଜକିଶୋର ପରମଗୁରୁ ସ୍ଥାନ ପାଇଛନ୍ତି। ଏହା ଆମ ରାଜ୍ୟ ଓ ଦେଶ ତଥା ଆମ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟ ଖୋରଧା ପାଇଁ ଏକ ଗୌରବଜନକ ଓ ଆନନ୍ଦର ବିଷୟ ଅଟେ।ଏହି ସଫଳତା ସମ୍ପର୍କିତ କିଛି ମୁଖ୍ୟ ତଥ୍ୟ ଉପସ୍ଥାପିତ କରାଗଲା ଡ.ରାଜକିଶୋର ପରମଗୁରୁ। ଖଣିଜ ଓ ପଦାର୍ଥ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (Institute of Minerals and Materials Technology - IMMT), ଭାରତ। ଗବେଷଣା କ୍ଷେତ୍ରକୁ ବିଚାର କଲେ ସେ ମୁଖ୍ୟତ ଇଞ୍ଜିନିୟରିଂ ଏବଂ ଉପ-କ୍ଷେତ୍ର – ଖଣି ଓ ପଦାର୍ଥ ବିଜ୍ଞାନ ଓ ବୈଶ୍ୱିକ ମାନ୍ୟତା କ୍ଷେତ୍ରରେ ଏହି ତାଲିକାରେ ତାଙ୍କର ଉପ-କ୍ଷେତ୍ରରେ ବିଶ୍ୱ ସ୍ତରରେ ୩୮୫ ତମ ସ୍ଥାନରେ ରହିଛି। ତାଙ୍କର H-index ୨୨ ଏବଂ Hm-index ୧୧ ରହିଥିବାବେଳେ ସେ ୨୦୨୫-୨୦୨୬ ବର୍ଷ ପାଇଁ ଏହି ସମ୍ମାନଜନକ ତାଲିକାରେ ସ୍ଥାନିତ ହୋଇଛନ୍ତି। ଏହି ସଫଳତା ବିଜ୍ଞାନ ଜଗତରେ ତାଙ୍କର ଦୀର୍ଘକାଳୀନ ଅବଦାନ ଏବଂ ଉତ୍କୃଷ୍ଟ ଗବେଷଣାକୁ ପ୍ରମାଣିତ କରୁଛି।



# ଅନ୍ତର୍ଜାତୀୟ ସମ୍ମିଳନୀରେ ଗବେଷଣାପତ୍ର ଉପସ୍ଥାପନ କରିବେ କଳାହାଣ୍ଡିର ଗବେଷକ ସୁଧୀର ଧଙ୍ଗଡ଼ାମାଝୀ



ଭବାନୀପାଟଣା,୧୧।୧୦(ନି.ସୂ):କଳାହାଣ୍ଡିର ଯୁବ ଲେଖକ ତଥା ଗବେଷକ ସୁଧୀର କୁମାର ଧଙ୍ଗଡ଼ାମାଝୀ 'ଭାରତସ୍ କଲଚରାଲ୍ କନେକସନ୍ସ ଏକ୍ରସ୍ ଦ ଗ୍ଲୋବ୍' ଅନ୍ତର୍ଜାତୀୟ ସମ୍ମିଳନୀରେ ଗବେଷଣାପତ୍ର ଉପସ୍ଥାପନ ପାଇଁ ଆମନ୍ତ୍ରିତ ହୋଇଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନସ୍ଥ ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ କଳା କେନ୍ଦ୍ର (ଆଇଜିଏନସିଏ) ପକ୍ଷରୁ ଗ୍ରେଟର ଇଣ୍ଡିଆ ସୋସାଇଟିର ଶତବାର୍ଷିକୀ ଉପଲକ୍ଷେ ଏହି ସମ୍ମିଳନୀ ଆୟୋଜିତ ହେଉଛି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆସନ୍ତା ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଉକ୍ତ ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। 'ଫ୍ରମ୍ ମହାନଦୀ ଟୁ ମେଲାକା: ମ୍ୟାପିଂ ଦ ମାରିଟାଇମ୍ ଟ୍ରେଡ୍ ରୁଟ୍ସ ଅଫ୍ କଳିଙ୍ଗ ସାଧବସ୍'ଶୀର୍ଷକ ତାଙ୍କ ଗବେଷଣାପତ୍ରରେ ପ୍ରାଚୀନ କଳିଙ୍ଗ ଓ ଦକ୍ଷିଣ-ପୂର୍ବ ଏସିଆକୁ ସଂଯୋଗ କରୁଥିବା ଐତିହାସିକ ନୌବାଣିଜ୍ୟ ପଥ ତଥା ବାଣିଜ୍ୟିକ ସାମଗ୍ରୀ ସମେତ ବିଚାର ଓ ସଂସ୍କୃତି ଆଦାନପ୍ରଦାନରେ କଳିଙ୍ଗର ସାଧବମାନଙ୍କ ଭୂମିକାକୁ ଏଥିରେ ଅନୁଶୀଳନ କରାଯାଇଛି। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ଅନ୍ତର୍ଗତ ବୁଢ଼ୀପଦର ଗ୍ରାମରେ ଜନ୍ମିତ ସୁଧୀର ଜଣେ ଗବେଷକ, ଲେଖକ, ସମ୍ପାଦକ, ଉଦଘୋଷକ ତଥା ସଂସ୍କୃତି କର୍ମୀ। ସଂପ୍ରତି ସେ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ବରିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟରତ। ଶିକ୍ଷା, ଭାଷା, ସାହିତ୍ୟ, ସଂସ୍କୃତି ଓ ଇତିହାସ ତାଙ୍କ ଅଧ୍ୟୟନ ଓ ଗବେଷଣାର ପ୍ରମୁଖ କ୍ଷେତ୍ର। ତାଙ୍କ ଗଳ୍ପ ସଂକଳନ 'ଖଂଗାର' ୨୦୨୧ରେ ଟାଇମପାସ୍ ବେଷ୍ଟସେଲର ପୁରସ୍କାର ଲାଭ କରିଥିବା ବେଳେ ୨୦୨୦ ଓ ୨୦୨୧ରେ କେନ୍ଦ୍ର ସାହିତ୍ୟ ଅକାଦେମୀ ଯୁବ ପୁରସ୍କାର ସଂକ୍ଷିପ୍ତ ସୂଚୀରେ ସ୍ଥାନିତ ହୋଇଥିଲା। ଏହି ଅନ୍ତର୍ଜାତୀୟ ମଞ୍ଚରେ ସେ ଅସୁରଗଡ଼ରୁ ସାନ୍ଦୁଲ, ତେଲ ଓ ମହାନଦୀ ଦେଇ ବଙ୍ଗୋପସାଗର, ମେଲାକା ପ୍ରଣାଳୀ ଓ ଦକ୍ଷିଣ-ପୂର୍ବ ଏସିଆ ପର୍ଯ୍ୟନ୍ତ ବ୍ୟାପ୍ତ ଐତିହାସିକ ସଂଯୋଗକୁ ବିଶ୍ୱର ଶିକ୍ଷାବିତ୍ ଓ ଗବେଷକମାନଙ୍କ ସମ୍ମୁଖରେ ଉପସ୍ଥାପନ କରିବାର ସୁଯୋଗ ପାଇବେ ବୋଲି ଶ୍ରୀ ଧଙ୍ଗଡ଼ାମାଝୀ ପ୍ରକାଶ କରିଛନ୍ତି।

# ଅନନ୍ତ ଦୀପ୍ତି ଆଶା ଟ୍ରଷ୍ଟ ପକ୍ଷରୁ ଗରିବ ଓ ଅସହାୟ ୩୦୦ ପରିବାରକୁ ବାସନକୁସନ ଓ କିଟ୍ ବଣ୍ଟନ

କନ୍ଧମାଳ,୧୧/୧୦(ନି.ସୂ): କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ଶ୍ରାଣିକେତା ଗ୍ରାମପଞ୍ଚାୟତର ସୁଗାନ୍ କେତା ଗ୍ରାମରେ ଅନନ୍ତ ଦୀପ୍ତି ଆଶା ଟ୍ରଷ୍ଟ ପକ୍ଷରୁ ୧୦ ଅକ୍ଟୋବର ୨୦୨୬ ତାରିଖରେ ଏକ ସହାୟତା ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ମାନବିକ ସେବା କାର୍ଯ୍ୟକ୍ରମରେ ମୋଟ ୩୦୦ଟି ଗରିବ ଓ ଅସହାୟ ପରିବାରକୁ ବାସନକୁସନ କିଟ୍ ବଣ୍ଟନ କରାଯାଇଥିଲା।ପ୍ରତ୍ୟେକ ବାସନକୁସନ କିଟ୍‌ରେ ୪ଟି ଥାଳି, ୪ଟି ଗିନା, ୪ଟି ଗ୍ଲାସ୍, ୪ଟି ଚାମଚ, ୧ଟି ରୋଷେଇ ଚାମଚ, ୨ଟି ରୋଷେଇ ହାଣ୍ଡି, ଭାତ ଖାଇବା ପାଇଁ ୨ଟି ବଡ଼ ଗିନା, ୧ଟି କଡ଼େଇ ଆଦି ରୋଷେଇ ଓ ଖାଦ୍ୟ ପରିବେଷଣ ପାଇଁ ଆବଶ୍ୟକୀୟ ସାମଗ୍ରୀ ରହିଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରାନିକେତା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଟକରମାଲା, ସିତାରପଟା, ପାଦେରମାହା ଓ ସୁଗାନ୍ କେତା ଗ୍ରାମର ଅର୍ଥନୈତିକ ଦୃଷ୍ଟିରୁ ଦୁର୍ବଳ ଓ ଅସହାୟ, ଗରିବ ପରିବାରମାନେ ଉପକୃତ ହୋଇଥିଲେ। ବାସନକୁସନ କିଟ୍ ପାଇ ଉପକୃତ ପରିବାରମାନଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଥିଲା। ଟ୍ରଷ୍ଟର ଟ୍ରଷ୍ଟି ସଦସ୍ୟ ଶ୍ରୀ ବିନୟ କୀର୍ତ୍ତି, ଶ୍ରୀମତୀ ସୁଲେଖା ଡିଗାଲ ଓ ଶ୍ରୀ ରମେଶ ନାୟକଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ।ଅନନ୍ତ ଦୀପ୍ତି ଆଶା ଟ୍ରଷ୍ଟର ଏହି ଜନହିତକର ପଦକ୍ଷେପ ସ୍ଥାନୀୟ ଅଞ୍ଚଳରେ ସମାଜସେବା ଓ ମାନବିକତାର ଏକ ଉଦାହରଣ ସୃଷ୍ଟି କରିଛି।

# ଜଗତିପୁର ପଞ୍ଚାୟତରେ କଂଗ୍ରେସ ଦଳର ମିଶ୍ରଣ ପର୍ବ ଅନୁଷ୍ଠିତ

ବାଲିଆପାଳ,୧୧/୧୦(ନି.ସୂ): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜଗତିପୁର ପଂଚାୟତରେ କଂଗ୍ରେସ ଦଳର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ମିଶ୍ରଣ ପର୍ବ ରେ ପଂଚାୟତରେ ସଭାପତି ତଥା ସରପଞ୍ଚ ସୁବାସ ବେହେରାଙ୍କ ନେତୃତ୍ୱରେ ସୁଧା ସିନ୍ଧୁ ସାହୁଙ୍କ ସଭାପତିତ୍ୱରେ ବାଲିଆପାଳ ବ୍ଲକ କଂଗ୍ରେସ ସଭାପତି ମୁରଲୀମୋହନ ସାହୁ ,କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଜନ ନାୟକ, ସମିତି ସଦସ୍ୟ ଶାନ୍ତନୁ ମହାପାତ୍ର, ଉପସ୍ଥିତ ଥିଲେ । ଅନ୍ୟ ଦଳ ଛାଡି ଶତାଧିକ କର୍ମୀ କଂଗ୍ରେସ ଦଳର ନିତି ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। Word member ସଂଜୟ ଜେନା ,ସତ୍ୟ ସୁନ୍ଦର ସାମନ୍ତରାୟ, ଭୀମ ମହୁରି,ବାବୁଲୀ ମହୁରି, ସୁଜୟ ଜେନା ,ଅଜୟ ଜେନା, ଶିବପ୍ରସାଦ ବେହେରାଙ୍କ ସମେତ ବହୁ କର୍ମୀ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉମେଶ ନାୟକ ସଂଜୟ ପାତ୍ର,ବିରଂଚି ପାତ୍ର, ଶିବପ୍ରସାଦ ଜେନା ଅରବିନ୍ଦ ଜେନା,ସୁଜିତ ପଣ୍ଡା ,ପ୍ରଦୀପ ସେଠି,ସାଧୁ ଚରଣ ସି, ରବିନ୍ଦ୍ର ବିଶ୍ୱାଳ, ବରେନ୍ଦ୍ର ରାଉତ,କାହ୍ନୁ ପରିଡା ପ୍ରମୁଖ କଂଗ୍ରେସ କର୍ମି ଉପସ୍ଥିତ ଥିଲେ ।



# ବ୍ରହ୍ମାକୁମାରୀ ଖୋରଧା ସେବା କେନ୍ଦ୍ରର ୪୨'ତମ ବାର୍ଷିକ ଉତ୍ସବ



ଖୋରଧା,୧୧/୧୦(ନି.ସୂ) : ଖୋରଧା ଗୋଡ଼ିପୋଖରୀ ଠାରେ ଅବସ୍ଥିତ ବ୍ରହ୍ମାକୁମାରୀ ସେବା କେନ୍ଦ୍ର ପରିସରରେ ଏହାର ୪୨ ତମ ବାର୍ଷିକ ଉତ୍ସବ ମହା ସମାରୋହରେ ପାଳନ କରାଯାଇଥିଲା। ମୁଖ୍ୟ ପ୍ରବକ୍ତା ଭାବରେ ବ୍ରହ୍ମାକୁମାରୀ କଟକ ସବ-ଜୋନ୍‌ର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସୁଲୋଚନା ଭଉଣୀ, ମୁଖ୍ୟ ଅତିଥି ଭାବରେ ପୌରାଧକ୍ଷା କନକ ଲକ୍ଷ୍ମୀ ମହାନ୍ତି,ଉପ-ପୌରାଧକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି, ରାଜଯୋଗୀ ବ୍ରହ୍ମାକୁମାର ଡକ୍ଟର ନାଥମଲ ଭାଇ,ବ୍ରହ୍ମାକୁମାରୀ ତ୍ରିବେଣୀ(କଟକ ),ବ୍ରହ୍ମାକୁମାରୀ ଜ୍ୟୋତି (ଜଟଣୀ), ବ୍ରହ୍ମାକୁମାରୀ ସରିତା (ବାଲୁଗାଁ),ବ୍ରହ୍ମାକୁମାରୀ ସୁଜାତା (ବାଣପୁର ),ବ୍ରହ୍ମାକୁମାରୀ ଗୌରୀ (ବାଙ୍କୀ), ଯୋଗ ଦାନ କରି ବିଶ୍ୱ ଶାନ୍ତି ପାଇଁ ପ୍ରଦୀପ ପ୍ରଜ୍ୱଳନ କରି ଶୁଭେଚ୍ଛା ପ୍ରଦାନ କରିଥିଲେ। ପତଞ୍ଜଳି ଯୋଗ ସମିତି ଖୋରଧା ଜିଲାର ସଭାପତି ଶ୍ରୀ ସୀତାକାନ୍ତ ପଣ୍ଡା ଏବଂ ପତଞ୍ଜଳି ଯୋଗ ପୀଠ ଖୋରଧା କେନ୍ଦ୍ରର ସଭାପତି ଶ୍ରୀ ଦୁଃଶାସନ ସ୍ୱାଇଁ ପୁଷ୍ପ ଗୁଚ୍ଛ,ମାନ ପତ୍ର ଓ ଉପଢୌକନ ଦେଇ ବ୍ରହ୍ମାକୁମାରୀ ସୁଲୋଚନା ଭଉଣୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଖୋରଧା ସେବା କେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀ ସମସ୍ତଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧନା କରିଥିଲେ। ବ୍ରହ୍ମାକୁମାର ଜୟ କୃଷ୍ଣ ଭାଇ ବାର୍ଷିକ ସେବା ବିବରଣୀ ପାଠ କରି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ବିଭିନ୍ନ ଜିଲ୍ଲା ରୁ ୫୦୦ ଭାଇ ଭଉଣୀ ଏଥିରେ ଯୋଗଦାନ କରିଥିଲେ।

# କଟକ ସଦରରେ ବିଜେଡିର ଜନସଂପର୍କ ପଦଯାତ୍ରା

ତେଲେଙ୍ଗାପେଣ୍ଠ,୧୧/୧୦ (ନି.ସୂ): କଟକ ସଦର ନିର୍ବାଚନ ମଣ୍ଡଳୀର କଟକ ମହାନଗର ନିଗମ ୫୯ନଂ ୱାର୍ଡ ଅନ୍ତର୍ଗତ ଗାନ୍ଧୀସ୍ମୃତି ପାଠ ନିକଟରୁ କଟକ ସଦର ଆମଣ ପଞ୍ଚାୟତ ପର୍ଯ୍ୟନ୍ତ ପୂର୍ବତନ ସଦର ବିଧାୟକ ଚନ୍ଦ୍ର ସାରଥି ବେହେରା ଓ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂହଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏକ ବିଶାଳ ଜହସଂପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସବୁକ୍ଷେତ୍ରରେ ଚଳିତ ସରକାରର ବିଫଳତାକୁ ଘରେ ଘରେ ପହଂଚାଇବାକୁ ବିଜେଡି ପକ୍ଷରୁ ଆରମ୍ଭ ହୋଇଛି। ଏହି ପଦଯାତ୍ରା ବିଜେପିର ନିର୍ବାଚନ ପ୍ରତିଶ୍ରୁତି ବିଶେଷ କରି ଓଡ଼ିଆ ଅସ୍ମିତା ଫେଲ୍ ମାରିଛି । ମହିଳା ମାନଙ୍କୁ ପ୍ରତାରଣା ଓ ନିର୍ଯ୍ୟାତନା ସାଙ୍ଗକୁ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ହେଇ ଗର୍ଜିଛନ୍ତି ବିଜେଡି କର୍ମୀ । ଶିକ୍ଷାକ୍ଷେତ୍ର ଠାରୁ ଆରମ୍ଭ କରି ଗମନାଗମନ ଆଜି ସଂପୂର୍ଣ ବିପର୍ଯ୍ୟସ୍ତ । କଟକ ସହର ଅଂଚଳରେ ସଦର ପୁଅ ଚାରାବେଳ ନିର୍ବାଚିତ ହୋଇଥିବା ଜନ୍ମପ୍ରତିନିଧି 'ଅଢେଇବର୍ଷରେ ସଦର ଅଂଚଳର ମାଟି ଓ ବାଲି ଖାଇଯିବା ସହ ଚଳିତ ସରକାରରେ ପିସି କାରବାର ଚରମସୀମା ଟପି ଯାଇଛି ବୋଲି ପୂର୍ବତନ ବିଧାୟକ ଶ୍ରୀସୂକ୍ତ ବେହେରା ପକାଶ କରିଥିଲେ । ଅନୁଷ୍ଠିତ ଏହି ଜନସଂପର୍କ ପଦଯାତ୍ରାରେ ସହରର ବିଭିନ୍ନ କର୍ମୀମାନେ ଯୋଗଦେଇ ଜନିତ ସରକାରର ବିଫଳତାକୁ ଲୋକ ଲୋଚନକୁ ଆଣିବାକୁ ପ୍ରୟାସ କରିଥିଲେ ।ଏହି ପଦଯାତ୍ରାରେ ସହସାଧିକ ମହିଳା ମଧ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବାର ଦେଖାଯାଇଥିଲା । କଟକ ସଦର ନିଜେଡି ସଭାପତି ବିଭୂତି ମହାନ୍ତି, ପୂର୍ବତନ ସଭାପତି ପ୍ରମୋଦ ମହାପାତ୍ର, ପୂର୍ବତନ କର୍ପୋରେଟର ରାଜ କୁମାରୀ ସ୍ୱାଇଁ, କୌଶିକ ଜେନା, କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ନଗର ବିଜେଡି ସାଧାରଣ ସଂପାଦକ ବିକ୍ରମ ଶତପଥୀ, ନଗର ବିଜେଡି ସଂପାଦକ ନଳିନୀ ସେନାପତି, ରାକେଶ ପଟ୍ଟନାୟକ, ୫୯ନଂ ପୂର୍ବତନ ସଭାପତି ଜ୍ଞାନରଂଜନ ସାହୁ, ଜିଲ୍ଲା ପରିଷଦ ସଦ୍ଧ୍ୟା ଆଶାଲତା ବେହେରା, ସୁଶାନ୍ତ ମହାନ୍ତି, ଉରାଳୀ ସରପଞ୍ଚ ଇଂ ଅଭିଷେକ ବେହେରା, ରାଜ୍ୟ ବିଜେଡି ସାଧାରଣ ସଂପାଦକ ଦୀପକ କୁମାର ସାହୁ, ପୂର୍ବତନ କର୍ପୋରେଟର ସଞ୍ଜୟ ବରାଳ, ବିପ୍ଳବ ହେତା, ବିଷ୍ଣୁ ଚରଣ ଭୋଳ, ସମିତିସଭ୍ୟ ଶୁକ୍ଳଦେବ ମଲ୍ଲିକ, ଯୁବ ସମାଜସେବା ଟୁନା ଜେନା, ଶିବ ପ୍ରସାଦ ପଟ୍ଟନାୟକ, ପବିତ୍ର କୁମାର ବେହେରା, ସଦର ବ୍ଳକ ପୂର୍ବତନ ଉପାଧ୍ୟକ୍ଷ ବିଭୂତି ଭୂଷଣ ପରିଡା, ପୂର୍ବତନ ସରପଞ୍ଚ ସତ୍ୟ ରାୟ, ବାରଙ୍ଗ ବ୍ଲକ ବିଜେଡି ସଭାପତି ଗଗନ ବିହାରୀ ଜେନା, ରଞ୍ଜନ ପାଳ,ପ୍ରଭାସ ସ୍ୱାଇଁ, ଅଶୋକ ରଥ, ନିରଞ୍ଜନ ପରିଡା,ରାବେଶ ହେଳା, ପତିତପାଳନ ସେଠୀ, ଘନଶ୍ୟାମ ପାଠ, ଛାତ୍ର ଚେଠା ବିଶ୍ୱଜିତ୍ ଜେନା ପ୍ରମୁଖୀ କର୍ମକର୍ତାମାନଙ୍କ ସମେଠ ବହୁ ବିଜେଡି କର୍ମୀ ଯୋଗଦେଇ ବିଜେପି ସରକାରଙ୍କ ବିଫଳତାର ବାର୍ତ୍ତା ପ୍ରଚାର କରିଥିଲେ ।



# ତପନ ସଭାପତି ଓ ଲୋହିତ ସାଧାରଣ ସମ୍ପାଦକ ନିର୍ବାଚିତ

ଖୋରଧା, ୧୧/୧୦,ମହମ୍ମଦ ଫଜଲୁର ରହମାନ,(ନି.ସୂ) : ଖୋରଧା ଜିଲା ସାମ୍ବାଦିକ ୟୁନିଅନ୍(କେ ଡି ୟୁଜେ)ର ଦୁଇ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ରବିବାର ଖୋରଧା ଜିଲା ସାମ୍ବାଦିକ ଭବନରେ ଅନୁଷ୍ଠିତ ସଂଘର ସାଧାରଣ ପରିଷଦ ବୈଠକରେ ସାଂଗଠନିକ ଆଲୋଚନା ସହ ନୂତନ କମିଟି ଗଠନ କରାଯାଇଛି। ଏଥିରେ ତପନ କୁମାର ନାୟକ ସଭାପତି ଓ ଲୋହିତ ନାରାୟଣ ମହାପାତ୍ର ସାଧାରଣ ସମ୍ପାଦକ ଭାବେ ନିର୍ବାଚିନ ହୋଇଛନ୍ତି ।ରାଜ୍ୟ ସାମ୍ବାଦିକ ସଂଗଠନ ଓୟୁଜେର ନିର୍ଦ୍ଦେଶକ୍ରମେ ଜିଲା ସଭାପତି ତପନ ନାୟକଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ଲୋହିତ ନାରାୟଣ ମହାପାତ୍ର ସ୍ୱାଗତ ଭାଷଣ ଦେଇ ଉପସ୍ଥିତ ସାମ୍ବାଦିକମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହାପରେସଭାପତିସାମ୍ବାଦିକତାରେ ନିରପେକ୍ଷତା , ସତ୍ୟନିଷ୍ଠା ଓ କର୍ତ୍ତବ୍ୟ ପ୍ରତି ନିଷ୍ଠା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ସଂଘର ଏକତା, ଶୃଙ୍ଖଳା ଓ ସାମୂହିକ ସ୍ୱାର୍ଥର ସୁରକ୍ଷା ସହ ସାମ୍ବାଦିକତାର ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।ରାଜ୍ୟ କାର୍ଯ୍ୟାଳୟ ସଂପାଦକ ପ୍ରସନ୍ନ ପାଇକରାୟ ନିର୍ବାଚନ ପରିଚାଳନା କରିଥିଲେ । ବୈଠକରେ ସଦସ୍ୟମାନେ ସଂଘର ବିଭିନ୍ନ ସାଂଗଠନିକ ସମସ୍ୟା, ଅଭିଜ୍ଞତା ଓ ଅଭିଯୋଗ ଉପସ୍ଥାପନ କରିବା ସହ ସଂଗଠନକୁ ଅଧିକ ସୁଦୃଢ଼ କରିବା ଓ ସଂଘର ନିଜସ୍ୱ ଭବନ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ନୂତନ କମିଟିରେ ପ୍ରସନ୍ନ କୁମାର ପାଇକରାୟଙ୍କୁ ମୁଖ୍ୟ ଉପଦେଷ୍ଟା ଏବଂ ସନତ କୁମାର ପଟ୍ଟନାୟକ, ରବି ସ୍ୱାଇଁ,ସୟଦ ଅନଶର ଅଲ୍ଲୀ ଓ ଦିଲୀପ ହୋତାଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି। ସେହିପରି ନାରାୟଣ ମହାନ୍ତି ଓ ଶ୍ରୀକାନ୍ତ ପ୍ରଧାନ ଉପସଭାପତି ଏବଂ ସନ୍ଦୀପ ବର୍ମନ କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ମିଡିଆ ସଂଯୋଜକ ଦାୟିତ୍ୱ ଶୁଭଲକ୍ଷ୍ମୀ ସାମନ୍ତରାୟ ଓ ମହମ୍ମଦ ଫଜଲୁର ରହମାନଙ୍କୁ ଦିଆଯାଇଛି। ବ୍ଲକସ୍ତରରେ ସଂଘର କାର୍ଯ୍ୟକଳାପକୁ ଅଧିକ ସକ୍ରିୟ କରିବା ପାଇଁ ଟାଙ୍ଗୀ ବ୍ଲକ ସମ୍ପାଦକ ଭାବେ ସ୍ୱାଗତିକା ପାହାଡ଼ସିଂହ, ଜଟଣୀ ବ୍ଲକ ସମ୍ପାଦକ ଭାବେଅଶୋକ ପଟ୍ଟନାୟକ, ବେଗୁନିଆ ବ୍ଲକ ସମ୍ପାଦକ ଭାବେ ଚନ୍ଦନ ସୁନ୍ଦରାୟ, ବୋଲଗଡ଼ ବ୍ଲକ ସମ୍ପାଦକ ଭାବେ ବାସୁଦେବ ବେହେରା ଏବଂ ଖୋରଧା ବ୍ଲକ ସମ୍ପାଦକ ଭାବେ ଜିତେନ୍ଦ୍ର ଭଞ୍ଜଙ୍କୁ ଚୟନ କରାଯାଇଛି। ସଂଘର ଶୃଙ୍ଖଳା ଓ ଆର୍ଥିକ ସ୍ୱଚ୍ଛତା ପ୍ରସଙ୍ଗରେ ମଧ୍ୟ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ନୂତନ କର୍ମକର୍ତ୍ତା ନିର୍ବାଚନ ପରେ ସଂଘର ସାଂଗଠନିକ ଭିତ୍ତିକୁ ମଜବୁତ କରିବା, ସାମ୍ବାଦିକମାନଙ୍କ ସମସ୍ୟା ଓ ସ୍ୱାର୍ଥକୁ ପ୍ରାଥମିକତା ଦେବା ଏବଂ ନିରପେକ୍ଷ ସାମ୍ବାଦିକତାର ମୂଲ୍ୟବୋଧକୁ ଅକ୍ଷୁଣ୍ଣ ରଖିବା ଦିଗରେ ମିଳିତ ଭାବେ କାର୍ଯ୍ୟ କରିବାକୁ ସଦସ୍ୟମାନେ ମତ ପ୍ରକାଶ କରିଥିଲେ। ଶେଷରେ ନୂତନ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଛି।



# ସ୍ଥାୟୀ ଦାତବ୍ୟ ହୋମିଓପ୍ୟାଥି ଚିକିତ୍ସା ଶିବିର ଆରମ୍ଭ

ଚୌଦ୍ୱାର,(ନି.ସୂ):ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଇନ୍ଦ୍ରାଣୀପାଟଣା ପଞ୍ଚାୟତ ଅଧୀନ ଚଷାପଡ଼ା ନିଗମ ବାଗେଶ୍ୱର ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଦାତବ୍ୟ ହୋମିଓପ୍ୟାଥ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଚଷାପଡ଼ାସ୍ଥିତି ହରିଖଳା ନିକଟ ନିଗମାନନ୍ଦ ଆଶ୍ରମ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଡା. ସସ୍ମିତା ସିଂ ଆନୁଷ୍ଠାନିକ ଭାବେ ଉଦ୍ ?ଘାଟନ କରିଥିଲେ । ସଂଗଠନର ମୁଖ୍ୟ ପ୍ରଦୀପ୍ତ କୁମାର ଚୌଧୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ସେବା ଶିବିରରେ ହୋମିଓପ୍ୟାଥି ବିଶେଷଜ୍ଞ ଡାକ୍ତର ଯୋଗଦେଇ ଅଂଚଳ ର ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ମାଗଣାରେ ଔଷଧ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମ ପ୍ରତ୍ୟେକ ଦିନ ଆୟୋଜନ କରାଯିବା ସହିତ ରୋଗୀ ମାନଙ୍କୁ ମାଗଣାରେ ଚିକିତ୍ସା ଓ ସେଔଷଧ ପ୍ରଦାନ କରାଯିବ ବୋଲି ଯୁବ ସମାଜ ସେବୀ ମନୋଜ୍ କୁମାର ବେଉରା ସୂଚନାଦେବା ସହିତ ଏହାର ଲାଭ ଉଠାଇବାପାଇଁ ଉପସ୍ଥିତ ଥିବା ସମସ୍ତ ଜନସାଧାରଣଙ୍କୁ ଅବଗତ କରିଥିଲେ। କୁଳମଣୀ ତରାଇ, ଗଙ୍ଗାଧର ଶୁକ୍ଳ, ସରୋଜ ରାଉତ, ପବିତ୍ର ମୋହନ ଗୋଛାୟତ, ମନୋଜ୍ କୁମାର ବେଉରା ପ୍ରମୁଖ ଶିବିର ପରିଚାଳନା କରିଥିଲେ । ସଂଜୟ ପ୍ରଧାନ, ଶିବ ସାହୁ, ମୋହନ ସାହୁ, ପ୍ରଦୀପ ବିଶ୍ୱାଳ, ଦିଲ୍ଲିପ ବିଶ୍ୱାଳ, ରଘୁନାଥ ସାହୁ, କାହ୍ନୁ ଚରଣ ନାୟକ ପ୍ରମୁଖ ସହଯୋଗ କରିଥିଲେ।





ପ୍ରଣାମ ଓଡିଶା
ସୋମବାର, ଅକ୍ଟୋବର-୧୨, ୨୦୨୬






ନିର୍ଭୟ ସୂଚନା

# ଜିଲା ଠାକୁରବାଡି ମହାସଂଘ ବୈଠକ

କୁଆଖିଆ, ୧୧।୧୦(ନି ସୂ) ଯାଜପୁର ଜିଲା ଶ୍ରୀ ଶ୍ରୀ ରାଧା କୃଷ୍ଣ ଜିଉ ଠାକୁର ବାଡି ମହାସଂଘର ଏକ ସ୍ୱତନ୍ତ୍ର ସାଧାରଣ ବୈଠକ ଆଜି ବାରବାଟୀ ଦୁର୍ଗାପୁର ସ୍ଥିତ ମା ଦୁର୍ଗାଦେବୀ ପୀଠରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାୟୀ ସଭାପତି ସୁରେନ୍ଦ୍ର ନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ କାର୍ଯ୍ୟକାରୀ ସଭାପତି କରୁଣାକର ବରାଳ ପ୍ରାରମ୍ଭିକ ସୁଚନା ପ୍ରଦାନ କରିଥିଲେ । ସଂପାଦକ ଜୟନାରାୟଣ ଶତପଥୀ ପୁର୍ବ ବୈଠକର ବିବରଣୀ ପାଠ କରିଥିଲେ । କୋଷାଧକ୍ଷ ଯତୀନ୍ଦ୍ର ମହାନ୍ତି ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ । ସଂଘର ଆଭିମୁଖ୍ୟ ସଂପର୍କରେ ଉପସଭାପତି ଅମୁଲ୍ୟ କୁମାର ବରାଳ ସୁଚନା ପ୍ରଦାନ କରିଥିଲେ । ଦୋଳ ମେଳଣ ଗୁଡିକରେ ଅପସଂସ୍କୃତିକୁ ରୋକିବା ଲକ୍ଷରେ ୨୦୧୩ରେ ଗଠିତ ହୋଇଥିବା ଏହି ସଂଘ ମେଳଣରେହେଉଥିବା ଅଶ୍ଲୀଳ ନୃତ୍ୟ ବନ୍ଦ କରାଇବାରେ ସଫଳ




ହୋଇଥିବା ବେଳେ ଶବ୍ଦ ପ୍ରଦୁଷଣ କମାଇବା ଓ ମେଳଣକୁ ସଠିକ ସମୟରେ ସାରିବା ଉପରେ ସଚେତନତା ସୃଷ୍ଟି ପାଇଁ କାମ କରିଆସୁଛି । ଠାକୁରବାଡି ମାନଙ୍କ ମଧ୍ୟରେ ଭାଇଚାରା ବୃଦ୍ଧି କରିବା ଦିଗରେ ସଂଘର ଭୁମିକା ମଧ୍ୟ ଖୁବ୍ ପ୍ରସଂଶନୀୟ ବୋଲି ଅନ୍ୟତମ ଉପସଭାପତି ସୁର୍ଯ୍ୟମଣି ପଣ୍ଡା କହିଥିଲେ । ଏହି ଅବସରରେ ସଂଘ ସୁପରିଚାଳନା ପାଇଁ ନୁତନ କାର୍ଯ୍ୟକର୍ତା ମନୋନୀତ ହୋଇଥିଲେ । ୭ଟି ଜୋନ ପାଇଁ ନୁତନ ସଂପାଦକ ମାନଙ୍କ ନାମ ମଧ୍ୟ ସ୍ଥିରିକୃତ ହୋଇଛି । ଦେଓଦା ଠାରେ ହେବାକୁ ଥିବା ଆସନ୍ତା ବୈଠକରେ ନୁତନ କାର୍ଯ୍ୟକର୍ତାମାନେ ଦାୟିତ୍ୱ ଗ୍ରହଣ କରିବେ । ଯେଉଁ ସ୍ଥାନରେ ବୈଠକ ଅନୁଷ୍ଠିତ ହେବ ସେହି ଅଂଚଳରେ ହେଉଥିବା ମେଳଣ ଗୁଡିକର କମିଟି ମାନଙ୍କୁ ନିମନ୍ତ୍ରଣ କରାଯାଇ ସଂଘର ଆଭିମୁଖ୍ୟ ସଂପର୍କରେ ସେମାନଙ୍କ ସହ ଆଲୋଚନା କରିବାକୁ ନିଷ୍ପତି ଗ୍ରହଣ କରାଗଲା । ବ୍ରଜମୋହନ ମାହନ୍ତି,ସୁବାସ ରାଉତରାୟ,କୈଳାସ ପ୍ରଧାନ,ନାରାୟଣ ଦାସ,ଅରୁଣ ଦାସ,ଅଲେଖ ସାମଲ,ବଟକୃଷ୍ଣ ଦାସ,ସଞ୍ଜୟ ମହାନ୍ତି, ବଳରାମ ସାହୁ,ଦେବବ୍ରତ ରାଉତ, ବଳରାମ ସାହାଣୀ,ରବିନ୍ଦ୍ର ମିଶ୍ର, ମୀନକେତନ ପଣ୍ଡା,ଅମରେନ୍ଦ୍ର ରାଉତ, ଅନିଲ ସାହୁ, ସୌମ୍ୟରଞ୍ଜନ ସାହୁ ପ୍ରମୁଖ ବିଭିନ୍ନ ପ୍ରସଂଗରେ ଆଲୋଚନା କରିଥିଲେ । ଶେଷରେ ପ୍ରଭାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଘରେ ଘରେ ରାଇସ୍ ମିଲ୍ ପାଉଁଶ, ବିପଦରେ ଜନଜୀବନ !

## ■ ଗାଁରେ ପ୍ରଦୂଷଣକୁ ନେଇ ଜନ ଅସନ୍ତୋଷ
## ■ ନିରବଦ୍ରଷ୍ଟା ସାଜିଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ



**ବରଗଡ଼, ୧୧।୧୦ ସୁରେନ୍ଦ୍ର କୁମାର ତାଣ୍ଡି (ନି.ସୂ.):** ଘରେ ଘରେ ପାଉଁଶ, ଚାଷ ଜମିରେ ପାଉଁଶ, ଏପରିକି ଗାଁର ଜୀବନରେଖା ପାଲଟିଥିବା ପୋଖରୀ ମଧ୍ୟ ପାଉଁଶ କବଳରେ। ରାଇସ୍ ମିଲ୍‌ରୁ ନିର୍ଗତ ପାଉଁଶ ଓ ଧୂଆଁକୁ ନେଇ ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତର ବଗେଇବିରା, ଉଲବା ଓ ବରପଦର ଅଞ୍ଚଳରେ ଦିନକୁ ଦିନ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଲୋକଙ୍କ ଅଭିଯୋଗ ଅନୁଯାୟୀ, ରାଇସ୍ ମିଲ୍‌ର ପାଉଁଶ ପ୍ରଦୂଷଣ ଯୋଗୁଁ ଜନଜୀବନ, ପରିବେଶ ଓ ଚାଷବାସ ଗୁରୁତର ପ୍ରଭାବିତ ହେଉଥିବା ବେଳେ ସମ୍ପୃକ୍ତ ବିଭାଗର ନିରବତା ଏବେ ଅନେକ ପ୍ରଶ୍ନ ସୃଷ୍ଟି କରିଛି।

ଗୋବିନ୍ଦପୁର ପଞ୍ଚାୟତର ବଗେଇବିରା-ଉଲବା ରାସ୍ତା କଡ଼ରେ ଥିବା ଅନନ୍ତ ଏଗ୍ରୋ ଇଣ୍ଡଷ୍ଟ୍ରି ଓ ଶିବା ଫୁଡ୍ ନାମକ ଦୁଇଟି ରାଇସ୍ ମିଲ୍‌ରୁ ନିର୍ଗତ ଧୂଆଁ, ପାଉଁଶ ଏବଂ ଅନ୍ୟାନ୍ୟ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା ହେଉନଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମିଲ୍‌ରୁ ବାହାରୁଥିବା ପାଉଁଶ ଚାରିଆଡ଼େ ବ୍ୟାପି ଘରର ଛାତ, ଘର ଭିତର, ବିଦ୍ୟାଳୟ, ରାସ୍ତା ଓ ଚାଷଜମିରେ ପଡୁଥିବାରୁ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି।

**ବଗେଇବିରା ଗାଁ ର ୧୪ ଏକରର ପୋଖରୀ ପାଉଁଶ କବଳରେ**

ବଗେଇବିରା ଓ ଆଖପାଖ ଅଞ୍ଚଳର ଲୋକଙ୍କ ପାଇଁ ଜଳର ଏକ ପ୍ରମୁଖ ଉତ୍ସ ଭାବେ ପରିଚିତ ପ୍ରାୟ ୧୪ ଏକର ପରିମିତ ଏକ ବିଶାଳ ପୋଖରୀ(କଟା ) ରେ ରାଇସ୍ ମିଲ୍‌ର ପାଉଁଶ ପଡୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପ୍ରାୟ ୪ ହଜାର ଲୋକଙ୍କ ଜୀବନ ସହ ଜଡ଼ିତ ଏହି ପୋଖରୀ ପାଉଁଶ ଯୋଗୁଁ ପ୍ରଦୂଷିତ ହେଉଥିବା ଅଭିଯୋଗ ସ୍ଥାନୀୟ ଜଳସମ୍ପଦର ସୁରକ୍ଷା ନେଇ ଚିନ୍ତା ବଢ଼ାଇଛି। ଏହି ପୋଖରୀର ଜଳ ପରୀକ୍ଷା କରିବାକୁ ଦାବୀ ହୋଇଛି।

**ଚାଷୀଙ୍କ ଫସଲ ନଷ୍ଟ ଅଭିଯୋଗ, ସ୍ୱାସ୍ଥ୍ୟକୁ ନେଇ ଚିନ୍ତା**

ବଗେଇବିରା, ଉଲବା ଓ ବରପଦର ଅଞ୍ଚଳର ଅନେକ ଚାଷୀଙ୍କ ଚାଷଜମିରେ ପାଉଁଶ ପଡୁଥିବାରୁ ଫସଲ କ୍ଷତି ହେଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ, ଘରଦ୍ୱାର ଓ ବିଦ୍ୟାଳୟ ପରିସରରେ ପାଉଁଶ ଜମା ହେବା ଯୋଗୁଁ ଶିଶୁ ଓ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କି ପ୍ରଭାବ ପଡୁଛି, ତାହାର ବୈଜ୍ଞାନିକ ଯାଞ୍ଚ ଜରୁରୀ ହୋଇପଡ଼ିଛି।

**କେଉଁଠି ଅଟକିଛି ପ୍ରଦୂଷଣ ନିୟନ୍ତ୍ରଣ ?**

ରାଇସ୍ ମିଲ୍‌ଗୁଡ଼ିକ ପରିବେଶ ସୁରକ୍ଷା ସମ୍ପର୍କିତ ନିୟମ ପାଳନ କରୁଛନ୍ତି କି ନାହିଁ, ପାଉଁଶ ପରିଚାଳନା ପାଇଁ ଆବଶ୍ୟକ ବ୍ୟବସ୍ଥା ରହିଛି କି ନାହିଁ ଏବଂ ସେମାନଙ୍କର ବୈଧ ସମ୍ମତିପତ୍ର ରହିଛି କି ନାହିଁ ଏସବୁ ଦିଗରେ ତଦନ୍ତ ଦାବି ଜୋର ଧରିଛି। ଅଞ୍ଚଳବାସୀଙ୍କ ଅଭିଯୋଗ ସତ୍ତ୍ୱେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲ୍ଲା ପ୍ରଶାସନର ପଦକ୍ଷେପ କ'ଣ, ତାହାକୁ ନେଇ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଏହି ସମସ୍ୟାର ଶୀଘ୍ର ସମାଧାନ ନ ହେଲେ ସେମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ। ଏନେଇ ସେମାନେ ଜିଲ୍ଲା ପ୍ରଶାସନ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ହସ୍ତକ୍ଷେପ ଦାବି କରିଛନ୍ତି।

ଏବେ ପ୍ରଶ୍ନ ଉଠୁଛି ଗାଁର ଘରଦ୍ୱାର, ଚାଷଜମି ଓ ପୋଖରୀକୁ ପାଉଁଶ ପ୍ରଦୂଷଣରୁ ମୁକ୍ତ କରିବା ପାଇଁ ପ୍ରଶାସନ କେବେ ତତ୍ପର ହେବ? ସମ୍ପୃକ୍ତ ରାଇସ୍ ମିଲ୍‌ଗୁଡ଼ିକର ଯାଞ୍ଚ କରାଯିବ କି? ଦୋଷୀ ସାବ୍ୟସ୍ତ ହେଲେ ଦାୟୀ ସଂସ୍ଥା ବିରୋଧରେ କ'ଣ ପଦକ୍ଷେପ ନିଆଯିବ? ନା ଗ୍ରାମବାସୀଙ୍କ ଅଭିଯୋଗ କାଗଜପତ୍ରରେ ସୀମିତ ରହିଯିବ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଏବେ ଅପେକ୍ଷାରେ। ଜନସ୍ୱାସ୍ଥ୍ୟ, ଚାଷବାସ ଓ ପରିବେଶର ସୁରକ୍ଷା ପାଇଁ ନିରପେକ୍ଷ ତଦନ୍ତ ଓ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହ ୩୪ତମ ପ୍ରତିଯୋଗିତା




କେନ୍ଦ୍ରାପଡ଼ା, ୧୧।୧୦:କେନ୍ଦ୍ରାପଡା ଜିଲ୍ଲା ବିଦ୍ୟାଳୟ କ୍ରୀଡା ସଂଗଠନ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହ ୩୪ତମ ସତରଞ୍ଜ, ବ୍ୟାଡମିଣ୍ଟନ ଓ ଭାରଉତ୍ତୋଳନ ପ୍ରତିଯୋଗିତା ଇଛାପୁରସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାକୁ କେନ୍ଦ୍ରାପଡା ଭାରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ ରଞ୍ଜନ କୁମାର ରାଉତରାୟ କ୍ରୀଡା ପତାକା ଉତ୍ତୋଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ମଣ୍ଡଳ ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ତରାଇ, ପିଏମଶ୍ରୀ ଇଛାପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଣାପାଣୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ୯ଟି ବ୍ଲକରୁ ୨୩୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ କୃତିପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କୃତି ପ୍ରତିଯୋଗୀମାନେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲ୍ଲା ବିଦ୍ୟାଳୟ କ୍ରୀଡା ସଂଗଠନର ସମ୍ପାଦକ ମଧୁସୁଦନ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବ୍ୟାସଦେବ ବେବର୍ତ୍ତା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଉମାକାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାକୁ ଚିତ୍ତରଞ୍ଜନ ମିଶ୍ର, ଉମାକାନ୍ତ ପଣ୍ଡା, ଉତ୍ତମ କୁମାର ସ୍ୱାଇଁ, ଅର୍ପିତା ବେହେରା, ତାପସ ମହାନ୍ତି, ଅନ୍ନପୂର୍ଣ୍ଣା ବେହେରା, ପ୍ରକାଶ କୁମାର ଦାସ, ପ୍ରଫୁଲ୍ଲ କୁମାର ସାହୁ,ସୂର୍ଯ୍ୟପ୍ରଭା ମହାନ୍ତି, ଶଶାଙ୍କଶେଖର ସାହୁ, ଗଜେନ୍ଦ୍ର କୁମାର ସ୍ୱାଇଁ, ଦ୍ୱାରିକାନାଥ ମୁଦୁଲି, ପ୍ରଫୁଲ୍ଲ ପ୍ରଧାନ, ସୁରେଶ ସ୍ୱାଇଁ, ପ୍ରିୟରଞ୍ଜନ ବିଶ୍ୱାଳ, ପ୍ରତାପ ହରିଚନ୍ଦନ, ସସ୍ମିତା ପଣ୍ଡା, ଗାଲାକ୍ସି ପ୍ରଧାନ, ଶୁଭଦୀପ୍ତ ପାତ୍ର, ଜୟନ୍ତ କୁମାର ମଲ୍ଲିକ, ବିଶ୍ୱରଞ୍ଜନ ଦାନ, ଅରୁଣ କୁମାର ବିଶ୍ୱାଳ ପ୍ରମୁଖ ଶୃଙ୍ଖଳିତ ଭାବେ ପରିଚାଳନା କରିଥିଲେ। ଅବସରପ୍ରାପ୍ତ ଶାରିରୀକ ଶିକ୍ଷକ ବାନାମ୍ବର ଜେନା ଉପସ୍ଥିତ ରହି ସମସ୍ତଙ୍କୁ ପ୍ରୋତ୍ସାହିତ କରିଥିଲେ।

# ଛାତ୍ର ସଂସଦ ନିର୍ବାଚନ ନେଇ ତୁମୁଳକାଣ୍ଡ

# ଯୁବକଙ୍କୁ ବନ୍ଧୁକ ଦେଖାଇ ଆକ୍ରମଣ ଉଦ୍ୟମ, ଥାନାରେ ଅଭିଯୋଗ

ରାଜନଗର, ୧୧।୧୦; ରାଜନଗର ବ୍ଲକ ସାନବଡଗୋପାଳପୁର ପଂଚାୟତ ଗର୍ଜନପୁର (ଗୋସିଗାଁ) ଗ୍ରାମର କ୍ଷୀରୋଦକୁମାର ରାଉତ ରବିବାର ସକାଳ ପ୍ରାୟ ସାଢେ ୭ଟା ସମୟରେ ଦୋକାନକୁ ଆସୁଥିଲେ । ତାଙ୍କ ଜଣେ ଯୁବକ ବନ୍ଧୁକ ଦେଖାଇ ମାରିଦେବାକୁ ଉଦ୍ୟମ କରିବା ନେଇ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଅନୁଯାୟୀ, ୧୦ତାରିଖ ଶନିବାର ଦିନ ଯୁକେ ମହାବୀର ମହାବିଦ୍ୟାଳୟ ମଦନପୁରର ଆହତ ଛାତ୍ର ନେତା ଦୀପଙ୍କର ରାଉତଙ୍କୁ କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜନଗର ଥାନା ଭାରପ୍ରାପ୍ତ ଅଧିକାରୀ ରତିରଂଜନ ନାୟକ ନିର୍ଦ୍ଦେଶରେ ନେଇ ଯାଇଥିଲେ । ଦୀପଙ୍କର ଚିକିତ୍ସିତ ହେଉଥିବା ବେଳେ ସେଠାରେ ରାଜନଗର ବ୍ଲକ ବନ୍ଧପଡା ପଂଚାୟତ ସନ୍ଥପଡା ଗ୍ରାମର ଅବିନାଶ ରାଉତ(ବିଟୁ) ପହଂଚି ଅଚାନକ ଚାବି କଡାରେ ଲାଗିଥିବା ଚେନ କିମ୍ବା ମୋବାଇଲ ଦ୍ୱାରା ତାଙ୍କ ମୁଣ୍ଡକୁ ପିଟି ଦେବାରୁ ମୁଣ୍ଡ ଫାଟି ଯାଇଥିଲା । ସେ ସେଠାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ । ପରଦିନ ୧୧ତାରିଖ ରବିବାର ସକାଳ ସାଢେ ୭ଟା ସମୟରେ ସେ ଦୋକାନକୁ ଆସୁଥିବା ସମୟରେ ରାଜନଗର-ପଟ୍ଟାମୁଣ୍ଡାଇ ରାସ୍ତାର ଗୋସିଗାଁ ଛକରେ ଅବିନାଶ ପହଂଚି ତାଙ୍କୁ ବନ୍ଧୁକ ଦେଖାଇ ମାରିବାକୁ ଉଦ୍ୟମ କରିଥିଲେ । କ୍ଷୀରୋଦ ଜୀବନ ବିକଳରେ ଚିତ୍କାର କରି ଦୌଡି ପଳାଇ ଯାଇଥିଲେ । ତାଙ୍କର ଚିତ୍କାର ଶୁଣି ଗାଁ ଲୋକେ ଆସିବାରୁ ଅବିନାଶ ନୁରୁଗାଁ ରାସ୍ତା ଦେଇ ପଳାଇ ଯାଇଥିଲେ । ତାଙ୍କ ଜୀବନ ପ୍ରତି ବିପଦ ଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି । ଅପରପକ୍ଷରେ ଏନେଇ ଅବିନାଶଙ୍କ ପ୍ରତିକ୍ରିୟା ଜାଣିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇନଥିଲା । ଆଇଆଇସି ରତିରଂଜନ ନାୟକଙ୍କୁ ପଚାରିବାରୁ ଖବର ଲେଖା ହେବା ଯାଏ ତାଙ୍କ ପାଖକୁ କୌଣସି ଅଭିଯୋଗ ଆସିନଥିବା କହିଛନ୍ତି । ଏନେଇ କ୍ଷୀରୋଦଙ୍କୁ ପଚାରିବାରୁ ମୁଁ ଥାନାକୁ ଯାଇ ଡିସିଓ ଦାୟିତ୍ୱରେ ଥିବା ମାମି ମାଡାମଙ୍କୁ ପୂର୍ବାହ୍ନରେ ଅଭିଯୋଗପତ୍ର ଦେଇଥିବା କହିଛନ୍ତି ।

# ମା' ଦୁର୍ଗାଙ୍କ ନବଦିନାତ୍ମକ ପୂଜା ଆରମ୍ଭ

# କଳସ ଯାତ୍ରାରେ ସାମିଲ ହେଲେ ଶହ ଶହ ମହିଳା

ଧର୍ମଗଡ଼, ୧୧।୧୦(ନି ସୂ) ଧର୍ମଗଡ଼ ସହରର ଶକ୍ତି ମଣ୍ଡପ ଓ ବସ୍ତିପଡ଼ା ସ୍ଥିତ ପୂଜା ମଣ୍ଡପରେ ମା' ଦୁର୍ଗାଙ୍କ ନବଦିନାତ୍ମକ ପୂଜା ଆରମ୍ଭ ହୋଇଛି । ଏହି ଅବସରରେ ଗତକାଲି ସନ୍ଧ୍ୟାରେ ଆୟୋଜିତ କଳସ ଯାତ୍ରାରେ ଶହ ଶହ ମହିଳା ସାମିଲ ହୋଇଥିଲେ ।ମହିଳାମାନେ ଧର୍ମଗଡ଼ର ତିନି ଛକ ନିକଟସ୍ଥ ପୋଖରୀରୁ ପବିତ୍ର ଜଳ ଭର୍ତ୍ତି କଳସ ଧାରଣ କରି ଶୋଭାଯାତ୍ରାରେ ପୂଜା ମଣ୍ଡପରେ ପହଞ୍ଚିଥିଲେ । ଏହାଦ୍ୱାରା ସମଗ୍ର ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ନବଦିନାତ୍ମକ ପୂଜା



ଅବସରରେ ମା' ଦୁର୍ଗାଙ୍କ ନବଦୁର୍ଗା ସ୍ୱରୂପ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୂଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀଙ୍କୁ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯିବ । ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ରାତିରେ ନାଟକ, ମେଲୋଡି ସହ ବିଭିନ୍ନ ସାଂସ୍କୃତିକ ଓ ମନୋରଞ୍ଜନମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଏହାକୁ ନେଇ ଧର୍ମଗଡ଼ ଅଞ୍ଚଳରେ ଭକ୍ତି ଓ ଉତ୍ସାହର ପରିବେଶ ଦେଖିବାକୁ ମିଳିଛି ।

# ବନ୍ତ କଲେଜ ଛାତ୍ର ସଂସଦ ନିର୍ବାଚନ

# ମୁଖ୍ୟ ଲଢ଼େଇରେ ବିସିଜେଡି ଓ ଏନ୍‌ଏସ୍‌ୟୁଆଇ, ଏବିଭିପିକୁ ଝଟ୍‌କା !

**ବନ୍ତ, ୧୧।୧୦ (ନି.ସୂ):** ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନକୁ ନେଇ କଲେଜ ପରିସରରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇଛି। ନିର୍ବାଚନୀ ମଇଦାନରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି), ନ୍ୟାସନାଲ ଷ୍ଟୁଡେଣ୍ଟସ୍ ୟୁନିଅନ୍ ଅଫ୍ ଇଣ୍ଡିଆ (ଏନ୍‌ଏସ୍‌ୟୁଆଇ) ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି । ବିସିଜେଡି ସମର୍ଥିତ ସଭାପତି ପ୍ରାର୍ଥିନୀ ଦେବଜାନୀ ନାୟକ ଏବଂ ସାଧାରଣ ସମ୍ପାଦିକା ପ୍ରାର୍ଥିନୀ ରତୁରାଣୀ ଜେନାଙ୍କ ସମେତ ଅନ୍ୟ ପ୍ରାର୍ଥୀମାନେ ନିଜ ନିଜ ପକ୍ଷରେ ସମର୍ଥନ ଯୋଗାଡ଼ କରୁଛନ୍ତି। ସେମାନଙ୍କର ଶାନ୍ତ, ସରଳ ସ୍ୱଭାବ ଏବଂ ସହପାଠୀଙ୍କ ସହ ଉତ୍ତମ ସମ୍ପର୍କକୁ ନେଇ ସମର୍ଥକମାନେ ଆଶାବାଦୀ ଅଛନ୍ତି । ତେବେ ନିର୍ବାଚନର ଅନ୍ତିମ ଫଳାଫଳ ମତଦାନ ଓ ଭୋଟ୍ ଗଣତି ପରେ ହିଁ ସ୍ପଷ୍ଟ ହେବ । ଅନ୍ୟପକ୍ଷରେ, ଏନ୍‌ଏସ୍‌ୟୁଆଇ ମଧ୍ୟ ନିଜର ପ୍ରଚାର ଅଭିଯାନ ଆରମ୍ଭ କରିଛି। ବିଶେଷକରି ସାଧାରଣ ସମ୍ପାଦକ ପଦବୀ ପାଇଁ ବିସିଜେଡି ଓ ଏନ୍ ?ଏସ୍ ?ୟୁଆଇ ମଧ୍ୟରେ ପ୍ରତିଦ୍ୱନ୍ଦିତା ହେବା ନେଇ ଚର୍ଚ୍ଚା ଚାଲିଛି ।ଏହି ନିର୍ବାଚନରେ ଏବିଭିପିକୁ ପ୍ରାରମ୍ଭିକ ଝଟ୍ ?କା ଲାଗିଥିବା ଆଲୋଚନା ହେଉଛି । ଏବିଭିପି ସମର୍ଥିତ ସାଧାରଣ ସମ୍ପାଦକ ପ୍ରାର୍ଥୀଙ୍କ ପ୍ରାର୍ଥିପତ୍ର ନାକଚ ହୋଇଥିବା ସୂଚନା ମିଳିଛି । ଫଳରେ ଏବିଭିପିର ପ୍ରତିନିଧିତ୍ୱକୁ ନେଇ ପ୍ରଶ୍ନ ଉଠିଛି । ଏହା ସହିତ ଏବିଭିପି ସମର୍ଥକ ସୋମ୍ୟଶ୍ରୀଙ୍କୁ ନ୍ୟାୟ ମିଳିବା ପ୍ରସଙ୍ଗ ମଧ୍ୟ ଚର୍ଚ୍ଚାରେ ରହିଛି । ସୋମ୍ୟଶ୍ରୀଙ୍କ ସହ ଜଡ଼ିତ ଘଟଣାରେ ନ୍ୟାୟ ଓ ଉଚିତ ପଦକ୍ଷେପ ଦାବି ଉଠିଥିବା ବେଳେ କାହିଁକି ଏବିଭିପି ନେତୃତ୍ୱମାନେ ଚୁପ୍ ବସିଛନ୍ତି,ସରକାରଙ୍କ ଶୀତଳ କାର୍ଯ୍ୟାନୁଷ୍ଠାନ ଏବିଭିପି ପରାଜୟର ମୂଖ୍ୟ କାରଣ ହୋଇପାରେ ଓ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ମଧ୍ୟ ନିର୍ବାଚନୀ ଆଲୋଚନା ଜୋର ଧରିଛି । ବିଜେଡି ସରକାର ସମୟରେ କଲେଜରେ କୋଟି କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଏବଂ ୫-ଟି ଅଧୀନରେ କାମ ହୋଇଅଛି । କଲେଜକୁ ରୂପାନ୍ତରୀଣ କରିବାରେ ବିସିଜେଡି ସମର୍ଥକ ଏବଂ ବିଜୁ ଜନତାଦଳର ପ୍ରମୁଖ ଭୂମିକା ରହିଅଛି ଓ କଲେଜର ପୂର୍ବ ଛାତ୍ର ସଂସଦ ନିର୍ବାଚନଗୁଡ଼ିକରେ ବିସିଜେଡି ବାଜିମାତ କରିଥିବା ନେଇ ଏହାର ସମର୍ଥକମାନେ ଦାବି କରୁଛନ୍ତି । ଚଳିତ ନିର୍ବାଚନରେ ମଧ୍ୟ ଦଳର ପ୍ରାର୍ଥୀମାନେ ନିଜ ସମର୍ଥନକୁ ମତରେ ପରିଣତ କରିବାକୁ ଉଦ୍ୟମ ଚଳାଇଛନ୍ତି । ଅନ୍ୟପଟେ ଏନ୍ ?ଏସ୍ ?ୟୁଆଇ ନିଜର ପ୍ରଚାର ଆରମ୍ଭ କରିଅଛି ଓ ଏଭିବିପି ପାର୍ଥୀ ମାନଙ୍କ ପ୍ରଚାର ପ୍ରସାର ବହୁ ପଛରେଅଛି ଓ ମୋଟାମୋଟି ଭାବେ,ବନ୍ତ କଲେଜ ଛାତ୍ର ସଂସଦ ନିର୍ବାଚନରେ ପ୍ରାର୍ଥିପତ୍ର ନାକଚ,ସୋମ୍ୟଶ୍ରୀଙ୍କୁ ନ୍ୟାୟ ମିଳିବା ପ୍ରସଙ୍ଗ,କଲେଜର ଉନ୍ନୟନମୂଳକ କାର୍ଯ୍ୟ ଏବଂ ଛାତ୍ରଛାତ୍ରୀଙ୍କ ସମସ୍ୟା ଏବେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି । ଆଗାମୀ ଦିନରେ କେଉଁ ସଂଗଠନ ଛାତ୍ରଛାତ୍ରୀଙ୍କ ଅଧିକ ସମର୍ଥନ ହାସଲ କରିବ,ତାହା ନିର୍ବାଚନ ଫଳାଫଳରୁ ଜଣାପଡ଼ିବ ଓ



**ସୋମ୍ୟଶ୍ରୀଙ୍କୁ ନ୍ୟାୟ ମିଳିବା ପ୍ରସଙ୍ଗ ଉଠାଇଲା ବିସିଜେଡି**

# ସମ୍ବିଧାନ ଦିବସ ପାଳନ ପାଇ ପ୍ରସ୍ତୁତି ବୈଠକ

ରାଜନଗର, ୧୧।୧୦: ରାଜନଗର ବ୍ଲକ ସାନବଡ ଗୋପାଳପୁରସ୍ଥିତ ଡାକବଙ୍ଗଳା ଠାରେ ଜିଲ୍ଲା ଏସ୍.ସି ଓ ଏସ୍.ଟି ମହାସଂଘ, କେନ୍ଦ୍ରାପଡା ତଥା ରାଜନଗର ବ୍ଲକ୍ ଦଳିତ ସଂଗଠନ ମିଳିତ ଆନୁକୁଲ୍ୟରେ ନଭେମ୍ବର ୨୬ ସମ୍ବିଧାନ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଏସ୍.ସି ଓ ଏସ୍.ଟି ମହାସଂଘ ର ସଭାପତି ବସନ୍ତ କୁମାର ସେଠୀ ସଭାପତିତ୍ୱରେ ଆୟୋଜିତ ବୈଠକରେ ମହାସଂଘର ଉପ-ସଭାନେତ୍ରୀ ମାମି ସେଠୀ ,ପବ୍ଲିସିଟି ସଂପାଦକ ଅନିରୁଦ୍ଧ ସେଠୀ,ଜିଲ୍ଲା ଭୀମ ଆର୍ମି ସଭାପତି ନଗେନ୍ଦ୍ର ଯେନା,ରାଜନଗର ବ୍ଲକ୍ ଆମ୍ବେଦକର ଲୋହିଆ ବିଚାର ମଂଚ ସଭାପତି, ବାମନ ଚରଣ ଯେନା, ଅଲ୍ ଓଡିଶା କଲ୍ୟାଣ ପରିଷଦ ସଭାପତି, ରାଜକିଶୋର ମୁଦୁଲି , ପଟ୍ଟାମୁଣ୍ଡାଇ ବ୍ଲକ୍ ଆମ୍ବେଦକର ଲୋହିଆ ବିଚାର ମଂଚ ସଂପାଦକ ଈଶ୍ୱର ଚନ୍ଦ୍ର ମଲିକ ,ପ୍ରଶାନ୍ତ କୁମାର ଯେନା,ବିରଞ୍ଚି ସେଠୀ, ଜ୍ୟୋତିରଞ୍ଜନ ସେଠୀ,ସୁରଥ ସେଠୀ,ଆଲୋକ ସେଠୀ,ଅଶୋକ ମଲିକ ଓ ଅମୁଲ୍ୟ ସେଠୀ ପ୍ରମୁଖ ଉପସ୍ଥିତ ହୋଇ ସମ୍ବିଧାନ ଦିବସ ପାଳନ ଧୁମ୍ ଧାମରେ କରାଯିବାକୁ ସହମତି ପ୍ରଦାନ କରିଥିଲେ ।

# ଧର୍ମଗଡ଼ରେ ଦୁଇ ଦିନ ଧରି ପାନୀୟ ଜଳ ସଙ୍କଟ

## ମେଗା ପ୍ରକଳ୍ପ ସତ୍ତ୍ୱେ ଜଳକଷ୍ଟ
## ପ୍ରଶାସନର ଦାୟିତ୍ୱବୋଧ ଉପରେ ପ୍ରଶ୍ନ

ଧର୍ମଗଡ଼, ୧୧।୧୦(ନି ସୂ) ଧର୍ମଗଡ଼ ଏନ୍‌ଏସିରେ ଦୁଇ ଦିନ ଧରି ପାନୀୟ ଜଳ ଯୋଗାଣ ବନ୍ଦ ରହିବାରୁ ସହରବାସୀ ଗୁରୁତର ଜଳକଷ୍ଟର ସମ୍ମୁଖୀନ ହୋଇଛନ୍ତି। ୧୪ଟି ୱାର୍ଡରେ ଜଳଯୋଗାଣ ବ୍ୟାହତ ହୋଇଥିବାବେଳେ ୨,୩,୬,୧୩ ଓ ୧୪ ନମ୍ବର ୱାର୍ଡର ସ୍ଥିତି ଅଧିକ ଦୟନୀୟ ହୋଇପଡ଼ିଛି। ବିଶେଷକରି ୨ ନମ୍ବର ୱାର୍ଡରେ ନଳକୂପ ନଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଛି। ବିଭାଗୀୟ ଯନ୍ତ୍ରୀଙ୍କ ସୂଚନା ଅନୁସାରେ, ଲଘୁଚାପଜନିତ ବର୍ଷା ଓ ତେଲ ନଦୀରେ ବନ୍ୟା ଯୋଗୁଁ ଛିଲିପାସ୍ଥିତ ଇଣ୍ଟେକ୍ ? ୱେଲ୍ ?ରେ ବାଲି ଜମିଥିବାରୁ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ଅନ୍ୟପକ୍ଷରେ, ପ୍ରାୟ ୩୫ କୋଟି ଟଙ୍କାର ମେଗା ପାନୀୟ ଜଳ ପ୍ରକଳ୍ପ ଥାଇ ମଧ୍ୟ ଲୋକଙ୍କୁ ପାଣି ପାଇଁ ହଇରାଣ ହେବାକୁ ପଡୁଥିବାରୁ ପ୍ରଶାସନର ପୂର୍ବପ୍ରସ୍ତୁତି ଓ ଦାୟିତ୍ୱବୋଧ ଉପରେ ପ୍ରଶ୍ନ ଉଠିଛି। ଜଳଯୋଗାଣ ବନ୍ଦ ସମୟରେ ଟ୍ୟାଙ୍କର ଯୋଗେ ବିକଳ୍ପ ବ୍ୟବସ୍ଥା କରିବା ସହ ତୁରନ୍ତ ଜଳଯୋଗାଣ ସ୍ୱାଭାବିକ କରିବାକୁ ସହରବାସୀ ଦାବି କରିଛନ୍ତି।ପାନୀୟ ଜଳ ଲୋକଙ୍କ ମୌଳିକ ଅଧିକାର। ତେଣୁ ଏହି ସମସ୍ୟାର ସ୍ଥାୟୀ ସମାଧାନ ସହ ଦାୟିତ୍ୱହୀନତା ପାଇଁ ଉତ୍ତରଦାୟିତ୍ୱ ସ୍ଥିର କରିବା ଜରୁରୀ ହୋଇପଡ଼ିଛି।

# ପେଣ୍ଠ ଗ୍ରାମର ଏକ ପୋଖରୀରୁ ମାଈ କୁମ୍ଭୀର ଉଦ୍ଧାର

ରାଜନଗର, ୧୧।୧୦: ରାଜନଗର ବ୍ଲକ ହାତିନା ପଞ୍ଚାୟତ ପେଣ୍ଠ ଗ୍ରାମର ଏକ ପୋଖରୀରୁ ଏକ ମାଈ କୁମ୍ଭୀରକୁ ବନ ବିଭାଗ କର୍ମଚାରୀମାନେ ଉଦ୍ଧାର କରିଛନ୍ତି ।ପୋଖରୀରେ କୁମ୍ଭୀର ଥିବା ଦେଖିବା ପରେ ଗ୍ରାମବାସୀ ବନ କର୍ମଚାରୀଙ୍କୁ ଜଣାଇ ଥିଲେ ।ଖବର ପାଇ ବନପାଳ ରାକେଶ ମହାନ୍ତି, ବନରକ୍ଷୀ ସବିତା ବେହେରା ଓ ଅନ୍ୟ କର୍ମଚାରୀ ମାନେ ପହଞ୍ଚି ଏକ ୬ଫୁଟ ୭ଇଞ୍ଚ ଲମ୍ବର ମାଈ କୁମ୍ଭୀରକୁ ଧରିଥିଲେ ।ଉକ୍ତ କୁମ୍ଭୀରକୁ କୃଷ୍ଣପ୍ରୀୟାପୁର ନିକଟ ଜାତୀୟ ଉଦ୍ୟାନ ଅନ୍ତର୍ଗତ ବାଉଁଶଗଡ ନଦୀରେ ଛାଡିଥିଲେ ।

# ଭୋଟକା ପଞ୍ଚାୟତରେ ଜନ ଆରୋଗ୍ୟ ସମିତି ବୈଠକ

## ସମିତି ଅନୁଦାନ ଅର୍ଥ ବିନିଯୋଗର ସମୀକ୍ଷା
## ବ୍ୟୟରେ ହୋଇଥିବା ତ୍ରୁଟି ବିଚ୍ୟୁତିକୁ ସୁଧାରିବାକୁ ପରାମର୍ଶ

**ରସୁଲପୁର, ୧୧।୧୦ (ନି,ସୂ )** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଂଚାୟତ ଅଧିନସ୍ଥ ବଡରମ୍ପେଇ ଉପ-ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ ଜନ ଆରୋଗ୍ୟ ସମିତି ବୈଠକ ସ୍ଥାନୀୟ ସରପଂଚ ସ୍ମୃତିରେଖା ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ମଧୁବନ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୁଷ ଡାକ୍ତର ସଂଘମିତ୍ରା ଦାଶ, ବ୍ଲକ ପ୍ରୋଗ୍ରାମ ମାନେଜର ନିବେଦିତା ନାୟକ ପ୍ରମୁଖ ଯୋଗଦେଇ ମା ଓ ଶିଶୁମାନଙ୍କ ସୁରକ୍ଷା, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେବା, ସଂକ୍ରାମକ ରୋଗ ଆଦିର ନିରାକରଣ, ସ୍ୱାସ୍ଥ୍ୟଗତ ବିଭିନ୍ନ ସମସ୍ୟାକୁ ନେଇ ଜନ ସଚେତନତା ସୃଷ୍ଟି କରାଇବା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋକପାତ କରିଥିଲେ । ଅଙ୍ଗନୱାଡି, ଆଶାକର୍ମୀମାନେ ସେବାମନୋଭାବ ନେଇ କାର୍ଯ୍ୟ କରିବା ସହ ଜନସାଧାରଣଙ୍କୁ ସେମାନଙ୍କ ସ୍ୱାସ୍ଥ୍ୟର ଦାଇତ୍ୱ ସଂପର୍କରେ ଅବଗତ କରାଇବା ସମୟରେ ଧର୍ଯ୍ୟ ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ରଂଜିତା ଦାଶ ବୈଠକର ଉଦେଶ୍ୟ ସଂପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ୨୦୨୩-୨୪,୨୪-୨୫ ଓ ୨୫-୨୬ ଆର୍ଥିକ ବର୍ଷରେ ସମିତି ଜମାଖାତାକୁ ଆସିଥିବା ଅନୁଦାନ ଅର୍ଥ ବ୍ୟୟ କରାଯାଇ କ୍ରୟକରାଯାଇଥିବା ଆବଶ୍ୟକୀୟ ସାମଗ୍ରୀ ଓ ସେ ଦିଗରେ ଉପଲବ୍ଧ ଥିବା ଭାଉଚର, କ୍ୟାସ୍ ?ବୁକ୍ ?, ଷ୍ଟକ ରେଜିଷ୍ଟର ଆଦିକୁ ଯାଂଚ କରାଯାଇ ବୈଠକରେ ଉପସ୍ଥାପନ କରାଯାଇ ସମୀକ୍ଷା କରାଯାଇଥିଲା । ଯାଂଚ ବେଳେ ବିଭିନ୍ନ ଫାଇଲ ଓ କାଗଜାଦ୍ ?ରେ ନଜରକୁ ଆସିଥିବା ତ୍ରୁଟିବିଚ୍ୟୁତିକୁ ସଂଶୋଧନ କରିବା ପାଇଁ ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀମତୀ ଦାଶଙ୍କୁ ପରାମର୍ଶ ଦିଆଯାଇଥିଲା । ଏହାଛଡା ବୈଠକରେ ଆଲୋଚନା ହେଉଥିବା ବିଷୟବସ୍ତୁକୁ ନେଇ ଲେଖାଯାଉଥିବା ରିଜୋଲ୍ୟୁସନର ନକଲ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା, ଅନୁଦାନକୁ ନେଇ କରାଯାଉଥିବା ବ୍ୟୟବରାଦର ପ୍ରତ୍ୟେକ ବିବରଣୀ ରିଜୋଲ୍ୟୁସନ ଖାତାରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯିବା ସହ ତାହା ବୈଠକରେ ଅନୁମୋଦନ କରାଯିବା ପରେ ବ୍ୟୟ କରିବାକୁ ବିପିଏମ ଶ୍ରୀମତୀ ନାୟକ ମତ ଦେଇଥିଲେ । ଏହାଛଡା ପ୍ରତ୍ୟେକ ମାସରେ କ୍ୟାସବୁକ୍ ଅପଡେଟ୍ କରିବା ସହ ସଭାପତିଙ୍କ ଦ୍ୱାରା ଯାଂଚ କରାଯାଇ ଦସ୍ତଖତ କରାଇବାକୁ ପରାମର୍ଶ ଦିଆଯାଇଥିଲା । ଏଠାରେ ଆୟୋଜିତ ବୈଠକରେ ଅଙ୍ଗନୱାଡି କର୍ମୀ ନିରୁପମା କର, ସୁମିତ୍ରା ବିହାରୀ, ରଶ୍ମିତା ସାହୁ, ସଂଯୁକ୍ତା ସ୍ୱାଇଁ, ସବିତା ସାହୁ, ଶାନ୍ତିଲତା ପଣ୍ଡା, ଦେବସ୍ମିତା ପରିଡା, ୱାର୍ଡସଭ୍ୟ ଶ୍ୟାମସୁନ୍ଦର ସାହୁ, ସଦାନନ୍ଦ ପଣ୍ଡା, ସୁକାନ୍ତି ସାହୁ, ଆଶା ମମତା ମହାନ୍ତି, ଶାନ୍ତିଲତା ଦାସ, ବାସନ୍ତି ଦାସ, ସୁଲୋଚନା ଦାସ, ଶ୍ରଦ୍ଧାଞ୍ଜଳି ପାଣି, ମନସା ମଲିକ, ହିରଣ୍ମୟୀ ରାଉଳ, ଜିପିଏଲଏଫର ସଭାନେତ୍ରୀ ସଂଘୁଲତା ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଗୋପିନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।




# ପୋଡ଼ାମାରୀ ଗ୍ରାମ ପଞ୍ଚାୟତରେ ୧୭ତମ ରକ୍ତ ଦାନ ଶିବିର

## ୧୧୨ ୟୁନିଟ୍ ରକ୍ତ ସଂଗ୍ରହ

ସାନଖେମୁଣ୍ଡି, ୧୧।୧୦ (ନି ସୂ ):ଅଜି ପୋଡ଼ାମାରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ କଲ୍ୟାଣ ମଣ୍ଡପ ଠାରେ ସ୍ୱରନ୍ୟା ଫାଉନଡେସନ , କଳିଙ୍ଗପୁଅ ଚାରେଟେବୁଲ ଟ୍ରଷ୍ଟ ଓ ଆମ ଓଡ଼ିଶା ର ମିଳିତ ସହଯୋଗ ରେ ରେ ୧୭ତମ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ସନ୍ତୋଷ କୁମାର ବିଷୋୟୀ, ସମିତି ସଭ୍ୟ ପ୍ରତିନିଧି ଶ୍ରୀ କ୍ରୁ ରାମେଶ୍ୱର ପାତ୍ର, ବରିଷ୍ଠ ଆଇନଜୀବି ଚନ୍ଦ୍ରଦ୍ୱଜ ସିଂ, ବରିଷ୍ଠ ଆଇନଜୀବି ହର ପ୍ରସାଦ ରଥ, ସମସ୍ତ ୱାର୍ଡ ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ, ସରପଞ୍ଚ, ସମିତି ସଭ୍ୟ ପ୍ରତିନିଧିଙ୍କ ମିଳିତ ପ୍ରଚେଷ୍ଟାରେ ୧୫୦ ଜଣ ସ୍ୱେଚ୍ଛସେବୀ ରକ୍ତ ଦାନ ନିମନ୍ତେ ଶିବିରକୁ ଆସିଥିଲେ ସେଥିମଧ୍ୟରୁ ୧୧୨ ୟୁନିଟ୍ ରକ୍ତ , ବ୍ରହ୍ମପୁର ଗଜଉଏ ରକ୍ତ ଭଣ୍ଡାରର ଅଧିକାରୀ ମାନେ ସଂଗ୍ରହ କରିଲେ , ୪ଜଣ ମହିଳା ଓ ଜଣେ ଦମ୍ପତ୍ତି ରକ୍ତ ଦାନ କରିଥିଲା, ଶ୍ୱରନ୍ୟା ଫାଉନଡେସନର ସଭାପତି ତଥା ପୋଡ଼ାମାରୀ ସରପଞ୍ଚ ଙ୍କ ମଝିଆ ଭାଇଙ୍କ ଝିଅ ର ପ୍ରଥମ ବାର୍ଷିକୋତ୍ସବ ପାଶ୍ଚାତ ପ୍ରଥା କୁ ଛାଡି ଏହୀ ରକ୍ତ ଦାନ ଶିବିର ମାଧ୍ୟମରେ ପାଳନ କରିଥିଲେ ।ଅଶ୍ୱିନୀ ବିଷୋୟୀ, କବିରାଜ ବେହେରା, କାଳୀ ଚରଣ ବିଷୋୟୀ, ସମୀର ଦାସ, ଯୋଗେନ୍ଦ୍ର ଦାସ, ରବୀନ୍ଦ୍ର ଦାସ, ସନିଆ ବାଡ଼ତ୍ୟା, ଶିବ ଶଙ୍କର ପାତ୍ର, ନିକୁ ଗୌଡ଼,ନାରାୟଣ ବିଷୋୟୀ, ସଂଜୀବ କୁମାର ବିଷୋୟୀ, ଅନିଲ ଗୌଡ଼, ସାଗର ଦାସ, ପିଣ୍ଟୁ ଗୌଡ଼,ପ୍ରଶାନ୍ତ ପାତ୍ର, ପିଣ୍ଟୁ ବିଷୋୟୀ, ଶ୍ରୀଧର ଗୌଡ଼, ରାମକୃଷ୍ଣ ପ୍ରଧାନ, ସୁଶାନ୍ତ ବେହେରା, ରଥମଣୀ ପାତ୍ର, ସନ୍ତୁନୁ କୁମାର ସେଠି,ସୀମାରାଣୀ ପାଢ଼ୀ, ପପୁ ଦାସ, ମଣ୍ଟୁ ପାଢ଼ୀ, ପପୁ ପ୍ରକାଶ ସାହୁ, ଆଦିତ୍ୟ ତ୍ରିପାଠୀ, ବିକ୍ରମ ଗୌଡ଼, ହେମନ୍ତ କୁମାର ପ୍ରଧାନ, ଶୁଭମ ପାତ୍ର, ଉପେନ୍ଦ୍ର କୁମାର ବିଷୋୟୀ, କୃଷ୍ଣ ନାୟକ, ସୂର୍ଯ୍ୟକାନ୍ତ ନାୟକ, ଶୁଭମ ବେହେରା, ଅନନ୍ତ ବେହେରା, ଆନନ୍ଦ ବେହେରା, କୁନା ବେହେରା, ରଞ୍ଜନ ଗୌଡ଼, ଗୋବିନ୍ଦ ନାୟକ, ଓମ କାର ମହାପାତ୍ର, ସିମାଞ୍ଚଳ ବିଷୋୟୀ, ମଣ୍ଟୁ ପାତ୍ର, ରଜତ ପଟ୍ଟନାୟକ, ଜୀବନ ଯାନୀ, ଶକ୍ତି ବିଷୋୟୀ, ଉଆଳି ଦାସ, ବାଦଲ ବିଷୋୟୀ, ପପୁ ବାଡତ୍ୟା, ଶିଶିର ବାଡତ୍ୟା ବିକ୍ରମ ସାବତ, ଶିବ ପାତ୍ର, ସୋନୁ ଗୌଡ଼, ବଳରାମ ସାହୁ, ପପୁନ ସେଠି, ସାଗର ପ୍ରଧାନ, ବାବୁଲା ବେହେରା, ଗଣେଶ ବେହେରା, ଅଶ୍ୱିନୀ ଗୌଡ, କ୍ରୁ. ବଦ୍ରୀନାଥ ପାତ୍ର, ରାଉତ ମୁନା, ଊ. ଶୁଭମ ଦୋରା, ରଞ୍ଜନ ସାହୁ, ପ୍ରଶାନ୍ତ ପ୍ରଧାନ, ଶିବ ଶଙ୍କର ଶାସମଲ, ଶିବାନନ୍ଦ ସେଠି, ସାଗର ଦାସ, ଭଗବାନ ସାହୁ, ଟୁନା ସାହୁ, ସନିଆ ବାଡତ୍ୟା, ପୀତବାସ ମଲିକ, କ୍ରୁ. ପ୍ରହଲ୍ଲାଦ ରେଡି, ବାବୁଲା ପାତ୍ର, ସିନ୍ଧୁ ନାୟକ, କବି ବିଷୋୟୀ, ଅତଲୁ ପ୍ରଧାନ, ପ୍ରକାଶ ଦଣ୍ଡ ସେନ, ମିଥୁନ ବେହେରା, ଖଲିଆ ବାଡତ୍ୟା, ଚେରୁ ଗୌଡ଼, ବଳରାମ ପ୍ରଧାନ, ମୁନା ନାୟକ, ରାଜେଶ ମହାନ୍ତି, ଅମୀୟ କୁମାର ଡାକୁଆ, ଚିନୁ ଗୌଡ଼, ସନ୍ତୋଷ କୁମାର ବିଷୋୟୀ, କାମେଶ୍ୱର ନାୟକ, ସଞ୍ଜୟ ଗୌଡ଼, କାର୍ତିକ ବେହେରା, ନିରୋଦ ଚନ୍ଦ୍ର ଗୌଡ଼, ଇ. ସିକୁନ ଦୋରା, ଶ୍ରୀନିବାସ ପାତ୍ର, ସ୍ନେହଲତା ମହାପାତ୍ର, ମଧୁସୂଦନ ମହାପାତ୍ର, ତୋଫାନ ମହାନ୍ତି, ରାଜେଶ ସାହୁ, କୃଷ୍ଣ ପାତ୍ର, କୃଷ୍ଣ ରାଉଳ, ର. ମୁନା ଦୋରା, ବଳରାମ ନାୟକ, ଅଜୟ କୁମାର ନାୟକ, ଚନ୍ଦନ ଡାକୁଆ, ସାଗର ଗୌଡ଼, ସନ୍ତୋଷ ବିଷୋୟୀ, ସାଗର ଗୌଡ଼, ସନ୍ତୋଷ କୁମାର ବିଷୋୟୀ, ଜିତୁ ଗୌଡ଼, ରଞ୍ଜନ ଗୌଡ଼, ଶିବ ଶଙ୍କର ଗୌଡ଼, ସୁନୀଲ ଗୌଡ଼, ରବୀନ୍ଦ୍ର ନାୟକ, ବଳିଆ ଗୌଡ଼, ସସ୍ମିତ ଗୌଡ଼, ଶିବ ରାମ ପ୍ରଧାନ, ନିରଞ୍ଜନ ପ୍ରଧାନ, ଅଚ୍ୟୁତାନନ୍ଦ ପରିଡା, ବୃନ୍ଦାବନ ନାୟକ, ଜଟିଆ ପ୍ରଧାନ, ଶିବରାମ ମଲ୍ଲିକ୍, କ୍ରିଷ୍ଣା ଗୌଡ଼, ଗୁଡୁ ପଣ୍ଡା, ରବି ଦୋରା ଓ ଅନ୍ୟାନ୍ୟ।



# କନ୍ଧମାଳରେ ହେବ ଗଞ୍ଜେଇ ଲୁପ୍ତ

## ମାଫିଆଙ୍କ ମନରେ ଛନକା, ଗଞ୍ଜେଇ ଚାଷୀ ନିରୁପାୟ

କନ୍ଧମାଳ ୧୧/୧୦(ନି.ସୂ) : କନ୍ଧମାଳରେ ଆଇଜିଙ୍କ ଅପରେସନ ଗଞ୍ଜେଇ ଲୁପ୍ତ ପାଇଁ ଆକ୍ସନ ମୁଡରେ ଏବେ କନ୍ଧମାଳ ଏସପି ସହିତ କନ୍ଧମାଳ ପୋଲିସ । ୨୦୨୭ ମାର୍ଚ୍ଚ ୩୦ ସୁଦ୍ଧା ଗଞ୍ଜେଇ ମୁକ୍ତ କରିବା ଲକ୍ଷ୍ୟରେ ଆଇଜି ଆଇପିଏସ୍ ହିମାଂଶୁ ଶେଖର ଲାଲ ସମେତ କନ୍ଧମାଳ ପୋଲିସର ଅପରେସନ ଦେଖି ଏବେ ଗଞ୍ଜେଇ ମାଫିଆ ଙ୍କୁ ନିଦ ପଡୁ ନଥିବା ସାଧାରଣରେ ଚର୍ଚ୍ଚା ସୃଷ୍ଟି କରିଛି । ଗତକାଲି ସଦର ଥାନା ଅନ୍ତର୍ଗତ କାକେନ୍ଦ୍ରୀ ଅଞ୍ଚଳରେ ଚଢ଼ାଉ କରି ଗଞ୍ଜେଇ ଗଛ କାଟିବା ସହ ତିନି ଜଣ ଗଞ୍ଜେଇ ଚାଷୀଙ୍କୁ ଗିରଫ କରିଛି ପୋଲିସ । ଗିରଫ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗଞ୍ଜେଇ ଚାଷ ଛାଡ଼ି ବିକଳ୍ପ ଚାଷ ଓ ଅନ୍ୟ ଜୀବିକା ଆପଣାଇବାକୁ ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି କନ୍ଧମାଳ ଏସ୍ ?ପି ରମେନ୍ଦ୍ର ପ୍ରସାଦ । କନ୍ଧମାଳ ଜିଲ୍ଲାକୁ ଗଞ୍ଜେଇ ଚାଷ ଓ ଗଞ୍ଜେଇ ଚୋରା ଚାଲାଣରୁ ମୁକ୍ତ କରିବା ପାଇଁ ପୋଲିସ ପକ୍ଷରୁ ଚାଲିଛି ଅଭିଯାନ । ୨୦୨୭ ମାର୍ଚ୍ଚ ସୁଦ୍ଧା କନ୍ଧମାଳକୁ ଗଞ୍ଜେଇ ମୁକ୍ତ କରିବା ଲକ୍ଷ୍ୟରେ ପୋଲିସ ପ୍ରଶାସନ ପକ୍ଷରୁ ଚଢ଼ାଉ ଓ ଗଞ୍ଜେଇ ଗଛ ନଷ୍ଟ କରିବା ପ୍ରକ୍ରିୟାକୁ ଜୋରଦାର କରାଯାଇଛି ଅପର ପକ୍ଷରେ ଆଜି ବା ୧୧/ କ୍ଟମଗ୍ବ/ ୨୦୨୬ ତିନି କୋଟିର ଗଞ୍ଜେଇ ଜବତ କରି କନ୍ଧମାଳ ପୋଲିସ ଏବଂ କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦଙ୍କ କାର୍ଯ୍ୟ କୁ ନେଇ ସାଧୁ ବାଦ୍ କରିଛନ୍ତି ସାଧାରଣ ଜନତା ଏବଂ ବୁଦ୍ଧିଜୀବୀ । ଅପର ପକ୍ଷରେ କନ୍ଧମାଳ ପୋଲିସ ପ୍ରଶାସନ ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ପୂର୍ବରୁ ପୋଲିସ ପ୍ରଶାସନ କାହିଁକି ତତ୍ପର ନଥିଲେ କାହିଁକି ଆଇଜି ଙ୍କ ପ୍ରେସର ରେ ବର୍ତମାନ ଗଞ୍ଜେଇ ଲୁପ୍ତ ପାଇଁ ଧ୍ୟାନ ଦେଉଛନ୍ତି । ଗଞ୍ଜେଇ ମାଫିଆ ମାନେ ଗଞ୍ଜେଇ ଚାଷୀଙ୍କ ପ୍ରତି ଅମାନୁଷିକ ବ୍ୟବହାର ଏବଂ କମ୍ ଟଙ୍କା ରେ ଗଞ୍ଜେଇ ନେଇ ଚାଷୀଙ୍କ ପ୍ରତି ଅମାନୁଷିକ ବ୍ୟବହାର ଏବଂ ନିଜର ଅକ୍ତିଆର ବଢ଼ାଇବା ପାଇଁ, ବଡ଼ ଲୋକ ହେବା ଚେଷ୍ଟାରେ ଗଞ୍ଜେଇ ମାଫିଆ ମାନେ ଗଞ୍ଜେଇ ଚାଷୀ ମାନଙ୍କୁ ହଇରାଣର ଶିକାର କରୁଥିବା ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଆଇଜି ଙ୍କ ଏପରି ପଦକ୍ଷେପ କୁ ନେଇ ସାଧାରଣରେ ସ୍ୱାଗତ ଯୋଗ୍ୟ ବୋଲି ସାଧାରଣରେ ଚର୍ଚ୍ଚା ସୃଷ୍ଟି କରିଛି । ଏଥିରୁ ପରିଲକ୍ଷିତ ହେଉଛି ଯେ କନ୍ଧମାଳରେ ଗଞ୍ଜେଇ କାରବାର ସମ୍ପୂର୍ଣ୍ଣ ଠପ୍ ହେବା ସହ ଏଥିରେ ଜଡିତ ସମସ୍ତ ଗଞ୍ଜେଇ ମାଫିଆ, ଗଞ୍ଜେଇ ଚୋରାଚାଲାଣ, ଏବଂ ଗଞ୍ଜେଇ ଗଛ ଲାଗୁଥିବା ଲୋକଙ୍କ ପ୍ରତି ପ୍ରଶାସନ କେବେ ମଧ୍ୟ ଆନ୍ତରିକତା ଦେଖାଇବା ନାହିଁ ତେଣୁ ଗଞ୍ଜେଇ ଚାଷ, ଗଞ୍ଜେଇ ରୁ ନିବୃତ୍ତ ରହି ସାଧାରଣ ଚାଷବାସ ରେ ଧ୍ୟାନ ଦେବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯାହାକି ଚାଷ ବାସ, ପନିପରିବା ଉତ୍ପାଦନ, ମତ୍ସ୍ୟ ଚାଷ ଇତ୍ୟାଦି ଚାଷ ଉତ୍ପାଦନ ଏପରିକୀ ଅନେକ ଚାଷ କରି ନିଜର ଏବଂ ପରିବାର ପ୍ରତିପୋଷଣ କରିପାରିବେ ତେଣୁ ଏହି ଗଞ୍ଜେଇ ବେପାର ଚାଷୀ, ଏବଂ ଅନୈତିକ କାର୍ଯ୍ୟରୁ ଯୁବ ପିଢ଼ି, ସହିତ ଯେଉଁ ମାନେ ଅନୈତିକ ଚାଷ ଏବଂ କାର୍ଯ୍ୟରେ ଲିପ୍ତ ଅଛନ୍ତି ସେଥିରୁ ଦୂରେଇ ରହିବା ପାଇଁ କନ୍ଧମାଳ ପୋଲିସ ସମେତ କନ୍ଧମାଳ ଏସପି ରମେନ୍ଦ୍ର ପ୍ରସାଦ ଙ୍କ ଆହ୍ୱାନ ଦେଇଥିବା ଦେଖିବାକୁ ମିଳିଛି ।

# ଲଲଙ୍କ ଉପସ୍ଥିତିରେ ବିଜେଡିରେ ମିଶିଲେ ବିଜେପିର ଶତାଧିକ କର୍ମୀ







କୋରେଇ ୧୧/୧୦(ନି.ସୂ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ୨୪ବର୍ଷ ସୁଶାସନକାଳକୁ ଲୋକେ ଏବେ ବି ଝୁରି ହେଉଛନ୍ତି । ବିଜେପି ସରକାରକୁ କ୍ଷମତାକୁ ଆଣିବା ସେମାନଙ୍କ ଭୁଲ୍ ଥିଲା ବୋଲି ଏବେ ଲୋକେ ବୁଝିଗଲେଣି । ଯେଉଁଥିପାଇଁ ଓଡ଼ିଶାର ପ୍ରାୟ ସବୁ ଅଞ୍ଚଳର ଜନତା ବିଜେପି ଛାଡି ବିଜେଡିରେ ମିଶୁଛନ୍ତି । ବିଶେଷ କରି କୋରେଇ ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତି ସମ୍ମାନ ଆଉ ଭଲ ପାଇବା ସାଙ୍ଗକୁ ଡିଶାର ଯୁବ ମାନସର ନେତା ବିଜୁ ଜନତା ଦଳର ଦକ୍ଷ ସଂଗଠକ ଶ୍ରୀଯୁକ୍ତ ପ୍ରଣବ ପ୍ରକାଶ ଦାସ (ବବି ଭାଇ )ଙ୍କ ଦକ୍ଷ ନେତୃତ୍ୱ ଓ କୋରେଇ ବାସୀଙ୍କ ପ୍ରିୟ ନେତା ଭବ ପ୍ରସାଦ ଦାସ (ଲଲ ଭାଇ )ଙ୍କ ଭଲ ପାଇବାରେ ଅନୁପ୍ରାଣିତ ହେଇ ଜହ୍ନା ପଞ୍ଚାୟତର ସଭାପତି ଦାମ ସୁନ୍ଦର ପାଢିଙ୍କ ନେତୃତ୍ୱରେ ଲଲ ଭାଇଙ୍କ ଉପସ୍ଥିତି ରେ ଜହ୍ନା ପଞ୍ଚାୟତର ଶତାଧିକ ଆଗ ଧାଡିର କର୍ମୀ ବିଜେପି ଛାଡି ବିଜେଡି ରେ ଯୋଗ ଦେଇଛନ୍ତି । ଏହି ମିଶ୍ରଣପର୍ବରେ କୋରେଇ ବ୍ଲକ ସଭାପତି ସୌଭାଗ୍ୟ ମହାନ୍ତି (କାବୁ ଭାଇ )ବ୍ୟାସନଗର ମୁନସିପାଲଟି ୧ ନଂ ଓ୍ୱାର୍ଡର କାଉନସିଲର ବିଜୟ କୁମାର ଜେନା ଶଶିକାନ୍ତ ବରାଳ ପ୍ରମୁଖ ଉପସ୍ଥିତ ଥିଲେ । ଧୋକା ଦେଇ ସରକାର ଆସିଥିବା ବିଜେପି ସରକାରକୁ ଜନତା ଠିକ୍ ସମୟରେ ଜବାବ ଦେବେ ବୋଲି ବିଜେପି ଛାଡି ବିଜେଡିରେ ସାମିଲ ହୋଇଥିବା କର୍ମୀ କହିଥିଲେ । କର୍ମୀମାନଙ୍କ ଜୟ ନବୀନ, ଜୟ ବବି ଭାଇ, ଜୟ ଲଲ ଭାଇ ସ୍ଲୋଗାନ ଉପସ୍ଥିତ ଜନତାଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଥିଲା ।

### ପାଟଣାଗଡ଼ରେ ମାରଣାସ୍ତ୍ର ଦେଖାଇ ଲୁଟ୍ ଘଟଣାର ପର୍ଦ୍ଦାଫାଶ !

# ପୋଲିସ କବ୍‌ଜାରେ ୪ ଅଭିଯୁକ୍ତ, ଲୁଟ୍ ସାମଗ୍ରୀ ଜବତ !

ପାଟଣାଗଡ଼୧୧/୧୦ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଅଞ୍ଚଳରେ ମାରଣାସ୍ତ୍ର ଦେଖାଇ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ପାଟଣାଗଡ଼ ପୋଲିସ । ଏହି ଘଟଣାରେ ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଲୁଟ୍ ସାମଗ୍ରୀ ଜବତ କରିଛି ପୋଲିସ ।ପୋଲିସର ପ୍ରେସ୍ ନୋଟ୍ ଅନୁଯାୟୀ, ସେପଟ୍ମେର ୯ ଓ ୧୦ ତାରିଖ ମଧ୍ୟବର୍ତ୍ତୀ ରାତି ପ୍ରାୟ ୩ଟା ୪୦ ମିନିଟ୍ ସମୟରେ ବାନେଇମୁଣ୍ଡା ଗାଁ ନିକଟରେ ଅନାଦି ରଣା ନାମକ ଜଣେ ବ୍ୟକ୍ତି ପାଟଣାଗଡ଼କୁ ମାର୍କେଟିଂ ପାଇଁ ଆସୁଥିବା ବେଳେ କିଛି ଦୁର୍ବୃତ୍ତ ମାରଣାସ୍ତ୍ର ଦେଖାଇ ତାଙ୍କ ନଗଦ ଟଙ୍କା ଓ ମୋଟରସାଇକେଲ ଲୁଟ୍ କରିଥିଲେ । ଏହି ଘଟଣାକୁ ନେଇ ପାଟଣାଗଡ଼ ଥାନାରେ କେସ୍ ନମ୍ବର ୨୩୯, ତାରିଖ ୧୦.୦୯.୨୦୨୬ରେ ମାମଲା ରୁଜୁ ହୋଇଥିଲା । ବଲାଙ୍ଗୀର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏବଂ ପାଟଣାଗଡ଼ ଏସଡିପିଓଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା ।



ପାଟଣାଗଡ଼ ଥାନା ଆଇଆଇସି ଓ ତାଙ୍କ ଟିମ୍ ତଦନ୍ତ କରି ଚାରି ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବିଭିନ୍ନ ସାମଗ୍ରୀ ଜବତ କରିଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ଟିଙ୍ଗେରବନ୍ଧ ଗାଁର କହ୍ନେଇ ଧାରୁଆ (୨୦) ଓ ରାଜୁ ମେହେର (୨୬), ସିଲେଟପଡ଼ା ଗାଁର ସୁଭଲକ୍ଷ୍ୟ ସୁନା (୨୧) ଓ ପିଣ୍ଟୁ ବାରିହା (୧୯) । ପୋଲିସ ଜବତ କରିଥିବା ସାମଗ୍ରୀ ମଧ୍ୟରେ ରହିଛି ଟିଭିଏସ୍ ଷ୍ଟାର ସିଟି ମୋଟରସାଇକେଲର ଇଞ୍ଜିନ୍ ଓ ଟାଙ୍କି, ଗୋଟିଏ ମୋବାଇଲ୍ ଫୋନ୍, ଗ୍ୟାସ୍ କଟର୍ ମେସିନ୍, ଭୁଜାଲି, କାଠ ଲାଠି ଏବଂ ଓଡି-୦୩-ଡି-୧୨୧୧ ନମ୍ବର ବିଶିଷ୍ଟ ଏକ ଏଫ୍ ?ଜେଡ୍ ?ଏସ୍ ମୋଟରସାଇକେଲ୍ । ଏହା ସହିତ, ଅଭିଯୁକ୍ତମାନେ ପାଟଣାଗଡ଼ ଥାନାର ଅନ୍ୟ ଏକ ଲୁଟ୍ ମାମଲା, କେସ୍ ନମ୍ବର ୨୩୮, ତାରିଖ ୦୯.୦୯.୨୦୨୬ରେ ମଧ୍ୟ ସମ୍ପୃକ୍ତ ଥିବା ପୋଲିସ ପ୍ରେସ୍ ନୋଟ୍‌ରେ ଉଲ୍ଲେଖ କରିଛି । ତେବେ ଏହି ଲୁଟ୍ ଘଟଣାରେ ଆଉ କେଉଁ ତଥ୍ୟ ସାମ୍ନାକୁ ଆସୁଛି ଏବଂ ଅଭିଯୁକ୍ତମାନଙ୍କ ଅନ୍ୟ କୌଣସି ଅପରାଧରେ ସମ୍ପୃକ୍ତି ରହିଛି କି ନାହିଁ, ତାହା ପୋଲିସର ପରବର୍ତ୍ତୀ ତଦନ୍ତରୁ ସ୍ପଷ୍ଟ ହେବ ।

# ୪କେଜି ବଜ୍ରକାପ୍ତା ଖପୁରୀ ସହ ୩ଜଣଙ୍କୁ ଧରିଲା ବନବିଭାଗ

ରାୟଗଡ ୧୧/୧୦ : ଗତକାଲି ତା ୧୧. ୧୦. ୨୦୨୬ ରିଖ ଶନିବାର ଦିନ ପ୍ରାୟ ୧୧. ୩୦ ଘଣ୍ଟିକା ସମୟରେ ବନଖଣ୍ଡ ଅଧିକାରୀ ରାୟଗଡ଼ଙ୍କ ନିର୍ଦ୍ଦେଶ କ୍ରମେ ରାୟଗଡା ବନାଞ୍ଚଳ ଅଧିକାରୀଙ୍କ ତତ୍ୱାବଧାନରେ ରାୟଗଡା ସହର ସ୍ଥିତ ଓରମାସ ଅଫିସ ପଛ ପଟ ପଡ଼ିଆଠାରେ ପାଖା ପାଖି ଚାରି (୪ )କିଲୋଗ୍ରାମ ରୁ ଉର୍ଦ୍ଧ୍ୱ ଓଜନର ବଜ୍ରକାପ୍ତା ଖପୁରୀ ବିକ୍ରି କାରବାର କରୁଥିବା ବେଳେ ତିନି ଜଣ ଆସାମୀଙ୍କୁ ମାଡ଼ି ବସିଲା ରାୟଗଡା ବନବିଭାଗ । ଆସାମୀ ତିନି ଜଣ ହେଲେ (୧) ଜଗନ ହିମିରିକା, ପିତା :-ନିମାଇ ହିମିରିକା, ବୟସ ୩୮ ବର୍ଷ ଗ୍ରାମ :- ପଣସପୁଟ, ଥାନା :-ରାୟଗଡା, ଜିଲ୍ଲା :-ରାୟଗଡା (୨) ନୀଳାମ୍ବର ଖୋସଲା, ପିତା :-ଛେଣ୍ଡିଆ ଖୋସଲା,ବୟସ ୬୭ ବର୍ଷ ଗ୍ରାମ :-କୁମ୍ଭୀକଟା, ଥାନା :-ରାୟଗଡା, ଜିଲ୍ଲା :-ରାୟଗଡା (୩) ପୁରୁଷୋତ୍ତମ ଖୋସଲା, ପିତା :-ଛେଣ୍ଡିଆ ଖୋସଲା, ବୟସ :-୪୮ ବର୍ଷ, ଗ୍ରାମ :-କୁମ୍ଭୀକଟା, ଥାନା :- ରାୟଗଡା, ଜିଲ୍ଲା :- ରାୟଗଡା ବୋଲି ତଦନ୍ତରୁ ଜଣା ପଡିଛି । ଏଥିରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏ ନେଇ ଏସିଏଫ୍ ଶ୍ରୀ ସତୀଶ କୁମାର ଧାରୁଆ ତଦନ୍ତ ଚଲାଇଥିଲେ । ତଦନ୍ତ ପରେ ଆସାମୀ ମାନଙ୍କୁ ଡାକ୍ତରୀ ପରୀକ୍ଷା କରି ସେମାନଙ୍କୁ କୋର୍ଟ ଚାଲାଣ କରାଗଲା ବୋଲି ଇଉର ଶ୍ରୀ ସତୀଶ କୁମାର ଧାରୁଆ କହିଛନ୍ତି ।



# ବିଷମ କଟକରେ ମା' ଆଦିଶକ୍ତିଙ୍କ କଳସ ଯାତ୍ରା

ବିଷମ କଟକ :୧୧ ।୧୦(ନି.ସୂ): ରାୟଗଡ଼ା ଜିଲ୍ଲା ବିଷମ କଟକ ଠାରେ ମା' ଆଦିଶକ୍ତିଙ୍କ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ପାରମ୍ପରିକ ରୀତିନୀତି ଓ ଭକ୍ତିମୟ ପରିବେଶ ମଧ୍ୟରେ ପ୍ରସିଦ୍ଧ କଳସ ଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଅବସରରେ ଶଙ୍ଖ, ମହୁରୀ, ଘୁମୁରା ଓ ସଂକୀର୍ତ୍ତନର ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ସହର । ମା'ଙ୍କ ଆବାହନ ପାଇଁ ଅଞ୍ଚଳରେ ଦେଖିବାକୁ ମିଳିଥିଲା ଭକ୍ତି ଓ ଉତ୍ସାହର ପରିବେଶ । ବିଷମ କଟକ ନିକଟସ୍ଥ ମୁଣ୍ଡା ବନ୍ଧ ନଦୀକୂଳରେ ପ୍ରଥମେ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ନଦୀରୁ ପବିତ୍ର ଜଳ ଭର୍ତ୍ତି କରାଯାଇଥିବା ଶହ ଶହ କଳସକୁ ମହିଳା ଶ୍ରଦ୍ଧାଳୁମାନେ ମୁଣ୍ଡରେ ଧାରଣ କରିଥିଲେ । ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ଏକ ବିଶାଳ ପଟୁଆରରେ ଶଙ୍ଖ ଓ ମହୁରୀର ତାଳେ ତାଳେ ସହର ପରିକ୍ରମା କରିବା ପରେ କଳସ ଯାତ୍ରା ମା'ଙ୍କ ମନ୍ଦିରରେ ପହଞ୍ଚିଥିଲା । ଏହି ଯାତ୍ରାରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଏବଂ ଯୁବକ ଯୁବତୀ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ଦୁର୍ଗାପୂଜା କମିଟି ବିଭୁତି ଭୂଷଣ ନାୟକଙ୍କ ତତ୍ତ୍ୱାବଧାନରେ ମା'ଙ୍କ ପୀଠରେ ପୂଜାବିଧି ସମ୍ପନ୍ନ ହୋଇଥିଲା । ଚଳିତ ବର୍ଷ ମା'ଙ୍କ ସେବାରେ ରାମ ରଥ,ସପନ୍ ରଥ, ନେତ୍ରାନନ୍ଦ ଶତପଥୀ,ଅନୁଭବ ନନ୍ଦ,ତାରିଣୀ ରଥ ଓ କେଶବ ରଥଙ୍କ ସମେତ ଅନ୍ୟାନ୍ୟ ପୁରୋହିତ ନିୟୋଜିତ ହୋଇଛନ୍ତି । କମିଟିର କର୍ମକର୍ତ୍ତା ଓ ସଦସ୍ୟଙ୍କ ଉପସ୍ଥିତି ଏବଂ ସହଯୋଗରେ ମା'ଙ୍କ ନୀତିକାନ୍ତି ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ସୁଧୀର ଦାସ, ପୂର୍ବତନ କେବିନେଟ୍ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା,ବ୍ଲକ ଉପାଧେକ୍ଷ ଦେବି ପ୍ରସାଦ ପଟ୍ଟନାୟକ,ବରିଷ୍ଠ ବିଜେଡି ନେତା ଶିବା ଦେଶାଇଟ୍ ଏବଂ ବିପିନ୍ ସାହୁଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ପୂଜା ଆୟୋଜନରେ ସହଯୋଗ କରିଥିଲେ । ମା' ଆଦିଶକ୍ତିଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ପାରମ୍ପରିକ ରୀତିନୀତି, ସାମୂହିକ ସହଯୋଗ ଓ ଭକ୍ତିଭାବର ଏହି ମହାମିଳନ ବିଷମକଟକର ଧାର୍ମିକ ପରମ୍ପରାକୁ ଉଜ୍ଜୀବିତ କରିଥିବା ବେଳେ ଶାରଦୀୟ ଦୁର୍ଗାପୂଜାକୁ ନେଇ ଅଞ୍ଚଳରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି ।

# ଅମ୍ବାଦଳାରେ ମା' ଆଦିଶକ୍ତିଙ୍କ ପ୍ରସିଦ୍ଧ କଳସ ଯାତ୍ରା: ୫ ହଜାର କଳସକୁ ନେଇ ବିଶାଳ ଶୋଭାଯାତ୍ରା

ଅମ୍ବାଦଳା:୧୧ ।୧୦(ନି.ସୂ): ରାୟଗଡ଼ା ଜିଲ୍ଲା ଅମ୍ବାଦଳାରେ ମା' ଆଦିଶକ୍ତିଙ୍କ ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ପାରମ୍ପରିକ ରୀତିନୀତି ଓ ଭକ୍ତିମୟ ପରିବେଶ ମଧ୍ୟରେ ପ୍ରସିଦ୍ଧ କଳସ ଯାତ୍ରା ଅନୁଷ୍ଠିତ ହୋଇଛି । ଏହି ଅବସରରେ ଶଙ୍ଖ, ମହୁରୀ, ଘୁମୁରା ଓ ସଂକୀର୍ତ୍ତନର ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ସହର । ମା'ଙ୍କ ଆବାହନ ପାଇଁ ଅଞ୍ଚଳରେ ଦେଖିବାକୁ ମିଳିଥିଲା ଭକ୍ତି ଓ ଉତ୍ସାହର ପରିବେଶ । ପଞ୍ଚମୁଖୀ ମନ୍ଦିର ନିକଟସ୍ଥ ବଂଶଧାରା ନଦୀକୂଳରେ ପ୍ରଥମେ ପାରମ୍ପରିକ ପୂଜାର୍ଚ୍ଚନା କରାଯାଇଥିଲା । ଏହାପରେ ନଦୀରୁ ପବିତ୍ର ଜଳ ଭର୍ତ୍ତି କରାଯାଇଥିବା ପ୍ରାୟ ୫ ହଜାର କଳସକୁ ମହିଳା ଶ୍ରଦ୍ଧାଳୁମାନେ ମୁଣ୍ଡରେ ଧାରଣ କରିଥିଲେ । ସଂକୀର୍ତ୍ତନ ମଣ୍ଡଳୀଙ୍କ ସହ ଏକ ବିଶାଳ ପଟୁଆରରେ ଶଙ୍ଖ ଓ ମହୁରୀର ତାଳେ ତାଳେ ସହର ପରିକ୍ରମା କରିବା ପରେ କଳସ ଯାତ୍ରା ମା'ଙ୍କ ମନ୍ଦିରରେ ପହଞ୍ଚିଥିଲା । ଏହି ଯାତ୍ରାରେ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ଦୁର୍ଗାପୂଜା କମିଟି ସଭାପତି ସନ୍ତୋଷ ପାତ୍ରଙ୍କ ତତ୍ତ୍ୱାବଧାନରେ ମା'ଙ୍କ ପୀଠରେ ପୂଜାବିଧି ସମ୍ପନ୍ନ ହୋଇଥିଲା । ଚଳିତ ବର୍ଷ ମା'ଙ୍କ ସେବାରେ ବିପିନ୍ ବିହାରୀ କର, ଅକ୍ଷୟ କୁମାର ରଥ, ବିଜୟ ମିଶ୍ର ଓ ଶୁଭାଶିଷ ମିଶ୍ରଙ୍କ ସମେତ ଚାରିଜଣ ପୁରୋହିତ ନିୟୋଜିତ ହୋଇଛନ୍ତି । କର୍ତ୍ତା ଭାବେ ଭି. ସୁରେଶ କୁମାର ପୂଜାରେ ଯୋଗ ଦେଇଥିଲେ । କମିଟିର କର୍ମକର୍ତ୍ତା ଓ ସଦସ୍ୟଙ୍କ ଉପସ୍ଥିତି ଏବଂ ସହଯୋଗରେ ମା'ଙ୍କ ନୀତିକାନ୍ତି ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଅତିଥି ଭାବେ ବିଜେଡି ରାଜ୍ୟ ସମ୍ପାଦକ ସୁଧୀର ଦାସ, ପୂର୍ବତନ କେବିନେଟ ମନ୍ତ୍ରୀ ଜଗନ୍ନାଥ ସାରକା,ବିଜେଡି ଜିଲ୍ଲା ପରିଷଦ ଉପାଧ୍ୟକ୍ଷ୍ୟ ସନ୍ତୋଷ ସୁନା,ଜିଲ୍ଲା ବିଜେଡି ଉପ ସଭାପତି ପୂର୍ଣ୍ଣ ଚନ୍ଦ୍ର ଗୌଡ଼, ବିଜେଡି ବ୍ଲକ ସଭାପତି ରତନ ଲାଲ ଜୈନ, ବରିଷ୍ଠ ବିଜେଡି ନେତା ବୃନ୍ଦାବନ ପାଢ଼ୀ,ଦୁର୍ଗା ପୂଜା କମିଟି ପକ୍ଷରୁ ଜଗନ୍ନାଥ ପ୍ରସାଦ, ଦେବୀ ପ୍ରସାଦ ମୁଖାର୍ଜୀ, ଧୀରେନ୍ଦ୍ର ପାଣିଗ୍ରାହୀ, ଶ୍ରୀଧର ସାହୁ, ସନ୍ତୋଷ ଆଚାରୀ, ବିଦ୍ୟାଧର ସାହୁ,ମୁକୁନ୍ଦ ତ୍ରିପାଠୀ, ବି.ତ୍ରିପତି ପାତ୍ର,ବିନୋଦ ସାହୁ ଓ ସୁବାସ ସେନାପତିଙ୍କ ସମେତ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ପୂଜା ଆୟୋଜନରେ ସହଯୋଗ କରିଥିଲେ । ମା' ଆଦିଶକ୍ତିଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ପାରମ୍ପରିକ ରୀତିନୀତି, ସାମୂହିକ ସହଯୋଗ ଓ ଭକ୍ତିଭାବର ଏହି ମହାମିଳନ ଅମ୍ବାଦଳାର ଧାର୍ମିକ ପରମ୍ପରାକୁ ଉଜ୍ଜୀବିତ କରିଥିବା ବେଳେ ଶାରଦୀୟ ଦୁର୍ଗାପୂଜାକୁ ନେଇ ଅଞ୍ଚଳରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି ।

# ହରିଶଙ୍କର ବିଦ୍ୟା ମନ୍ଦିର ବରୁଣୀଆ ଠାରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ବଡଚଣା, ୧୧/୧୦: ବଡଚଣା ବ୍ଲକ୍ ଅନ୍ତର୍ଗତ ବୈରୀ ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଗତ ୧୪ଟି ଉପ୍ରା ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କୁ ନେଇ ସୁରଭି ୨୦୨୬ କାର୍ଯକ୍ରମ ହରି ଶଙ୍କର ବିଦ୍ୟାମନ୍ଦିର ବରୁଣିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୧୭୦ଜଣ ଛାତ୍ର ଛାତ୍ରୀ ବିଭିନ୍ନ ବିଭାଗର ପ୍ରତି ଯୋଗିତାରେ ଅଂଶଗ୍ରହଣ କରିଥିଲେ । ଉଦ୍ଘାଟନ ଉତ୍ସବରେ ଯାଜପୁର ରୋଡ ପୋଲିସ ଉପଖଣ୍ଡ ଅଧିକାରୀ ଶରତ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୃଜନଶିଳତା ଓ ଦକ୍ଷତା ପ୍ରଦର୍ଶନ ଛାତ୍ର ଛାତ୍ରୀ ମାନଙ୍କର ଭବିଷ୍ୟତ ନିର୍ମାଣର ଆଦ୍ୟ ଝଲକ୍,ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାଇତ ପ୍ରତିଭାକୁ ବିକଶିତ କରିବାରେ ସୁରଭି ଏକ ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ ।



ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁମରବର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସମ୍ମାନିତ ଅତିଥି ଭାବେ ସରପଞ୍ଚ ବେଣୁଧର ବିଶ୍ୱାଳ ଯୋଗଦେଇ ଶିକ୍ଷା ଏକ ଜୀବନ ବ୍ୟାପି ସାଧନା, ଏହାର ଶେଷ ନାହିଁ,ଜୀବନର ପ୍ରଥମ ବିଫଳତା ଭବିଷ୍ୟତର ସମସ୍ତ ସଫଳତା ର ଚାବିକାଠି ବୋଲି କହିବା ସହିତ ଜୀବନରେ ବଡ ମଣିଷ ନ ହୋଇ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ । ସାଧନ କେନ୍ଦ୍ର ର ସଂଯୋଜକ ବିଜ୍ଞାନ ରଞ୍ଜନ ସାମଲ ସୁରଭି କାର୍ଯ୍ୟକ୍ରମ ର ଲକ୍ଷ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ ।ବଡଚଣା ଓଷ୍ଟ୍ରା ର ସମ୍ପାଦକ ସତ୍ୟବାଦୀ ପଣ୍ଡା ମଞ୍ଚ ପରିଚାଳନା କରିଥଲେ । ବିଚାରକ ଭାବେ ଡ ସୁଧିର ଚନ୍ଦ୍ର ସାମଲ,ଦୟାନିଧି ସାମଲ, ରାଜେନ୍ଦ୍ର ନାରାୟଣ ରାୟ, ରଜନୀ କାନ୍ତ ପୃଷ୍ଟି, ରଞ୍ଜିତ କୁମାର ଦାସ, ଲକ୍ଷ୍ମୀ ପ୍ରିୟା ନନ୍ଦ, ଲକ୍ଷ୍ମୀଧର ରାଉତ, କାଳନ୍ଦୀ ଚରଣ ବିଶ୍ୱାଳ, ଅନିଲ ଜେନା, ପ୍ରମୁଖ ବିଭିନ୍ନ ପ୍ରତିଯୋଗିତା ର ମୂଲ୍ୟାଙ୍କନ କରିଥିଲେ । ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସିଦ୍ଧଗିରି ଆଶ୍ରମର ସନ୍ଥ ବିଶ୍ୱନାଥ ଦାସ ମହାରାଜ,ସମ୍ମାନିତ ଅତିଥି ଭାବେ ବୈରୀ ଥାନା ଅଧିକାରୀ ରଣଜିତ ମହାନ୍ତି ଯୋଗଦେଇ କୃତୀ ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ ।ଶେଷରେ ବରଦା ପ୍ରସନ୍ନ ଶତପଥି ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଜଳତମୁଣ୍ଡା ରେ ମା ମାଉଳି ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

କୋକସରା,୧୧ । ୧୦(ନି ସୂ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ମୋଟେର ପଞ୍ଚାୟତ ଜଳତାମୁଣ୍ଡା ମହାଭାରତ ଖେଳ ପଡିଆଠାରେ ମାଁ ମାଉଳି ନକଆଉଟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଜଳତାମୁଣ୍ଡା ରବିବାର ଉଦଘାଟିତ ହୋଇଛି । ଉଦଘାଟନୀ ଦିବସର ପ୍ରଥମ ମ୍ୟାଚ୍ ଝାରକୁଣ୍ଡାମାଲ ଓ ସିର୍ଲିଗୁଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଝାରକୁଣ୍ଡାମାଲ ୧-୦ ଗୋଲରେ ବିଜୟୀ ହୋଇଛି । ଦ୍ୱିତୀୟ ମ୍ୟାଚ ବାନେର ଓ ବଡ଼ଟେମରି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉଭୟ ଦଳ ୧-୧ରେ ବରାବର ଥିବାବେଳେ ପେନାଲଟି କିକ ମାଧ୍ୟମରେ ବାନେର ଦଳ ବିଜୟୀ ହୋଇଛି ।ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୋଟେର ସରପଞ୍ଚ ଇଂ ସୁଶୀଲ କୁମାର ଶବର ଯୋଗଦେଇ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସଲ୍ୟ କୁମାର ଶବର, ଦୀନବନ୍ଧୁ ବିହାରୀ, ନୀଳାମ୍ବର ଜାଲ,ମଙ୍ଗରାଜ ବେହେରା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।ରାଜୁ ଶବର ଖେଳ ପରିଚାଳନା କରିଥିବା ବେଳେ ଲାଇନ୍ସମ୍ୟାନ ଭାବେ ଗଣେଶ ଶବରଓ ଅଭୟ ଭୋଇ ସହଯୋଗ କରିଥିଲେ ।ବାବୁଲାଲ ଶବର ଖେଳର ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ ଅନୁଷ୍ଠାନ ର ମୋହନ ଶବର, କମଳ ଶବର ଓଏବଂ ଶବର ବ୍ରଦର୍ସ ଜଳତାମୁଣ୍ଡା ର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ବୃନ୍ଦ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

## ଗୋଲାମୁଣ୍ଡାରୁ ମାନସିକ ଅନଗ୍ରସର ମହିଳା ଉଦ୍ଧାର;ଧର୍ମଗଡ଼ସ୍ଥିତ ଯଶୋଦା ଅନାଥ ଆଶ୍ରମରେ ଥଇଥାନ

ଧର୍ମଗଡ଼, (ନି.ସୂ.) ୧୧/୧୦: ମାନବିକତା ଓ ସମାଜସେବାର ଏକ ଉଦାହରଣ ସୃଷ୍ଟି କରିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଅଞ୍ଚଳରେ ମାନସିକ ଅନଗ୍ରସର ମହିଳାଙ୍କୁ ଉଦ୍ଧାର କରାଯାଇ ଥଇଥାନ କରିଥିବା ଘଟଣା । କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଅଞ୍ଚଳରେ ଅସୁରକ୍ଷିତ ଭାବରେ ରହୁଥିବା ଜଣେ ମାନସିକ ଅନଗ୍ରସର ମହିଳାଙ୍କୁ ଗୋଲାମୁଣ୍ଡା ଥାନା ଅଧିକାରୀ ଯଶୋବନ୍ତ ସେଲମା ଓ ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲଙ୍କ ଉଦ୍ୟମରେ ଉଦ୍ଧାର କରାଯାଇଥିଲା । ଉଦ୍ଧାର ପରେ ଧର୍ମଗଡ଼ ସ୍ଥିତ ଯଶୋଦା ଅନାଥ ଆଶ୍ରମରେ ଥଇଥାନ କରାଯାଇଥିଲା ।ଏହି ଥଇଥାନ ସମୟରେ ଯୁବ ସମାଜସେବୀ ତଥା ସାମ୍ବାଦିକ ଢଗ ନାଏକ ମଧ୍ୟ ଉପସ୍ଥିତ ରହିଥିଲେ । ଜଣେ ଅସହାୟ ମହିଳାଙ୍କୁ ସୁରକ୍ଷିତ ପରିବେଶରେ ରଖି ତାଙ୍କର ଯତ୍ନ ନେବା ଦିଗରେ ଏହି ପଦକ୍ଷେପକୁ ଏକ ମାନବିୟ ପ୍ରୟାସ ଭାବେ ଦେଖାଯାଉଛି । ଉଦ୍ଧାର ହୋଇଥିବା ମହିଳା ଜଣକ ମୋଟେର ଫାଣ୍ଡି ଅନ୍ତର୍ଗତ ଟେଣକାଗୁଡ଼ା ଗ୍ରାମର ପ୍ରମିଳା ବାଗ ବୋଲି ସୂଚନା ମିଳିଛି । ଉଦ୍ଧାର ମହିଳାଙ୍କ ବୟସ ୪୫ ରୁ ୫୦ ବର୍ଷ ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି ।

# ଇତିହାସ ଅଭିମୁଖେ ସୋନପୁର ମହାବିଦ୍ୟାଳୟ

## ପ୍ରଥମ ଥର ଛାତ୍ରୀ ନିର୍ବାଚନୀ ମଇଦାନରେ

ସୁବର୍ଣ୍ଣପୁର, ୧୧।୧୦ (ନି.ସୂ ): ସୋନପୁର ମହାବିଦ୍ୟାଳୟ ଇତିହାସରେ ଯୋଡ଼ିହେଲା ନୂଆଁଫର୍ଦ୍ଦ । ପ୍ରଥମ ଥର ପାଇଁ ତିନି ତିନି ଜଣ ଛାତ୍ରୀ ନିର୍ବାଚନ ମଇଦାନକୁ ଓହ୍ଲାଇ ଇତିହାସ ସୃଷ୍ଟି କରିଛନ୍ତି । ଦୀର୍ଘ ଆଠ ବର୍ଷ ପରେ ମହାବିଦ୍ୟାଳୟ ଗୁଡିକରେ ଚଳିତ ବର୍ଷ ଛାତ୍ର ସଂସଦ ନିର୍ବାଚନ ପାଇଁ ଅନୁମତି ଦେଇଛନ୍ତି ସରକାର । ସେହି କ୍ରମରେ ସୋନପୁର ମହାବିଦ୍ୟାଳୟରେ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ ଏବଂ ଯାଞ୍ଚ ପ୍ରକ୍ରିୟା ପରେ ଉପ ସଭାପତି ପଦ ପାଇଁ ଏବିଭିପି ପକ୍ଷରୁ ରଚନା କୁମ୍ଭାର, ଛାତ୍ର ବିଜେଡି ପକ୍ଷରୁ ଲଭଲି ସାହୁ ସିଧା ସଳଖ ଲଢ଼େଇ କରୁଛନ୍ତି । ଆଉ ଜଣେ ଛାତ୍ରୀ ମଧ୍ୟ ସ୍ୱପ୍ନା ନାଏକ୍ ଡ୍ରାମାଟିକ୍ ସମ୍ପାଦକ ଭାବେ ନିର୍ବାଚନ ମଇଦାନରେ ରହିଛନ୍ତି । ଯଦିଓ ଦୁଇ ଜଣ ଛାତ୍ରୀ ନିର୍ବାଚନ ପୂର୍ବରୁ ନିର୍ବାଚନ ଲଢୁଛନ୍ତି । ସେମାନେ ଡ୍ରାମାଟିକ୍ ଏବଂ ପୂଜା ସମ୍ପାଦକ ଭାବରେ ନିର୍ବାଚନ ଲଢ଼ିଥିଲେ । ଚଳିତ ବର୍ଷ କିନ୍ତୁ ଛାତ୍ର ସଂସଦ ନିର୍ବାଚନରେ ଦୁଇ ଜଣ ଛାତ୍ରୀ ଉପ ସଭାପତି ପଦ ପାଇଁ ସିଧା ସଳଖ ନିର୍ବାଚନ ମଇଦାନରେ ରହିଛନ୍ତି । ଏହାକୁ ନେଇ ବିଶେଷ ଭାବେ ଛାତ୍ରୀମାନଙ୍କ ମହଲରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି ।

# କର୍ମନିଷ୍ଠା ବଳରେ ସମ୍ମାନିତ ଅନ୍ତରମ ଦୀପ

## ୩୦ ବର୍ଷର ସେବା ପାଇଁ ଶ୍ରେଷ୍ଠ କର୍ମଚାରୀ ପୁରସ୍କାର; ଅର୍ଥରାଶି ସହ ମାନପତ୍ର ପ୍ରଦାନ

ସଇଁତଳା ୧୧/୧୦(ନି.ସୂ): ନିଷ୍ଠା, ପରିଶ୍ରମ ଓ କର୍ତ୍ତବ୍ୟ ପ୍ରତି ସମର୍ପଣ ମଣିଷକୁ ସଫଳତାର ଶୀର୍ଷରେ ପହଞ୍ଚାଇଥାଏ । ଏହାର ଏକ ଉଦାହରଣ ହେଉଛନ୍ତି ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ ଗଣ୍ଡପତ୍ରାପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଡ଼ମାଳ ଗ୍ରାମର ଅନ୍ତରମ ଦୀପ । ଦୀର୍ଘ ୩୦ ବର୍ଷର କର୍ମନିଷ୍ଠା ଓ ଅଭିଜ୍ଞତା ପାଇଁ ସେ ଶ୍ରେଷ୍ଠ କର୍ମଚାରୀ ଭାବେ ସମ୍ମାନିତ ହୋଇଛନ୍ତି । ତାଙ୍କୁ ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯାଇଛି । ଅନ୍ତରମ ଦୀପ ନିଜର କର୍ମଜୀବନ ବଡ଼ମାଳ ଗୋଳାବାରୁଦ କାରଖାନାର ଆକାଉଣ୍ଟସ୍ ବିଭାଗରୁ ଆରମ୍ଭ କରିଥିଲେ । ଦୀର୍ଘ ତିନି ଦଶନ୍ଧି



ଧରି କାର୍ଯ୍ୟ କରି ସେ ନିଜର ଦକ୍ଷତା, ଦାୟିତ୍ୱବୋଧ ଓ କର୍ତ୍ତବ୍ୟନିଷ୍ଠାର ପରିଚୟ ଦେଇଥିଲେ । ତାଙ୍କର ଦୀର୍ଘ ବର୍ଷର ସେବା ଓ କାର୍ଯ୍ୟଦକ୍ଷତାକୁ ସ୍ୱୀକୃତି ଦେଇ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ୨୦୨୨ ମସିହାରେ ସେ ବିଶାଖାପାଟଣାସ୍ଥିତ ନୌସେନା ବିଭାଗର ଆଞ୍ଚଳିକ ଆକାଉଣ୍ଟସ୍ କାର୍ଯ୍ୟାଳୟରେ ଯୋଗଦାନ କରିଥିଲେ । ବର୍ତ୍ତମାନ ସେ ସେଠାରେ କାର୍ଯ୍ୟରତ ଅଛନ୍ତି । ଉକ୍ତ କାର୍ଯ୍ୟାଳୟର ମୁଖ୍ୟ ପରିଚାଳକଙ୍କ ଦ୍ୱାରା ତାଙ୍କୁ ଶ୍ରେଷ୍ଠ କର୍ମଚାରୀ ପୁରସ୍କାର ମିଳିଥିବା ଜଣାପଡ଼ିଛି ।ଗ୍ରାମାଞ୍ଚଳରୁ କର୍ମଜୀବନ ଆରମ୍ଭ କରି ନିଜର ନିଷ୍ଠା ଓ ପରିଶ୍ରମ ବଳରେ ଏହି ସଫଳତା ହାସଲ କରିଥିବା ଅନ୍ତରମ ଦୀପଙ୍କ ଉପଲବ୍ଧି ତାଙ୍କ ପରିବାର ସହ ବଡ଼ମାଳ ଓ ଆଖପାଖ ଅଞ୍ଚଳ ପାଇଁ ଗର୍ବର ବିଷୟ ହୋଇଛି । ତାଙ୍କର ଏହି ସଫଳତା ଅନ୍ୟମାନଙ୍କୁ ମଧ୍ୟ କର୍ତ୍ତବ୍ୟ ପ୍ରତି ନିଷ୍ଠାବାନ ରହିବାକୁ ପ୍ରେରଣା ଯୋଗାଇବ ।

# ଅବସର କାଳୀନ ସମ୍ବର୍ଦ୍ଧନା ସଭା

କଣ୍ଟିଗଡ଼ିଆ୧୧/୧୦(ନି ସୂ) : ଧର୍ମଶାଳା ଶିକ୍ଷା ମଣ୍ଡଳ ଅନ୍ତର୍ଗତ କଣ୍ଟିଗଡିଆ ଗ୍ରାମରେ ଥିବା କଣ୍ଟିଗଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଧର୍ମଶାଳା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ତଥା ଅବସରପ୍ରାପ୍ତ ବରିଷ୍ଠ ପ୍ରଧାନ ଶିକ୍ଷକ ଆର୍ତ୍ତତ୍ରାଣ ସେଠୀଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।ବରିଷ୍ଠ ଶିକ୍ଷାବିତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଭୁତି ଭୂଷଣ ପାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଧର୍ମଶାଳାର ବିଧାୟକ ହିମାଂଶୁ ଶେଖର ସାହୁଙ୍କ ମାଆ ମିନତୀ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଅକ୍ଷୟ କୁମାର ମଲ୍ଲିକ(ପୂର୍ବତନ ଅତିରିକ୍ତ କମିଶନର, ଯାଜପୁର),ବିଜୟ କୁମାର ନାୟକ(ଉପଦେଷ୍ଟା ଶିକ୍ଷକ ସଙ୍ଘ, ଓଡିଶା), ଶିଶୁ ସାହିତ୍ୟିକ ଡ. ପ୍ରିୟନାଥ ମହାପାତ୍ର,ଯୁଗଳ କିଶୋର ଦାସ(ଉପଦେଷ୍ଟା, ଧର୍ମଶାଳା ଶିକ୍ଷକ ସଙ୍ଘ), ବ୍ରଜ କିଶୋର ପଣ୍ଡା (ସମ୍ପାଦକ, ପ୍ରାଥମିକ ଶିକ୍ଷକ ସଙ୍ଘ, ଧର୍ମଶାଳା),ଅଧ୍ୟାପକ ବିଜୟ କେତନ ସାମଲ, ବଡ଼ଚଣା ଶିକ୍ଷକ ସଙ୍ଘ ସଭାପତି ସନ୍ତୋଷ କୁମାର ଜେନା, ସମ୍ପାଦକ ପ୍ରଶାନ୍ତ କୁମାର ବେହେରା ଓ ସ୍ଥାନୀୟ ସିଆରସିସି ଭଗବାନ ବେହେରା ପ୍ରମୁଖଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।ଏହି ଉତ୍ସବରେ ଆଞ୍ଚଳିକ ସାଧନ କେନ୍ଦ୍ର, ଧର୍ମଶାଳା ଶିକ୍ଷକ ସଙ୍ଘର ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଓ କଣ୍ଟିଗଡ଼ିଆ ଗ୍ରାମବାସୀ ଉପସ୍ଥିତ ଥିଲେ ।

Printed Published and owned By Satya Brata Patra, Published from AT- Jhumpan, PO-Naguan, PS-Korai, Dist- Jajpur, Odisha, pin-755019 , Printed at M/S Janjalidevi Printers & Publishers, 131, Rajarani Nagar, Bhubaneswar, Dist-Khordha, Odisha, Pin-751014, E mail- nirbhaysuchana@gmail.com, advtnirbhaysuchana@gmail.com Mob: 9937403435
ସଂପାଦକ- ସତ୍ୟବ୍ରତ ପାତ୍ର
Editor - SATYA BRATA PATRA